

ଦୀପିକାଙ୍କ ପରେ ଅଲ୍ଲୁ

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-349 ♦BHUBANESWAR ♦TUESDAY ♦17 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୪୯ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୭ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





No.1 Residential Institution

A School of Excellence For
Board / IIT-JEE / NEET / CUET / CA / UPSC Programme

KRISHNA VIKASH GROUP, BARGARH

NTA-NEET UG 2025 Result

Krishna Vikash Edu. Network | Odisha | Chhattisgarh | Andhra Pradesh

Krishna Vikash Group of Institutions

| Name | AIR* | Category | Marks | Percentile |
|---|---|---|---|---|
| PRATYUSH | 1178 | OBC | 582 | 99.85 |
| NAVNEET | 292 | ST | 500 | 97.61 |
| RITIKA | 1972 | GEN. | 578 | 99.82 |
| RUPA RANJITA | 2242 | GEN. | 575 | 99.79 |
| PIYUSH SAHU | 1891 | OBC | 573 | 99.77 |
| PIYUSH MISHRA | 2926 | GEN. | 567 | 99.71 |
| RONAK | 2679 | OBC | 565 | 99.68 |
| MUKESH | 3558 | GEN. | 562 | 99.64 |
| RAKESH | 2641 | OBC | 561 | 99.70 |
| SUBHAM | 5063 | GEN. | 552 | 99.47 |
| HARSHIT | 6189 | OBC | 546 | 99.34 |
| DEEPAL | 9258 | OBC | 535 | 99.05 |
| AMARNATH | 8639 | GEN. | 534 | 99.02 |
| NAMITA | 9653 | OBC | 534 | 99.02 |
| ASHUTOSH | 11349 | GEN. | 524 | 98.68 |
| ARYYAN | 14146 | OBC | 522 | 98.61 |
| LISA | 14432 | OBC | 521 | 98.57 |
| APARNA | 4061 | EWS | 518 | 98.45 |
| RAJAT | 15712 | OBC | 518 | 98.45 |
| NAMRATA | 14952 | GEN. | 512 | 98.20 |
| MADHUSUDAN | 19134 | OBC | 511 | 98.15 |
| NIRLIPTA | 16032 | OBC | 509 | 98.61 |
| JATINDRA | 24217 | OBC | 501 | 97.66 |
| ROHAN | 2501 | SC | 478 | 96.34 |
| HEMAKSHI | 3082 | SC | 470 | 95.82 |
| TAMANNA | 3892 | SC | 460 | 95.15 |
| SAMBHAVNA | 2092 | ST | 424 | 92.46 |
| PRAGYA | 2472 | ST | 416 | 91.80 |
| CHHAYAKANTA | 3602 | ST | 395 | 89.98 |
| PRERIT | 4776 | ST | 379 | 88.51 |
| BABITA | 27280 | OBC | 496 | 97.40 |
| JIYA | 21017 | GEN. | 495 | 97.35 |
| CHINMAYANANDA | 22760 | GEN. | 491 | 97.12 |
| MONALISA | 22963 | GEN. | 490 | 97.06 |
| RAJASHREE | 32770 | OBC | 487 | 96.89 |
| RIDDHI | 26745 | GEN. | 482 | 96.59 |
| PRAGATI | 28140 | GEN. | 479 | 96.40 |
| TAPASWINI | 38285 | OBC | 479 | 96.40 |
| SOUMYA RANJAN | 41375 | OBC | 474 | 96.08 |
| SHIVAM | 29764 | GEN. | 470 | 96.15 |
| ROHAN | 45207 | OBC | 469 | 95.76 |
| SOUMYA RANJAN | 32233 | GEN. | 469 | 95.76 |
| DEVESH | 10075 | ST | 327 | 83.13 |
| SIKHA RANI | 9146 | SC | 422 | 92.29 |

NTA-NEET (UG) 2025 Results Analysis

02 Eligible for AIIMS | 43 Eligible for Govt. Seats | 13 Above 99 Percentile | 63 Above 90 Percentile

JEE Adv. 2025 Results

| Name | AIR |
|---|---|
| HEMANEEL | ST 366 |
| SAMBHAVNA | ST 726 |
| TUSHARAKANTA | SC 3573 |
| PARTHA | SC 4742 |

JEE Mains 2025 Final Results

PRATYUSH 99.39 Percentile TOTAL

Students Eligible to get Admissions in NITs (as per 2024 Cut-off) 53

| 98 Percentile & Above in Total | 97 Percentile & Above in Total | 96 Percentile & Above in Total | 95 Percentile & Above in Total |
|---|---|---|---|
| 04 | 14 | 21 | 29 |

krishnavikash.com

23 Vibrant Years

ADMISSIONS OPEN (Co-Ed. Day/Residential)
Nursery to IX & XI CBSE & +2 CHSE
(XI Science / Commerce / Humanities | +2 Science / Commerce)

SUPER 40 (For 12th Pass Out Students)
1 Year Extended NEET/JEE/CUET Regular Classroom Programme

CBSE & SUPER40: 99376 18855, 63707 04779, 91245 99099, 93373 10441

CHSE : 70641 40000, 94393 53433, 94380 69105, 94375 89101

• ANGUL: 91246 09681 / 82 • ROURKELA: 70778 53111 • FIRST STEP, BARGARH: 70644 13477 • CEMENT NAGAR: 94396 65394 • BRAHMAPUR: 91246 09687 / 88
• RAIPUR: 77519 93222 • BHILAI: 91245 71067 / 68 / 69 • JAGDALPUR: 91240 87305 / 06 / 07 • VISAKHAPATNAM: 99662 12217 / 63014 64656.

*Category Rank

## ଅଣସର ଘରେ ମହାପ୍ରଭୁଙ୍କ ସେବା: ଆଜି ଓଷୁଅ ଲାଗି

# ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୬।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ସୋମବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ମଙ୍ଗଳବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇ ଦେଇଥାଏ।



ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଲୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ସୋମବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନିଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୋକମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ଣତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

---

**ବିଜେପିକୁ ଘେରିଲା କଂଗ୍ରେସ**

# ବର୍ଷ ଏକ; ପ୍ରତାରଣା ଅନେକ

ପୁରୀ,୧୬।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରିଛି। ନିଜର ଏକ ବର୍ଷର ସଫଳତାକୁ ନେଇ ବିଜେପି ପାଳନ କରୁଛି ବିକାଶ ପର୍ବ। ଠିକ୍ ଏହି ସମୟରେ କଂଗ୍ରେସ ଶାସକ ବିଜେପିକୁ ଘେରିଛି। କୌଣସି ପ୍ରତିଶ୍ରୁତି ବିଜେପି ପାଳନ କରିନି, ବରଂ ସାଧାରଣ ଜନତାଙ୍କୁ ପ୍ରତରଣା ଦେଇ ସେମାନଙ୍କ ଭରସା ଓ ବିଶ୍ୱାସ ଭାଙ୍ଗିଛି। ନେତା, ମନ୍ତ୍ରୀ କେବଳ ଟଙ୍କା ପଛରେ ଧାଇଁଥିବାବେଳେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ଶିଶୁ ସରକାର କହି ଲୋକଙ୍କୁ ଭୂଆଁ ବୁଲାଉଥିବା ବିଜେପି ଗରିବ ଖଟିଖିଆଙ୍କ ଟିକସ ଅର୍ଥକୁ ବେପରୁଆ ଭାବେ ଖର୍ଚ୍ଚ କରୁଛି। କେବଳ ବଡ଼ବଡ଼ ବିଜ୍ଞାପନ ମାଧ୍ୟମରେ ନିଜର ପ୍ରଚାରପ୍ରସାରରେ ମାତିଛନ୍ତି। ନିର୍ବାଚନ ସମୟରେ ଭୋଟରଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ଫେଲ୍ ମାରିଛନ୍ତି ବୋଲି କହିଛନ୍ତି କଂଗ୍ରେସର ବରିଷ୍ଠ ନେତା। ସୋମବାର ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ। "ବର୍ଷ ୧ ପ୍ରତାରଣା ଅନେକ', ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୩ ବର୍ଷର ବିଫଳତା ବିଷୟରେ ଆଲୋକପାତ କରାଯାଇଥିଲା।




ମୁଖ୍ୟଅତିଥି ତଥା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତ କହିଥିଲେ ଯେ ନିର୍ବାଚନ ସମୟରେ ସେମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଭୁଲିଯାଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଗଲା କୁଆଡ଼େ? ଚାଷୀଙ୍କୁ ଧାନରେ ଅଧିକ ୮୦୦ ଟଙ୍କା ଠନ୍ ଠନ୍ କରି ଗଣିଦେବେ ବୋଲି କହିଥିଲେ। ହେଲେ ମଣ୍ଡିରୁ ଧାନ ସଂଗ୍ରହ ହେଉନାହିଁ। ଅଧିକାଂଶ ମଣ୍ଡିରେ ଧାନ ନଷ୍ଟ ହେଉଛି। କଟ୍‌ନୀ ଛଟ୍‌ନୀ ୧୧ରୁ ୧୨ କେଜି କରାଯାଉଛି। ଏପଟେ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡ୍ ଦେବେ କହି ସେପଟେ ଲୁଟି ନେଉଛନ୍ତି। ରାଜ୍ୟରେ ଏବେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ

■ ରଙ୍ଗ ଆଉ ନାଁ ବଦଳା ସରକାର କହି ସମାଲୋଚନା
■ ନିର୍ବାଚନ ବେଳର ପ୍ରତିଶ୍ରୁତି କେବଳ ପ୍ରତାରଣା ପାଲଟିଛି

ବହୁ ଲୋକଙ୍କ ଜୀବନ ଗଲାଣି। ଦରଦାମ୍ ଉପରେ ଲଗାମ୍ ନାହିଁ। ସାଧାରଣ ଲୋକଟିଏ ଚଳିବା କଷ୍ଟକର ହୋଇପଡ଼ିଛି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଛି। ନାବାଳିକାଙ୍କୁ ଦୁଷ୍କର୍ମ କରାଯାଉଥିବାବେଳେ ଛାତ୍ରୀ ଗର୍ଭବତୀ ହେଉଛନ୍ତି। ହଜାର ହଜାର ପଦ ଫାଙ୍କା ପଡ଼ିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବାରୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଓଡ଼ିଶାର ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଏମିତି କି ଅନେକଙ୍କର ସେଠାରେ ମୃତ୍ୟୁ ଘଟୁଛି। ମୃତଦେହ ଆସିପାରୁ ନାହିଁ। ସରକାର ଆସିବାର ୨୪ ଘଣ୍ଟା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ। ହେଲେ ତାହାକୁ ଭୁଲିଯାଇଛନ୍ତି। ସରକାର କେବଳ ସବୁଜ ରଙ୍ଗ ବଦଳରେ ଗେରୁଆ ରଙ୍ଗ କରିବାରେ ଏକ ବର୍ଷ ବିତିଗଲା। ପହଲଗାମ୍‌ରେ ଯେଉଁ ୪ଜଣ ଆତଙ୍କବାଦୀ ଦମନଲୀଳା ରଚି ଧର୍ମ ପଚାରି ନିରୀହ ହିନ୍ଦୁମାନଙ୍କୁ ହତ୍ୟା କଲେ ସରକାର ସେମାନଙ୍କୁ ଏ ପର୍ଯ୍ୟନ୍ତ ମାରିପାରିଲେ ନାହିଁ ବୋଲି କହିଥିଲେ ଶ୍ରୀ ବାହିନୀପତି।

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ଆକାଶଛୁଆଁ। କିନ୍ତୁ ଏହି ବିଜେପି କଂଗ୍ରେସ ଶାସନ ସମୟରେ ଗ୍ୟାସ୍ ଦର ୪୩୫ ଟଙ୍କାକୁ ବୃଦ୍ଧି ହୋଇଥିବାରୁ ରାଜରାସ୍ତାରେ ଆନ୍ଦୋଳନ କରିଥିଲେ ବୋଲି କହିଥିଲେ। ଯୁବ କଂଗ୍ରେସ ନେତା ୟାସିର ନୱାଜ କେନ୍ଦ୍ର ମୋଦୀ ସରକାର ବାର୍ଷିକ ୨ କୋଟି ବେକାରୀଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲେ ମାତ୍ର ସେଥିରେ ବିଫଳ ହେଲେ। ରାଜ୍ୟ ସରକାର କଟ୍‌ନୀ ଛଟ୍‌ନୀ କରି ଚାଷୀଙ୍କୁ ଧୋକା ଦେଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଜଳସେଚନଠାରୁ ଆରମ୍ଭ କରି ପୁରୀ ଜିଲ୍ଲାରେ ମୁଖ୍ୟତଃ ଧାନ, ପାନ, ମୀନ ଏବଂ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଦିଗରେ ସରକାରଙ୍କୁ ନିଶାଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦନ ହୋଇଥିବାବେଳେ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ନିରୁପମା ପାତ୍ର, ଲକ୍ଷ୍ମୀଧର ପ୍ରଧାନ, ନୀଳମଣି ପ୍ରଧାନ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସସ୍ମିତା ସ୍ୱାଇଁ, ଉତ୍ତମ ଆଚାର୍ଯ୍ୟ, ସୁଜିତ୍ ମହାପାତ୍ର, ବିଶ୍ୱଭୂଷଣ ଦାସ, ପ୍ରେମାନନ୍ଦ ମହାନ୍ତି, ଉମାକାନ୍ତ ବରାଳ, ସେକ୍ ସଫିକ୍‌ଉଦ୍ଦିନ, ପ୍ରେମ୍‌ଜିତ୍ ମହାନ୍ତି, ଭାସ୍କର ସେଠ୍, ବୁଟୁ ସାହୁ, ଅରୋପ୍ରସାଦ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

---

## ସ୍ତ୍ରୀକୁ ଶାବଳରେ ଭୁସି ହତ୍ୟା

ବିଞ୍ଝାରପୁର,୧୬।୬(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହଁ ପଞ୍ଚାୟତ ବାଣପୁର ଗାଁରେ ସ୍ତ୍ରୀକୁ ଶାବଳରେ ଭୁସି ଭୁସି ହତ୍ୟା କରିଛି ସ୍ୱାମୀ। ପୁଲିସ୍ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସୂଚନା ମୁତାବକ, ଗାଁର ସୁଦାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ମଲ୍ଲିକ (୪୨) ଓ ଉଭୟ ରାତ୍ରୀଭୋଜନ ସାରି ସାଙ୍ଗ ହୋଇ ଶୋଇବାକୁ ଯାଇଥିଲେ। ତେବେ ମଧ୍ୟରାତ୍ରରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଫଳରେ ସ୍ୱାମୀ ସୁଦାମ ନରହନ୍ତା ପାଲଟିଯାଇଥିଲା। ଏକ ଶାବଳରେ ସ୍ତ୍ରୀ ଶାନ୍ତିଲତାକୁ ବାରବାର ଆଘାତ କରି ହତ୍ୟା କରିଥିଲା। ଚିତ୍କାର ଶୁଣି ଅନ୍ୟ ରୁମ୍‌ରେ ଥିବା ମା' ନିରୁପାୟ ହୋଇ ସୁଦାମର ସାନ ଭାଇକୁ ଡାକ ଛାଡ଼ିଥିଲେ। ସୁଦାମର ସାନ ଭାଇ ପହଞ୍ଚି ବହୁ ଅନୁରୋଧ କଲା ପରେ ସୁନାମ ଘରର କବାଟ ଖୋଲିଥିଲା। ରକ୍ତ ଜୁଡୁବୁଡୁ ହୋଇ ପଡ଼ି ରହିଥିବା ଶାନ୍ତିଲତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକ ଏକ ଅଟୋ ରିକ୍ସା ସାହାଯ୍ୟରେ ବୋହି ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତ ଶାନ୍ତିଲତାଙ୍କ ହତ୍ୟାକାରୀ ସ୍ୱାମୀ ସୁଦାମକୁ ଗିରଫ କରିଛନ୍ତି। ପୁଲିସ୍ ଥାନା କେସ ନଂ୨୮୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ଏହିପରି ହତ୍ୟାକାଣ୍ଡ ପଛରେ କ'ଣ ରହିଛି କାରଣ ତଦନ୍ତ ଚାଲିଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ କହିଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୬।୬(ସମିସ): ଆଜି ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କୋଳିଡ଼ିହ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ତଅଁଳାଡିହା ଗ୍ରାମର କୈଳାସ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦ ବର୍ଷ)। ସୂଚନା ମୁତାବକ, ସୋମବାର କାଜଲ ଖରସ୍ରୋତା ନଦୀ ସଂଲଗ୍ନ ତଅଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ।



ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଜୋର ନିକଟକୁ ଆସିଥିଲେ। ଜୋର ନିକଟକୁ ଆସି କାଜଲଙ୍କ କପଡା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିଥିଲେ ହେଁ ମହିଳାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି।

## ସିପିଇଡି ପରୀକ୍ଷାରେ ପାସ୍ ହାର ଶତ ପ୍ରତିଶତ

କଟକ,୧୬।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସିପିଇଡି (ସାର୍ଟିଫିକେଟ ଇନ ଫିଜିକାଲ ଏଜୁକେସନ) ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହିଛି। ମୋଟ୧୧୪ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ମେ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇଗୋଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

---

# ୧୭ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

## ରାଜ୍ୟର ଏକାଧିକ ଜିଲ୍ଲାକୁ ଅଗ୍ରସର ଯୋଗୁଁ ବର୍ଷା

ଭୁବନେଶ୍ୱର,୧୬।୬(ସମିସ): ଦୀର୍ଘ ୧୭ ଦିନ ପରେ ଆଗକୁ ବଢ଼ିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୯ ମେ'ଠାରୁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଥିଲା। ଫଳରେ ରାଜ୍ୟରେ ମୌସୁମୀ ଜନିତ ବର୍ଷାରେ ରୋକ୍ ଲାଗିଥିଲା। ମାତ୍ର ୧୭ ଦିନ ପରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ଅଗ୍ରସର ହୋଇଛି। ସୋମବାର ଆଇଏମ୍‌ଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମୌସୁମୀର ନିମ୍ନ ଚାପରେଖା ବରଗଡ଼ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ଏହାଦ୍ୱାରା ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସୋନପୁରସ ବୌଦ୍ଧ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ଜଣାପଡ଼ିଛି। ଏହାସହିତ ସମ୍ବଲପୁର, ବରଗଡ଼, ଅନୁଗୁଳ, କେନ୍ଦୁଝରେ ଆଦି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହେବା ସହ ସାରା ରାଜ୍ୟକୁ ଅଗ୍ରସର ହେବା ନେଇ ସମ୍ଭାବନା ରହିଛି।


ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ମୌସୁମୀ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଗତ ୨୪ ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୩୫, ଝାରସୁଗୁଡ଼ାରେ ୨୮, ଭଦ୍ରକ ୧୯, କେନ୍ଦୁଝରେ ୧୫ ଓ ବରଗଡ଼ ୧୩ ମିମି ବର୍ଷା ରେକର୍ଡ ହୋଇଛି। ଆଗକୁ ଆହୁରି ୨ ଟି ଅର୍ଥାତ ୨୪ ଏବଂ ୨୮ ତାରିଖରେ ବେଳକୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ଦେଓଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ ଏବଂ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କନ୍ଧମାଳ, ନବରଂଗପୁର, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଯୋଗୁଁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତି ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାର ଆଶଙ୍କା ରହିଛି। ଏଥିପାଇଁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ପାର୍ଶ୍ୱବର୍ତ୍ତି ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

---

# 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କ ପରଲୋକ

ପୁରୀ,୧୬।୬(ସମିସ): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନଭାଇ ତଥା ପୁରୀର 'ଥାଟରାଜା' ରଣାର୍ଣ୍ଣବ ଦେବଙ୍କର ପରଲୋକ ହୋଇଯାଇଛି। ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବେ ସେ ୧୫ ଦିନ ତଳୁ ସେ ଅସୁସ୍ଥ ହୋଇ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ପରେ



**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ଗଜପତି ମହାରାଜାଙ୍କ ସାନଭାଇ**

ତିନି ଦିନ ତଳେ ତାଙ୍କୁ ପୁରୀକୁ ନେଇ ଆସିଥିଲେ। ଇ-୨୪ରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୨ଟା ୬ ମିନିଟ୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀରକୁ ଶ୍ରୀନଅରକୁ ଅଣାଯାଇଥିଲା। ଷୋଳ କରଣଙ୍କ ସହାୟତାରେ ଥାଟରାଜାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥିଲେ ବି ସେବକ ପରିବାରର ହୋଇଥିବାରୁ ବଡ଼ଦେଉଳ ରୋଷଘରୁ ବୈଷ୍ଣବାଗ୍ନି ତଥା ଚମ୍ପା ଆସି ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା।

ଗଜପତି ମହାରାଜା ବୀରକିଶୋର ଦେବଙ୍କ ଦୁଇପୁଅ ମଧ୍ୟରୁ ସାନ ଥିଲେ ଥାଟରାଜା ରଣାର୍ଣ୍ଣବ ଦେବ। ଅଧିକାଂଶ ସମୟ ସେ ନୀଳଗିରିସ୍ଥିତ ରାଜବାଟୀରେ ନିଜ ମାମୁ ଘରେ ରହି ଆସୁଥିଲେ। ଶ୍ରୀମନ୍ଦିରରେ ତାଙ୍କର କୌଣସି ବିଶେଷ ସେବା ନ ଥିଲେ ମଧ ବଡ଼ଭାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସୁନିଆଁ, ଛେରାପହଁରା ଆଦି ବିଶେଷ ସେବାରେ ସାମିଲ୍ ହେଉଥିଲେ। ତଢ଼ାଉକରଣ ସେବକ ସୁଧାଂଶୁ ପଟ୍ଟନାୟକ କହିଛନ୍ତି, ଷୋଳ କରଣ ହେଉଛନ୍ତି ରାଜ ପରିବାରର ଜ୍ଞାତି କୁଟୁମ୍ବ। ଥାଟରାଜା ରାଜ ପରିବାରର ହୋଇଥିଲେ ମଧ ଶ୍ରୀମନ୍ଦିରରେ ତାଙ୍କର କୌଣସି ସ୍ୱତନ୍ତ୍ର ସେବାପୂଜା ନ ଥାଏ। ସେ ସ୍ୱର୍ଗବାସ କରିଥିଲେ ହେଁ ଗଜପତି ମହାରାଜା ଅଶୌଚ ହୁଅନ୍ତି ନାହିଁ। ନିଜ ପିତାମାତାଙ୍କ ମୃତ୍ୟୁ ହେଲେ ମଧ ରାଜା ଅଶୌଚ ହୋଇ ନ ଥା'ନ୍ତି। ତେଣୁ ଗଜପତି ମହାରାଜାଙ୍କର ରଥଯାତ୍ରାରେ କୌଣସି ନୀତିକାନ୍ତି ବାଧାପ୍ରାପ୍ତ ହେବ ନାହିଁ।

---

**ଆରଡ଼ି ପୀଠରେ ଅବ୍ୟବସ୍ଥା**

# ଡହଡହ ଖରାରେ ୪ କିମି ଚାଲିଲେ ଭକ୍ତ

ଭଦ୍ରକ/ଆରଡି, ୧୬।୬ (ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ହଟହଟା ହୋଇଛନ୍ତି ଶ୍ରଦ୍ଧାଳୁ। ପୀଠରେ ଅବ୍ୟବସ୍ଥା ଯୋଗୁଁ ଗତ ରବିବାର ଓ ସୋମବାର ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଉଭୟ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଗତକାଲି ରଜ ସଂକ୍ରାନ୍ତି ଓ ଆଜି ସୋମବାରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ମଧ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ଘୋର ଅବ୍ୟବସ୍ଥା ଯୋଗୁଁ ଯାତାୟାତଠାରୁ ଆରମ୍ଭ କରି ପିଇବା ପାଣି ଓ ବାବାଙ୍କ ଦର୍ଶନ ନିମନ୍ତେ ହନ୍ତସନ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ସୋମବାର ସକାଳୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସୁରକ୍ଷା କର୍ମୀ ଓ ପ୍ରଶାସନିକ ଅଧିକାରୀ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟା ଧରି ଠେଲାପେଲା ଲାଗି ରହିଥିଲା। ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଚୁପ୍ ରହିଥିଲା। ବିଶେଷକରି ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଜଣେ ହେଲେ ସୁରକ୍ଷା କର୍ମୀ ରହିବା ତ ଦୂରର କଥା ବ୍ୟାରିକେଡ ବ୍ୟବସ୍ଥା ଥିଲେ ମଧ ନ ଥିଲା ପରି ଅବସ୍ଥା ଦେଖାଦେଇଥିଲା। ମନ୍ଦିର ମଧ୍ୟକୁ ମହିଳା ଓ ପୁରୁଷ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା।

**ଠେଲାପେଲାରେ ମହିଳା ଓ ଶିଶୁ ସଂଜ୍ଞାହୀନ**

**ବାବାମଣିଙ୍କ ଦର୍ଶନରୁ ବଞ୍ଚିତ ଶହଶହ ଭକ୍ତ**

**ବିଜୁଳି କାଟ୍; ୪ଘଣ୍ଟା ମନ୍ଦିର ପରିସର ଅନ୍ଧାର**

**ମିଳିଲାନି ପାଣି; ଶିବଗଙ୍ଗାର ଜଳ ପିଇଲେ**



ଫଳରେ ଦୀର୍ଘ ଘଣ୍ଟା ଧରି ଧାଡିରେ ଛୋଟଛୋଟ ପିଲା ଓ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ଅନ୍ୟପଟେ ମନ୍ଦିର ସମ୍ମୁଖ ଦର୍ଶନ ପଥରେ ଛାମୁଣ୍ଡିଆ ନ ଥିବାରୁ ଡହଡହ ଖରାକୁ ଅସହ୍ୟ ଗୁଳୁଗୁଳିରେ ସିଜିଥିଲେ ଭକ୍ତ।

ସେହିପରି ପୀଠରେ ଦୀର୍ଘ ୪ ଘଣ୍ଟା ଧରି ବିଜୁଳି କାଟ୍ ଯୋଗୁଁ ମନ୍ଦିର ଭିତର ପରିସର ଅନ୍ଧକାର ରହିବା ସହ ପାନୀୟଜଳର ଘୋର ସଂକଟ ଦେଖାଦେଇଥିଲା। ଫଳରେ ଭକ୍ତମାନେ ବାଧ ହୋଇ ଶିବଗଙ୍ଗା ପୁଷ୍କରିଣୀ ଜଳରେ ଶୋଷ ମେଣ୍ଟାଇଥିଲେ। ସେପଟେ ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟରାସ୍ତାର ମଠଡିହଠାରୁ ପୀଠର ବାଇପାସ୍ ଯାଏଁ ଅଣଓସାରିଆ ରାସ୍ତା ହୋଇଥିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବାରୁ ଡହଡହ ଖରାରେ ଦୀର୍ଘ ୪କିମି ଚାଲିଚାଲି ଆସିଥିଲେ ହଜାର ହଜାର ଭକ୍ତ। ବିଶେଷକରି ବାଇପାସ୍ ରାସ୍ତାର ବେନିୟମ ଭାବେ କିଛି ସ୍ଥାନୀୟ ଲୋକ ଜବରଦଖଲ କରିବା ସହ ନିଜର ଚାରିଚକିଆ ଯାନ ରଖିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ଆଣିଥିଲେ ମଧ ସନ୍ତୋଷଜନକ ଉତ୍ତର ନ ପାଇ ନିରାଶ ହୋଇ ଦର୍ଶନରୁ ବଞ୍ଚିତ ହୋଇ ଫେରିଯାଇଥିଲେ।

---

## ଆଜି ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୬।୬(ସମିସ): ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଠାରୁ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ଏନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଛି ଓ ପୂର୍ଣ୍ଣ ଭାବେ ପୂର୍ବପରି ପାଠପଢ଼ା ଆରମ୍ଭ କରିବାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ସରକାରୀ ଓ ବେସରକାରୀ କଲେଜକୁ ଏପ୍ରିଲ୍ ୨୩ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ହେଲେ ଏହି ଛୁଟି ସମୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ସୂଚୀ ଅନୁଯାୟୀ ପରୀକ୍ଷା ହେବ ବୋଲି କୁହାଯାଇଥିଲା। ଫଳରେ ମେ ୫ରୁ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି ହୋଇଥିଲା। ପ୍ରାୟ ୪୩ ଦିନ ପରେ ଆସନ୍ତାକାଲି ପାଠପଢ଼ା ଆରମ୍ଭ ହେବ।

---

**ଆଡ଼ପ ପହଣ୍ଡି ଅଘଟଣ**


# ପ୍ରାୟଶ୍ଚିତ ହେଲାନି; ଫଳ ଭୋଗୁଛନ୍ତି ଦେଶବାସୀ!

ପୁରୀ,୧୬।୬(ସମିସ): ଗତବର୍ଷ ଜୁଲାଇ ୯ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଲାଗିଥିଲା ଶକ୍ତ ଆଘାତ। ଆଡପ ପହଣ୍ଡି ସମୟରେ ଚାରମାଳ ଉପରେ ମୁହଁମାଡ଼ି ପଡିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଅନେକ ସେବାୟତ ମଧ ଆହତ ହୋଇଥିଲେ। ମାତ୍ର ଏହି ଘଟଣାର ଏହାର କୌଣସି ପ୍ରାୟଶ୍ଚିତ କରାଗଲା ନାହିଁ। ଏହି ଆଡପ ପହଣ୍ଡି ଅଘଟଣର ଫଳ ଭୋଗୁଛନ୍ତି ଦେଶବାସୀ। ପ୍ରାୟଶ୍ଚିତ ନ କରିବାରୁ ରାଜ୍ୟ, ଦେଶ ବିପଦର ସାମ୍ନା କରୁଛି। ବଢୁଛି ଦୁର୍ଘଟଣା, ହତ୍ୟା, ମୃତ୍ୟୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ। ଏପରି କି ଗଜପତି ମହାରାଜାଙ୍କ ପରିବାର ଉପରେ ମଧ ଏହାର ପ୍ରଭାବ ପଡିଥିବା ପଣ୍ଡିତ ଆଶଙ୍କା କରିଥିବା ବେଳେ ସାଧାରଣରେ ମଧ ଏହି ଚର୍ଚ୍ଚା ଜୋର୍ ଧରିଛି। ଗଜପତି ମହାରାଜାଙ୍କ ପରିବାର ସଦସ୍ୟ ଥାଟରାଜା ରଣାର୍ଣ୍ଣବ ଦେବଙ୍କ ବିୟୋଗ ଘଟିଛି। ପ୍ରାୟଶ୍ଚିତ ବିଧି କରିଥିଲେ ହୁଏତ ଏଭଳି କ୍ଷତି ହୋଇ ନ ଥାନ୍ତା ବୋଲି ମତ ଦେଇଛନ୍ତି ପଣ୍ଡିତ ବିଶ୍ୱମ୍ଭର ଦାଶ।

ଗତବର୍ଷ ଆଡପମଣ୍ଡପ ବିଜେ ପହଣ୍ଡି ସମୟରେ ପଡିଯାଇଥିଲେ ବଡଠାକୁର ବଳଭଦ୍ର। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ଠାକୁର ପଡିଗଲେ କ'ଣ ହୁଏ ତାହା ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଥିବା ବେଳେ ଶାନ୍ତି ବିଧାନ ବା ପ୍ରାୟଶ୍ଚିତର ମତ ଦେଇଥିଲେ ପଣ୍ଡିତ। ନୀଳାଦ୍ରି ମହୋଦୟ ଗ୍ରନ୍ଥରୁ ଉଦ୍ଧୃତ ରାଧାବଲ୍ଲଭ ମଠ ମହନ୍ତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଦାସ ମହାରାଜ କହିଥିଲେ, ଏହିପରି ଅଘଟଣ ଘଟିଲେ ରାଷ୍ଟ୍ର ପ୍ରତି ବହୁ ବିପଦ ଦେଖାଯାଏ। ଏହି ଅଘଟଣ ଦେଖାଗଲେ କ'ଣ ହୁଏ ସେ ସମ୍ପର୍କରେ ସ୍ୱୟଂ ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। 'ହେ ରାଜା ! ଅସାବଧାନତା ହେତୁ ଯଦି ଜଗନ୍ନାଥ, ବଳଭଦ୍ର କିମ୍ବା ସୁଭଦ୍ରା ତଳେ ପଡିଯାଆନ୍ତି ତେବେ ରାଜ୍ୟ ରାଜାଙ୍କର ଏବଂ ରାଜ୍ୟର ମହା ଅନିଷ୍ଟ ହେବ। ଦୁର୍ଭିକ୍ଷ ପଡିବ, ମହାମାରୀ ବାରମ୍ବାର ହେବ। ପହଣ୍ଡି ସମୟରେ ଠାକୁର ପଡିଗଲେ ମହିଷୀ (ରାଣୀ)ଙ୍କର କ୍ଷତି ହେବ। ତେଣୁ ବିଷ୍ଣୁଙ୍କର ପ୍ରୀତି ଉଦ୍ଦେଶ୍ୟରେ ଶାନ୍ତି ବିଧାନ କରିବ। ବ୍ରାହ୍ମଣମାନଙ୍କ ଦ୍ୱାରା ମୂଳମନ୍ତ୍ର ଏକ ଲକ୍ଷ ବାର ଜପ କରାଇବ। ସେତିକି ସଂଖ୍ୟକ ଅର୍ଥାତ୍ ଗବ୍ୟ ଘୃତରେ ଏକ ଲକ୍ଷ ଆହୁତି ଦେଇ ହୋମ କରିବ। ତାହାର ଏକ ଦଶମାଂଶ ଅର୍ଥାତ୍ ଦଶହଜାର ତର୍ପଣ କରାଇବ।' ସେହିପରି ବାମଦେବ ସଂହିତାରୁ ଉଦ୍ଧୃତ କରି ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଥିଲେ, ଠାକୁର ଯଦି ରଥରୁ ଅକସ୍ମାତ ପଡିଯାନ୍ତି ତେବେ ରାଜା ଏବଂ ରାଜ୍ୟ ଉଭୟଙ୍କର କ୍ଷତି ହୋଇଥାଏ। ରାଜ୍ୟରେ ଦୁର୍ଭିକ୍ଷ, ମୃତ୍ୟୁ ଭୟ ବଢିଯାଏ।

ପଣ୍ଡିତମାନେ ପ୍ରାୟଶ୍ଚିତ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ତାହା ପାଳନ କରାଯାଇ ନାହିଁ। ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି, ବଳଭଦ୍ର ମହାପ୍ରଭୁ ଯଦି ପଡିଯାନ୍ତି ତେବେ ରାଷ୍ଟ୍ରର କ୍ଷତି ହୋଇଥାଏ, ଯାହାର ଫଳସ୍ୱରୂପ ଅତୀତରେ ବାତ୍ୟା, ଅଦିନରେ ମରୁଡ଼ି, ଭୂମିକମ୍ପ, ଯୁଦ୍ଧର ଘନଘଟା ଲାଗିରହିଛି। ଏହାରି ଭିତରେ ଆଜି ଆଉ ଏକ ଦୁଃଖଦ ଘଟଣା ଘଟିଛି। ବଳଭଦ୍ର ପଡିଯିବାର ବର୍ଷେ ନ ପୁରୁଣୁ ଗଜପତି ମହାରାଜାଙ୍କ ସାନଭାଇ ରଣାର୍ଣ୍ଣବ ଦେବଙ୍କର ରବିବାର ରାତିରେ ସ୍ୱର୍ଗବାସ ହୋଇଛି। ଧର୍ମଶାସ୍ତ୍ର ଅବମାନନା କଲେ ଆମକୁ ଏହିଭଳି ବିପଦର ସମ୍ମୁଖୀନ ହେବାକୁ ପଡିବ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ହେଉ କି ଅହମ୍ମଦାବାଦ ବିମାନ ଦୁର୍ଘଟଣା, କୁମ୍ଭମେଳା ଦଳଚକଟା ହେଉ କି କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା ଅବା ଆର୍‌ସିବି ବିଜୟ ଉତ୍ସବ ଦଳଚକଟା ଏବଂ ପୁଣେରେ ବ୍ରିଜ ଭାଙ୍ଗିବା। ଏମିତି ଅନେକ ଅଘଟଣ ଘଟି ଶହ ଶହ ନିରୀହ ଜୀବନ ଗଲାଣି। ଦେଶରେ ଯୁଦ୍ଧ ପରିସ୍ଥିତି ମଧ ସୃଷ୍ଟି ହୋଇଛି। ଏହାଛଡା ବନ୍ୟା, ବାତ୍ୟା, ହଇଜା ପରି ଅନେକ ବିପର୍ଯ୍ୟୟର ଲୋକେ ସାମ୍ନା କରିଛନ୍ତି। ଧାର୍ମିକ ବିଧିବିଧାନ ବା ଶାସ୍ତ୍ରୀୟ ମତ ଅନୁଯାୟୀ ବଳଭଦ୍ର ପଡିବାର ପ୍ରାୟଶ୍ଚିତ ବିଧି କରାଯାଇଥିଲେ ହୁଏତ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି କହିଛନ୍ତି ଜ୍ୟୋତିର୍ବିଦ୍ ପଣ୍ଡିତ ହରିଶଙ୍କର ମିଶ୍ର।




ଅକ୍ଟୋବର ୫ରେ
ଭାରତ-ପାକ୍ ଲଢ଼େଇ

▸ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-349 ◆BHUBANESWAR ◆TUESDAY ◆17 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୪୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଲାଗୁହେଲା ନୂଆ ୟୁପିଆଇ ପେମେଣ୍ଟ ନିୟମ

### ୫୦% ଫାଷ୍ଟ ହେବ ପେମେଣ୍ଟ

### ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ହେବ ପେମେଣ୍ଟ

■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆଜିଠାରୁ ଦେଶରେ ଲାଗୁ ହୋଇଛି ନୂଆ ୟୁପିଆଇ ପେମେଣ୍ଟ ନିୟମ। ଏଥିଯୋଗୁ ୟୁପିଆଇ ପେମେଣ୍ଟ ୫୦% ଫାଷ୍ଟ ବା ଦ୍ରୁତ ହୋଇଛି। ଏହାଫଳରେ ବର୍ତ୍ତମାନ ପେମେଣ୍ଟ ପ୍ରକ୍ରିୟା ସର୍ବାଧିକ ୧୫ ସେକେଣ୍ଡରେ ସମାପ୍ତ ହେବ, ଏଥିପାଇଁ ପୂର୍ବ ପରି ଆଉ ୩୦ ସେକେଣ୍ଡ ଅପେକ୍ଷା କରିବାକୁ ପଡିବନାହିଁ। ଅର୍ଥାତ୍ ଏଣିକି କୌଣସି ୟୁପିଆଇ ପେମେଣ୍ଟ ୩୦ ନୁହେଁ ସର୍ବାଧିକ ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ଗତ ମାସରେ ୟୁପିଆଇ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଥିଲା, ଯାହା ଜୁନ୍ ୧୬ଠାରୁ ଲାଗୁ ହୋଇଛି।

ପୂର୍ବରୁ 'ଫୋନ୍ ପେ', ଗୁଗୁଲ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍ ମାଧ୍ୟମରେ ପେମେଣ୍ଟ କରିବାବେଳେ କେତେକ ସମୟରେ କାରବାର ଶେଷ ହେବା ପାଇଁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଗତ ମାସରେ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ଆପ୍ସଗୁଡିକୁ ସେମାନଙ୍କର ସିଷ୍ଟମ ଅପଗ୍ରେଡ୍ କରିବାକୁ କହିଥିଲା, ଯାହା ଦ୍ୱାରା ପେମେଣ୍ଟ ମାତ୍ର ୧୫ ସେକେଣ୍ଡରେ ସମ୍ପୂର୍ଣ୍ଣ ହେବ। ଏନ୍‌ପିସିଆଇ ଏହି ଅପ୍‌ଗ୍ରେଡେସନ୍ ପାଇଁ କିଛି ବୈଷୟିକ ଜିନିଷରେ ପରିବର୍ତ୍ତନ ଘଟାଇଛି, ଯାହା ଏପିଆଇ ଅର୍ଥାତ୍ ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ସହିତ ଜଡିତ। ସରଳ ଭାଷାରେ କହିବାକୁ ଗଲେ ▸ପୃଷ୍ଠା-୭

## ଉତ୍ତର ପ୍ରଦେଶରେ ବଜ୍ରପାତ; ୪୮ ଘଣ୍ଟାରେ ୩୪ ମୃତ



■ **ଲକ୍ଷ୍ନୌ, ୧୬।୬ (ଏଜେନ୍ସି):** ଉତ୍ତର ପ୍ରଦେଶରେ ଝଡ଼ବାତ୍ୟା ସହିତ ବଜ୍ରପାତ ଆତଙ୍କ ସୃଷ୍ଟି କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ରାଜ୍ୟରେ ୩୪ ଜଣଙ୍କ ଜୀବନ ନେଇଛି। ଅନେକ ଲୋକଙ୍କ ମଧ୍ୟ ଆହତ ହୋଇଛନ୍ତି। ରାଜ୍ୟର ୧୫ ଜିଲ୍ଲାରେ ଏହି ଜୀବନ ଯାଇଛି। ପାଣିପାଗରେ ହଠାତ ପରିବର୍ତ୍ତନ ଯୋଗୁଁ ଜିଲ୍ଲାଗୁଡିକରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କାଶଗଞ୍ଜ ଏବଂ ଫେତହପୁର ଜିଲ୍ଲାରେ ୫ ଜଣ ଲେଖାଏଁ, ମିରଟ ଏବଂ ଗୌତମ ବୁଦ୍ଧନଗରରେ ୪ ଜଣ ଲେଖାଏଁ, ବୁଲନ୍ଦସହରରେ ତିନି ଜଣ, ଔରିଆ, କାନପୁର ନଗର, କାନପୁର ଦେହାତ ଏବଂ ଇଟୱାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଦେବା ପାଇଁ ପ୍ରଭାବିତ ଜିଲ୍ଲାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଗଛ ପଡି, ବଜ୍ରପାତରେ, କାନ୍ଥ ଆଦି ଭୁଶୁଡି ଏବଂ ପାଣିରେ ବୁଡି ମଧ୍ୟ ଅନେକ ଜୀବନ ଯାଇଛି। ସେହିପରି ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବରେଲିରେ ପ୍ରବଳ ବର୍ଷା ଯୋଗୁଁ ଏକ ହାଇୱେ ମଧ୍ୟ ବୁଡି ଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଥମୁନି ଝାଡ଼ାବାନ୍ତି

## ଯାଜପୁରରେ ପୁଣି ବଢ଼ିଲା ରୋଗୀ ସଂଖ୍ୟା

### ସୁକିନ୍ଦାରେ ଦୁଇ ମୃତ ■ ୧୫ଦିନ ପାଇଁ ହୋଟେଲ, ଜଳଖିଆ ଦୋକାନ ବନ୍ଦ ନିର୍ଦ୍ଦେଶ

■ **ଯାଜପୁର, ୧୬।୬ (ସମିସ):** ଯାଜପୁରରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଡେଇଁ ଏହା ରାଜ୍ୟର ୮ଟି ଜିଲ୍ଲାକୁ ମଧ୍ୟ ବ୍ୟାପିଗଲାଣି। ତଥାପି ଏହି ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିବା ପରେ ଏହାକୁ ନେଇ ସରକାରଙ୍କ ଚିନ୍ତା

### ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱିତୀୟ ସମୀକ୍ଷା

ବଢ଼ିବାରେ ଲାଗିଛି। କେନ୍ଦ୍ରୀୟ ଟିମ୍ କେବଳ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଥିଲେ ମଧ୍ୟ ଏହି ଝାଡ଼ାବାନ୍ତିର ମୁଖ୍ୟ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରତିଦିନ ଜିଲ୍ଲାରେ ମଧ୍ୟ ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପରିସ୍ଥିତି ଅଣାୟତ ଅବସ୍ଥା ଆଡକୁ ଯାଉଥିବା ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଆସି ଆକ୍ରାନ୍ତମାନଙ୍କୁ ଭେଟିବା ସହିତ ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଯାଇଛନ୍ତି। ଆଜି ସ୍ୱାସ୍ଥ୍ୟ ସଚିବ ଏସ୍. ଆଶ୍ୱଥି ଦ୍ୱିତୀୟ ଥର ଜିଲ୍ଲାକୁ ଆସି ପରିସ୍ଥିତିର ସମୀକ୍ଷା କରିଛନ୍ତି।



ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ୧୩ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୪ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ତେବେ ଘରୋଇ ଡାକ୍ତରଖାନାର ରୋଗୀଙ୍କୁ ହିସାବକୁ ନେଲେ ଜିଲ୍ଲାରେ ମୋଟ ୨୫୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତକାଲି ୩ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ▸ପୃଷ୍ଠା-୭

## ଟାଙ୍ଗୀ-ଚୌଦ୍ୱାରରେ ଜଣେ ମୃତ, ୧୦ ଆକ୍ରାନ୍ତ

### ଅଧିକାଂଶ ଆକ୍ରାନ୍ତ ରୋଗୀ ଘରୋଇ ହସ୍ପିଟାଲରେ ଭର୍ତ୍ତି

■ **ଟାଙ୍ଗୀ, ୧୬।୬ (ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକସ୍ଥିତ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ମହିଳା ଉର୍ମିଳା ବଳ (୩୯)ଙ୍କ ରବିବାର ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି।



## ପୁରୁଷ ବନ୍ଧୁଙ୍କୁ କାବୁକରି କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ




### ୭ ଅଭିଯୁକ୍ତ ଅଟକ, ୩ ଫେରାର୍

■ **ବ୍ରହ୍ମପୁର,୧୬।୬(ସମିସ):** କ୍ରମାଗତ ଭାବେ ଗୋଟିକ ପରେ ଗୋଟିଏ ଗଣଦୁଷ୍କର୍ମ ଘଟଣା ଗୋପାଳପୁର ନିର୍ବାଚନମଣ୍ଡଳୀକୁ ଲଜ୍ଜିତ କରିଛି। ଦୁଇଦିନ ତଳେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକା ଓ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ବେଳେ ରବିବାର ଗୋପାଳପୁର ବେଳାଭୂମିକୁ ନିଜ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଯୁକ୍ତ ତିନି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୋଗକୁ ଆଧାରରେ ପୁଲିସ ୭ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଆଉ ୩ ଜଣ ଫେରାର୍ ହୋଇଯାଇଛନ୍ତି। ପୁଲିସ ସୂଚନା ଅନୁସାରେ, ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ରେ ଅଧ୍ୟୟନ କରନ୍ତି। ରବିବାର ଅପରାହ୍ନରେ ସେ ନିଜ ପୁରୁଷ ବନ୍ଧୁଙ୍କ ସହ ସେ ଗୋପାଳପୁର ବେଳାଭୂମିକୁ ବୁଲି ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟେ ବସିଥିବାବେଳେ ହିଞ୍ଜିଳିକାଟୁ ସମେତ ଅନ୍ୟାନ୍ୟ ଅଞ୍ଚଳର ୧୦ଜଣ ଯୁବକ ସେମାନଙ୍କୁ ଘେରିଯାଇ ପ୍ରଥମେ ଅସଦାଚରଣ କରିଥିଲେ। ପରେ ପୁରୁଷ ବନ୍ଧୁକୁ କିଛି ଯୁବକ କାବୁ କରି ଯୁବତୀକୁ ବଳପୂର୍ବକ ନିକଟସ୍ଥ ଏକ ଅନ୍ଧାରିଆ ସ୍ଥାନକୁ ଉଠାଇ ନେଇଥିଲେ। ପ୍ରାୟ ୩ ଜଣ ଯୁବକ ସେଠାରେ ଯୁବତୀଙ୍କୁ ଦୁଷ୍କର୍ମ କରି ଚମ୍ପଟ ମାରିଥିବା ଜଣାପଡିଛି। ଘଟଣା ପରେ ରାତି ପ୍ରାୟ ସାଢେ ୧୦ଟାରେ ଥାନାର ▸ପୃଷ୍ଠା-୭

### ଭୋଜି ଖାଇ ଫେରୁଥିଲେ

## ବଜ୍ରପାତରେ ୨ ମୃତ



■ **ଗୁଡାରୀ, ୧୬।୬ (ସମିସ):** ରଜ ପର୍ବ ଭୋଜି ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ମୁତାବକ ସୋମବାର ଶେଷ ରଜ ଉପଲକ୍ଷେ ରାୟଗଡ଼ା ଜିଲ୍ଲା ମିଲୁ ଡେପସାହିର ପ୍ରାୟ ୪୦ ଜଣ ବଣଭୋଜିର ଆୟୋଜନ କରିଥିଲେ। ଅପରାହ୍ଣରେ ବଣଭୋଜି ଶେଷ କରି ସେମାନେ ଆନନ୍ଦରେ ଘରକୁ ଫେରୁଥିଲେ। ଏହି ସମୟରେ ଅଚାନକ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ପ୍ରସାଦ ଗୌଡଙ୍କ ଝିଅ ସୁନାଲି ଗୌଡ (୨୪), ଫାଲଗୁନି ଗୌଡ଼ଙ୍କ ପତ୍ନୀ ରୁପାଲି ଗୌଡ଼(୨୧) ଓ ର୍ ମୋନଜ ଗୌଡଙ୍କ ପତ୍ନୀ କାଜଲ ଗୌଡ଼ (୨୦) ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ସମସ୍ତଙ୍କୁ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୁନାଲି ଗୌଡ଼ ଓ ରୁପାଲି ଗୌଡ଼ଙ୍କୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ପଠାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର କାଜଲଙ୍କୁ ପ୍ରଥମେ ଗୁଣୁପୁରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଉଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜଣେ ଗୁରୁତର

## ଜଳପ୍ରପାତ ସ୍ରୋତରେ ଭାସିଗଲେ ୨ ନାବାଳକ

### ଜଣଙ୍କ ମୃତଦେହ ଉଦ୍ଧାର

■ **କୋଟପାଡ଼, ୧୬।୬ (ସମିସ):** କୋରାପୁଟ ଜିଲ୍ଲା କୋଟପାଡ଼ ଛୋଟର୍ଲା ପଞ୍ଚାୟତ ନିକଟସ୍ଥ ଗୁଲମୀ ଜଳପ୍ରପାତ ସ୍ରୋତରେ ଦୁଇ ଜଣ ନାବାଳକ ଭାସି ଯାଇଛନ୍ତି। ଜଣେ ନାବାଳକଙ୍କର ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତ ନାବାଳକ ଜଣକ ହେଲେ ଆଲୋକ ରାଜ ସୁନା (୧୬)। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୂଚନା ଅନୁସାରେ, କୋଟପାଡ଼ ଗୁଲମୀ ଜଳପ୍ରପାତକୁ ରବିବାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୫ ଜଣ ବୁଲିବାକୁ ଆସିଥିଲେ। ଗତ କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ବୁଲିବାକୁ ଆସିଥିବା ପିଲାମାନେ ଗୁଲମୀରେ ବିଭିନ୍ନ ସ୍ଥାନରେ ଫଟୋ ଉଠାଉ ଥିବା ସମୟରେ ଦୁଇ ନାବାଳକ ପ୍ରଖର ▸ପୃଷ୍ଠା-୭

## ମଧ୍ୟପ୍ରାଚ୍ୟରେ ବଢୁଛି ଉତ୍ତେଜନା



### ଚତୁର୍ଥ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

### ଜୋର୍‌ଦାର୍ ହେଉଛି କ୍ଷେପଣାସ୍ତ୍ର ମାଡ଼

### ଯୁଦ୍ଧ ଘନଘୋଟା ଭିତରେ ଇରାନରେ ଅଟକିଛନ୍ତି ୧୫୦୦ ଭାରତୀୟ ଛାତ୍ରଛାତ୍ରୀ

■ **ତେହରାନ/ତେଲଆଭିଭ୍ ୧୬।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଛି। ଆଜି ଚତୁର୍ଥ ଦିନ ଧରି ମଧ୍ୟ ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଏଥିରେ ଉଭୟ ପକ୍ଷର ବ୍ୟାପକ କ୍ଷତି ଘଟି ଚାଲିଥିବା ବେଳେ ଏହାକୁ ରୋକିବା ଲାଗି ଆନ୍ତର୍ଜାତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଅସ୍ତ୍ରବିରତି କରିବାକୁ ଇରାନ ମନା କରିବା ସହିତ ଇସ୍ରାଏଲ ଉପରେ ଜବାବୀ ହମଲା ଜାରି ରଖିଥିବାରୁ ନିକଟ ଭବିଷ୍ୟତରେ ଯୁଦ୍ଧ ଥମିବାର ସମ୍ଭାବନା କମ୍। ସେ ଚାହିଁଲେ ଅସ୍ତ୍ରବିରତି ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହୁଥିବା ବେଳେ ଏଭଳି ସ୍ଥିତି ଦେଖାଯାଉ ନାହିଁ। ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ସିଧାସଳଖ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଏହି ଯୁଦ୍ଧ ଅନ୍ୟ ଅଞ୍ଚଳକୁ ବ୍ୟାପିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଇରାନ ଆଜି ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ସମେତ ହାଫିଆ, ପେଟା ଟିକଭା ଓ ଅନ୍ୟାନ୍ୟ ସହର ଉପରେ ଆଜି ପୁଣି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଇସ୍ରାଏଲର ଆଉ ୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୨୨ ହୋଇଥିବା କୁହାଯାଉଛି। ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସରକାରୀ ଓ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ ଆକ୍ରମଣ ଚଳାଇଥିବା କୁହାଯାଉଛି। ଆକ୍ରମଣରେ ଅନେକ ସ୍ଥାନରେ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଇରାନ ଧ୍ୱସ୍ତ କରିଥିବା ଦାବି କରିଛି। ତେଲ ଆଭିଭରେ ଆଜି ଏକ ଅଭାଵନୀୟ ଘଟଣା ▸ପୃଷ୍ଠା-୭

### ଜାରିହେଲା ବିଜ୍ଞପ୍ତି

# ଦୁଇ ପର୍ଯ୍ୟାୟରେ ହେବ ଜନଗଣନା

### ୨୦୨୬ ଅକ୍ଟୋବର ଏବଂ ମାର୍ଚ୍ଚ ୨୦୨୭

### ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ



■ **ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):** ଆସନ୍ତା ବର୍ଷ ୨୦୨୬ ଅକ୍ଟୋବର ପହିଲାରୁ ଆରମ୍ଭ ହେବ ବହୁପ୍ରତୀକ୍ଷିତ ଜନଗଣନା। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଭିଯାନରେ ଜାତି ଭିତ୍ତିକ ଜନଗଣନା ମଧ୍ୟ କରାଯିବ। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆଜି ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଲଦାଖ ଭଳି ପାର୍ବତ୍ୟ ଅଞ୍ଚଳରେ ଜନଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ୧ ତାରିଖରୁ ଜନଗଣନା କରାଯିବ। ଦେଶର ଏହି ସବୃବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ୩୭୬୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଜାତି ଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି।

ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ-ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ▸ପୃଷ୍ଠା-୭

## ରାଜ୍ୟରେ ଡିଜିଟାଲ୍ ପଦ୍ଧତିରେ ହେବ ଗଣନା: ପୱନ୍ କଲ୍ୟାଣ

■ **ଭୁବନେଶ୍ୱର, ୧୬।୬ (ସମିସ):** ଦେଶରେ ଜନଗଣନା ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି। ଓଡ଼ିଶା ଜନଗଣନା ପରିଚାଳନା ନିର୍ଦ୍ଦେଶକ ନିଖିଳ ପୱନ କଲ୍ୟାଣ କହିଛନ୍ତି, ଜନଗଣନା ଡିଜିଟାଲ୍ ପଦ୍ଧତିରେ ଏବଂ ମୋବାଇଲ ଆପ୍ଲିକେସନର ବହୁଳ ଉପଯୋଗ କରି ହେବ। ଏପରିକି ଏଥିପାଇଁ ନୂଆ ମୋବାଇଲ ଆପ୍ଲିକେସନ ଆସିପାରେ। ଜନଗଣନା କାର୍ଯ୍ୟ ପାଇଁ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବାକୁ ଥିବାବେଳେ ସମସ୍ତଙ୍କୁ ତାଲିମ ପ୍ରଦାନ କରାଯିବ। ଜନଗଣନାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନେ ଏକ ସଂରଚିତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବେ । ରେଜିଷ୍ଟ୍ରାର ଜେନେରାଲଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ ସୂଚାରୁ ରୂପେ ପରିଚାଳିତ କରାଯିବ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା



■ **ରାଉରକେଲା, ୧୬।୬ (ସମିସ):** କଲୁଙ୍ଗା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଗୋଏଲକେରା ଅଞ୍ଚଳର ନିଲ ଜୋଜୋ (୩୬)। ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ୮ଟା ବେଳେ କଲୁଙ୍ଗା ଜିଆବାହାଲ ଡମ୍ପିଂ ୟାର୍ଡ ପରିସରରେ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଶବକୁ ଉଦ୍ଧାର କରିଥିଲା। ସୋମବାର ପୁଲିସକୁ ମୃତକଙ୍କ ପରିଚୟ ମିଳିଥିଲା। ନିଲଙ୍କ ମୁହଁକୁ ପଥରରେ ଛେଚା ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ନିଲ ଶ୍ରମିକ ଭାବେ କାମ କରୁଥିଲେ। ଗତ ଦୁଇ ଦିନ ହେବ ସେ କଲୁଙ୍ଗାକୁ ଆସିଥିଲେ। ହେଲେ ସେ କ'ଣ ପାଇଁ ଏଠାକୁ ଆସିଥିଲେ, ତାଙ୍କର କିଏ ସମ୍ପର୍କୀୟ ରହୁଛନ୍ତି କି? ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ତଦନ୍ତ ଜାରି ରହିଛି। ଘଟଣାକୁ ନେଇ ପୁଲିସ ପରିବାରକୁ ସୂଚନା ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ଅଧଘଣ୍ଟା ବର୍ଷାରେ ନାଳ ଜାମ, ବେହାଲ ସମ୍ବଲପୁର







ସମ୍ବଲପୁର, ୧୬।୬ (ସମିସ)

ସମ୍ବଲପୁରରେ କୃତ୍ରିମ ବନ୍ୟା ଏକ ନିତିଦିନିଆ ସମସ୍ୟାରେ ପରିଣତ ହେଲାଣି। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମୁଛି। ଅଧଘଣ୍ଟା ବର୍ଷାରେ ନାଳ ଜାମ୍ ହୋଇଯାଉଛି। କେଉଁଠି ନାଳ ତିଆରି

## ସଫେଇ ହୋଇନି ଟାଙ୍ଗନାନାଳା ଜଗନ୍ନାଥ କଲୋନୀ ପାର୍ଶ୍ୱ

## ଭିଆଇପି ରାସ୍ତାରେ ନାଳ ନାହିଁ

## ପୋଖରୀ ସଦୃଶ ରାଜପଥ ସର୍ଭିସ ରୋଡ୍

## ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ 'ଶୂନ'

ହୋଇନଥିବାରୁ ପାଣି ଜମୁଛି ତ କେଉଁଠି ଆବର୍ଜନା ଅବରୋଧ ଯୋଗୁଁ ନାଳଜାମ୍ ହେଉଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଷ ବର୍ଷ ଧରି ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ। ତିନୋଟି ମୁଖ୍ୟ ନାଳା - ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋର ଜଳସେଚନ ବିଭାଗ ଅଧିନରେ ଥିବାବେଳେ ସେମାନେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ବର୍ଷା ହେଲେ ଜଣାପଡୁଛି। ବର୍ଷା ହେଲେ ତଳି ଅଞ୍ଚଳବାସୀ କେବଳ ଭାଗ୍ୟକୁ ନିନ୍ଦୁଛନ୍ତି। ଜିଲ୍ଲା ପ୍ରଶାସନ ଓ ମହାନଗର ପ୍ରଶାସନ ଉଦାସୀନ ରହୁଛନ୍ତି।

ଆଜି ସନ୍ଧ୍ୟାରେ ଅଚାନକ ପ୍ରବଳ ବର୍ଷା ହୋଇଥିବାବେଳେ ସମ୍ବଲପୁରର ଅଧିକାଂଶ ଅଞ୍ଚଳରେ ବର୍ଷାଜଳ ନିଷ୍କାସିତ ହୋଇନପାରି ଜଳାର୍ଣ୍ଣବ ସ୍ଥିତି ସୃଷ୍ଟି ହୋଇଥିଲା। ଜଗନ୍ନାଥ କଲୋନୀ ଶେଷରେ ଥିବା ରେଳ ଅଣ୍ଡରପାସ୍ ନିକଟରେ ଟାଙ୍ଗନା ନାଳାକୁ ଏଯାବତ୍ ସଫା କରାଯାଇନାହିଁ। ଜଗନ୍ନାଥ କଲୋନୀ ଅଞ୍ଚଳର ପାଣି ସେହି ନାଳାରେ ପଡୁଥିବାବେଳେ ଦଳ ଓ ଲଟାବୁଦାରେ ତାହା ଜଙ୍ଗଲ ପ୍ରତୀତ ଦେଖାଯାଉଛି। ନାଳାରେ ବର୍ଷାପରେ ପାଣି ପ୍ରଖର ବେଗରେ ଆସି ଅଣ୍ଡରପାସ୍ ନିକଟସ୍ଥ ପୋଲରେ ଆବର୍ଜନା ଯୋଗୁଁ ଅବରୋଧ ହେଉଛି। କିନ୍ତୁ ଜଳସେଚନ ବିଭାଗର ଦୃଷ୍ଟି ପଡୁନି। ଉଲ୍ଲେଖଯୋଗ୍ୟ ଯେ, ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ କେଇଦିନ ତଳେ ଜଳସେଚନ ବିଭାଗ ଏହି ନାଳା ଗୁଡ଼ିକର ସଫେଇ ଆରମ୍ଭ କରିଥିଲା। କିନ୍ତୁ ଟାଙ୍ଗନା ନାଳା ପରି ବିଭିନ୍ନ ନାଳାର ପ୍ରାରମ୍ଭରୁ ଶେଷପର୍ଯ୍ୟନ୍ତ ସଫେଇ ନକରି କେବଳ ଲୋକଦେଖାଣିଆ ଭାବେ ଯେଉଁଠି ବରିଷ୍ଠ ପ୍ରଶାସନିକ ଅଧିକାରୀ ଯାଇ ଦେଖିବା ସମ୍ଭାବନା




ରହିଛି ତାହାକୁ ସଫା କରଦିଆଗଲା। ଟାଙ୍ଗନା ନାଳା ଅଇଁଠାପାଲି ପଟୁ ଆରମ୍ଭ ହୋଇ ଜଗନ୍ନାଥ କଲୋନୀ ଦେଇ ଏ.ଏନ୍ ଗୁହା ଲେନ୍ ପଟକୁ ଯାଇଥିବାବେଳେ ରେଳ ଅଣ୍ଡରବ୍ରିଜ୍‌ର ଉଭୟ ପଟ ଦେଖିଲେ ଜଳସେଚନ ବିଭାଗର ଦଳ ସଫେଇ କାର୍ଯ୍ୟ ସହଜେ ଅନୁମେୟ।

ସେହିପରି ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସତ୍ତ୍ୱେ ସମ୍ବଲପୁରର ଭିଆଇପି ରୋଡ୍ ପୀରବାବା ଛକରୁ କଚେରୀ ଛକ ପର୍ଯ୍ୟନ୍ତ ରାସ୍ତାରେ ଏଯାବତ୍ ନାଳ କାମ ହୋଇପାରିଲା ନାହିଁ। ଗତ ବର୍ଷ ମାନଙ୍କରେ ରାସ୍ତା ଉପରେ ଜମିଥିବା ଜଳ ନିଷ୍କାସନ ପାଇଁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟ ପାଚେରୀ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପାଚେରୀରେ ଛିଦ୍ର କରାଯାଇଥିବା ନଜିର ରହିଛି। ପୁଣି ଚଳିତବର୍ଷ ବର୍ଷା ଆରମ୍ଭ ନହେଉଣୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖ ରାସ୍ତା, ମ୍ୟୁନିସିପାଲିଟି ଛକ ରାସ୍ତା ଆଦିରେ ପାଣି ଜମିବା ଆରମ୍ଭ କଲାଣି। ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁରର ଏହା ନମୁନା ବୋଲି ସାଧାରଣରେ ସମାଲୋଚନା କରାଯାଉଛି।

ପ୍ରତିବର୍ଷ ଭଳକରି ଅଧଘଣ୍ଟା ବର୍ଷା ହେଲେ ଅଇଁଠାପାଲିରୁ ବରେଇପାଲି ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର କଡ଼ରେ ସର୍ଭିସ ରୋଡ ଜଳାର୍ଣ୍ଣବ ହୋଇଥାଏ। ଏଥିପାଇଁ ମହାନଗର ନିଗମ ଓ ଜାତୀୟ ରାଜପଥ ଉନ୍ନୟନ ପ୍ରାଧୀକରଣ ଏକଆରେକକୁ ଦୋଷ ଦେବାସହ ଲୋକେ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ଦୋଷ ଦେଇଥାନ୍ତି। ସୋମବାର ସନ୍ଧ୍ୟାରେ ବର୍ଷା ନହେଉଣୁ ସର୍ଭିସ ରୋଡ୍ ଉପରେ ପ୍ରାୟ ଏକରୁ ଦେଢ଼ ଫୁଟ ପାଣି ଜମା ହୋଇଥିବା ଦେଖାଯାଇଥିଲା। ତାହାସହିତ ବର୍ତ୍ତମାନ ଅଇଁଠାପାଲି ଫ୍ଲାଏଓଭର ନିର୍ମାଣ କରାଯାଉଥିବାରୁ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ବଡ଼ ବଡ଼ ଗର୍ତ୍ତ ରହିଛି। ଏଥିରେ ଦୁଇଚକିଆ ଯାନ ପଡ଼ିଯାଇ ଦୁର୍ଘଟଣାଗ୍ରସ୍ତ ମଧ୍ୟ ହୋଇଥିଲେ। ଏନେଇ ମହାନଗର ନିଗମ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗ୍ଲୁକୋମା (ଆଖିଚାପ) ପରୀକ୍ଷା ଶିବିର


# ଡ୍ରାଇଭର ମହାସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**କୁଚିଣ୍ଡା, ୧୬।୬(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଡ୍ରାଇଭର ମହାସଂଘର ସଦସ୍ୟମାନେ ଡ୍ରାଇଭର ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର କହିବା ଅନୁଯାୟୀ, ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଇଥିଲେ। ସେଥି ମଧ୍ୟରୁ କେବଳ ଗୋଟିଏ ମାତ୍ର ସମସ୍ୟାର ସମାଧାନ ହୋଇଥିଲା ଏବଂ ସେତିକିରେ ଯଥେଷ୍ଟ ନୁହେଁ ବୋଲି ସଂଘ ଲିଖିତ ଆକାରରେ ସ୍ପଷ୍ଟୀକରଣ କରିଥିଲେ। ଏହା ସହିତ ଆହୁରି ସାତ ଗୋଟି ସମସ୍ୟାର ସମାଧାନ ହୋଇ ପାରିନାହିଁ।ଅନ୍ୟ ଦାବିଗୁଡିକ ପୂରଣ ପାଇଁ ସରକାରଙ୍କ ପାଖରେ ବାରମ୍ବାର ଦ୍ୱାରସ୍ଥ ହେବା ସତ୍ତ୍ୱେ ମଧ ତାଙ୍କ କଥାକୁ କର୍ଣ୍ଣପାତ କରୁନଥିବା ଦାବିପତ୍ରରେ ଦର୍ଶାଇଥିଲେ। ଆଗାମୀ ଏକମାସ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ ନହେଲେ ଆସନ୍ତା ଜୁଲାଇ ୮ ତାରିଖରୁ ଷ୍ଟିଅରିଙ୍ଗ୍ ଛାଡ୍ ଏବଂ ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାର ଙ୍କୁ ଅସହଯୋଗ କରିବାର ନିଷ୍ପତ୍ତି ନେଇଛନ୍ତି। ସେହି ସମୟ ମଧ୍ୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜେ କିମ୍ବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଦାବିପତ୍ର ଦେବା ସମୟରେ କୁଚିଣ୍ଡା ଡ୍ରାଇଭର ସଂଘ ସଭାପତି ଜୟକୃଷ୍ଣ ପାତ୍ର ଏବଂ ସମ୍ପାଦକ ସୁଜିତ ଭଇଁଷାଙ୍କ ସହିତ ସମସ୍ତ ଡ୍ରାଇଭର ଉପସ୍ଥିତ ଥିଲେ।

# ମହନ୍ତ ଶ୍ରୀନିବାସ ଦାସଙ୍କ ପରଲୋକ

**ସମ୍ବଲପୁର, ୧୬।୬(ସମିସ):** ସମ୍ବଲପୁର ମହାନ୍ତିପଡ଼ାସ୍ଥିତ ଠାକୁରବାଡି ମଠର ମହନ୍ତ ଶ୍ରୀନିବାସ ଦାସ (୬୦)ଙ୍କ ସୋମବାର ଭୋରୁ ହୃଦଘାତରେ ପରଲୋକ ହୋଇଯାଇଛି। ରବିବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଯାଇଛି। ଗତ ଡିସେମ୍ବର ମାସରେ ମହନ୍ତ ଅଦ୍ୱୈତ ଚରଣ ଦାସ (କଣ୍ଟାବାଞ୍ଜି ବାବା)ଙ୍କ ଦେହାବସାନ ପରେ ଶ୍ରୀନିବାସ ବାବା ମହନ୍ତ ଗାଦିରେ ଆସୀନ ହୋଇଥିଲେ।ସେ ସମ୍ବଲପୁର ଠାକୁରବାଡ଼ି ମଠ ସମେତ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଶ୍ରୀ ରାଧାମାଧବ ମନ୍ଦିର ଓ କଟକ ଜିଲ୍ଲା ଚାନ୍ଦପୁର ମଠର ଦାୟିତ୍ୱରେ ଥିଲେ। ସେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର



ପାଇବାପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ଠାକୁରବାଡ଼ି ମଠରେ ପହଞ୍ଚି ଶେଷଦର୍ଶନ କରିବା ପରେ ଭଜନ କୀର୍ତ୍ତନ ମଧ୍ୟରେ ତାଙ୍କ ପାର୍ଥିବ ଶରୀରକୁ ସମ୍ବଲପୁର ରାଜଘାଟକୁ ନିଆଯାଇଥିଲା ଓ ସେଠାରେ ଚାନ୍ଦପୁର ମଠର ରାଧାଚରଣ ଦାସ ମୁଖାଗ୍ନି ଦେଇଥିଲେ। ପ୍ରଦୀପ ପାଢ଼ୀ, ମଧୁ କେଡ଼ିଆ, ଅଶୋକ ପଣ୍ଡା ପ୍ରମୁଖ ବହୁ ଭକ୍ତ ରାଜଘାଟରେ ଉପସ୍ଥିତ ଥିଲେ। ଶେଷକୃତ୍ୟ ପରେ ଠାକୁରବାଡ଼ି ମଠରେ ଅନୁଷ୍ଠିତ କାଦୁଅ ଉତ୍ସବରେ ସମ୍ବଲପୁର ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାସ, ବରଗଡ଼ ନାଗେନପାଲୀ ଆଶ୍ରମର ବାବା ପରମାନନ୍ଦ, ସୁବର୍ଣ୍ଣପୁର ଜିଲ୍ଲା ଖମାର ମଠର ନୃତ୍ୟ ଗୋପାଳ ଦାସ, ଭତରା ରାଣୀ ମଠର ବାବୁ ବାସୁଦେବ ଦାସ, ବାବା ଦୀନବନ୍ଧୁ ଦାସଙ୍କ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ମଠର ସାଧୁମାନେ ଯୋଗ ଦେଇଥିଲେ। ଶ୍ରୀନିବାସ ବାବାଙ୍କ ବିୟୋଗରେ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରମିଳା ବହିଦାର, ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମନ୍ଦଲିଆ ଖେଳପଡ଼ିଆକୁ ଅଞ୍ଚଳବାସୀଙ୍କ ବ୍ୟବହାର ପାଇଁ ଦାବି



**ସମ୍ବଲପୁର, ୧୬।୬ (ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ଖେଳପଡ଼ିଆକୁ ଫୁଟବଲ ଓ କବାଡ଼ି ଖେଳପଡ଼ିଆ ଭାବେ ବିକଶିତ କରିବାକୁ ସରକାରଙ୍କ ଯୋଜନା ରହିଥିବା ଜଣାପଡ଼ିଛି। ଏହାକୁ ନେଇ ଆଜି ଅଞ୍ଚଳବାସୀ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ମନ୍ଦଲିଆ ଖେଳପଡ଼ିଆ ପୂର୍ବଭଳି ଅଞ୍ଚଳବାସୀଙ୍କ ବ୍ୟବହାର ପାଇଁ ଛାଡ଼ି ଦିଆଯିବାକୁ ଦାବି ଜଣାଇଛନ୍ତି। ସେମାନେ କହିଛନ୍ତି ଯେ, ଆମେ ବିକାଶକୁ ବିରୋଧ କରୁନାହୁଁ, କିନ୍ତୁ କେବଳ ଫୁଟବଲ ଓ କବାଡ଼ି ଖେଳପଡ଼ିଆ ନକରି ବର୍ତ୍ତମାନ ଭଳି ପଡ଼ିଆଟି ସମସ୍ତ ବ୍ୟବହାରରେ ଉପଯୋଗ ହେଉ।

ସମ୍ବଲପୁର ମହାନଗର ନିଗମର ୧୫ ନମ୍ବର ୱାର୍ଡ ସମେତ ଆଖପାଖର ୧୪, ୧୬ ଓ ୧୭ ନମ୍ବର ୱାର୍ଡ ସକାଶେ ମନ୍ଦଲିଆ ଏକମାତ୍ର ଖେଳପଡ଼ିଆ। ଏହି ପଡ଼ିଆରେ ଅନ୍ନପ୍ରାଶନଠାରୁ ଆରମ୍ଭ କରି ବିବାହ, ବ୍ରତ, ମୃତାହ କାର୍ଯ୍ୟ, ବରିଷ୍ଠ ନାଗରିକଙ୍କ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ, ଶିଶୁମାନଙ୍କ ଖେଳକୁଦ, ନିକଟସ୍ଥ ତାଲଭଟାପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟ, ନାନକରାମ ଉଚ୍ଚ ବିଦ୍ୟାଳୟ, ଦଲଦଲିପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆଦିର ବାର୍ଷିକ କ୍ରୀଡ଼ା, ବର୍ଷତମାମ ଯୁବକ ଯୁବତୀଙ୍କ କ୍ରିକେଟ, ଫୁଟବଲ, ଭଲିବଲ ଓ ଦୌଡ଼କୁଦ ଅଭ୍ୟାସ, କ୍ରିକେଟ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ଦଳୀୟ, ସାମାଜିକ ଓ ଧର୍ମୀୟ କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହେଉଛି। ଏଣୁ ଏହି ପଡ଼ିଆକୁ ଉପରୋକ୍ତ କାର୍ଯ୍ୟରେ ପୂର୍ବଭଳି ସର୍ବସାଧାରଣ ବ୍ୟବହାର ପାଇଁ ଛାଡ଼ିଦେବା ଏବଂ ଯେମିତି ଅଛି ସେଭଳି ବଳବତ୍ତର ରଖିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ୬ ରେଳ କର୍ମଚାରୀ ପୁରସ୍କୃତ

**ସମ୍ବଲପୁର, ୧୬।୬(ସମିସ):** ରେଳବାଇ ସମ୍ବଲପୁର ମଣ୍ଡଳ ପକ୍ଷରୁ ୬ ଜଣ ନିରାପତ୍ତା ପ୍ରତି ସଜାଗ, ସୁରକ୍ଷିତ ଟ୍ରେନ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠ ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ସୁଭାଷ ଚନ୍ଦ୍ର ଚୌଧୁରୀ ପ୍ରମାଣପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଛନ୍ତି। ପୁରସ୍କୃତ ହୋଇଥିବା କର୍ମଚାରୀମାନେ ହେଲେ ସମ୍ବଲପୁରର ସରଲା ପଏଣ୍ଟସମ୍ୟାନ୍ ସୁନିତା ଭୁୟାଁ, କେସିଙ୍ଗା ଷ୍ଟେସନ ମାଷ୍ଟର ଦେବେନ୍ଦ୍ର ରାଉତ, ସମ୍ବଲପୁର ଟ୍ରାକ୍ ମ୍ୟାଣ୍ଟେନର-୨ ତ୍ରିଲୋଚନ ବରିହା, ଟିଟିଲାଗଡ଼ ଲୋକୋ ପାଇଲଟ୍ (ଗୁଡ୍‌ସ) ଶିବ ଶଙ୍କର ରାଣା, ଲୋକୋ ପାଇଲଟ୍ ସିନିୟର ଆସିଷ୍ଟାଣ୍ଟ ଅଭିଷେକ କୁମାର କେଶରୀ ଏବଂ ସମ୍ବଲପୁର ସିଆଣ୍ଡଡବ୍ଲ୍ୟୁ ଟେକ୍ନିସିଆନ-୧ ରମେଶ କୁମାର ରାଉତ। ଏହି ଅବସରରେ ସମ୍ବଲପୁର ଅତିରିକ୍ତ ରେଳମଣ୍ଡଳ ପ୍ରବନ୍ଧକ ମନଜିତ ସିଂ ସନ୍ଧନୱାଲ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ପରିଚାଳନା) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ମେକାନିକାଲ ଯନ୍ତ୍ରୀ ମନୀଶ କୁମାର ସିହ୍ନା ରାୟ, ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



# ସଡ଼କ ଦୁର୍ଘଟଣାରେ ଦୁଇ ମୃତ

**ନାକଟିଦେଉଳ, ୧୬।୬ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ପେଣ୍ଟବାହାଲ ନିକଟରେ ଆଜି ରାତି ପ୍ରାୟ ୯ଟା ସମୟରେ ବାଇକ୍ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ରେଢ଼ାଖୋଲ ଥାନା ଘୋଷରାମାଳର ସୁମନ ଡଙ୍ଗି ଓ ଦେବଗଡ଼ ଜିଲ୍ଲା ରିଆମାଳ ଥାନା କୁମାଳ ଗାଁର ଶୁଭମ ନାଏକ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ, ରେଢ଼ାଖୋଲ ପଟରୁ ନାକଟିଦେଉଳ ପଟକୁ ସେମାନେ ବାଇକ୍‌ରେ ଯାଉଥିବାବେଳେ ନାକଟିଦେଉଳ ଥାନା ଅନ୍ତର୍ଗତ ପେଣ୍ଟବାହାଲ କମାରସାହି ବିଶ୍ୱକର୍ମା ମଣ୍ଡପ ସାମ୍ନା ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସେମାନଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତକରି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ୨୩ରେ କ୍ଷେତ୍ରୀୟ ଡାକ ଅଦାଲତ

**ସମ୍ବଲପୁର, ୧୬।୬ (ସମିସ):** ଆସନ୍ତା ୨୩ ତାରିଖ ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ପରିସରରେ ଡାକ ଅଦାଲତ ଅନୁଷ୍ଠିତ ହେବ। ଆଗ୍ରହୀ ଜନସାଧାରଣ ସେମାନଙ୍କ ଅଭିଯୋଗ ଗୁଡ଼ିକୁ ପ୍ରଥମେ ଡିଭିଜନସ୍ତରୀୟ ଡାକ ଅଦାଲତରେ ଉପସ୍ଥାପନ କରିବେ। ଅଦାଲତର ରାୟରେ ଅଭିଯୋଗକାରୀ ସନ୍ତୁଷ୍ଟ ନହେଲେ ସେମାନେ କ୍ଷେତ୍ରୀୟ ଡାକ ଅଦାଲତରେ ନିଜ ଅଭିଯୋଗ ଉପସ୍ଥାପନ କରିପାରିବେ ବୋଲି ଡାକବିଭାଗ ପକ୍ଷରୁ ସୂଚନା ଦିଆ। ।ଯାଇଛି। ଅଭିଯୋଗକାରୀ ଡାକଘର କାରବାର ସମ୍ବନ୍ଧୀୟ ଅଭିଯୋଗକୁ ତିନିକିତା ନକଲ ସହିତ ଡାକଘର ରସିଦ ବା ପ୍ରମାଣପତ୍ର, ଅଭିଯୋଗର ସମ୍ପୂର୍ଣ୍ଣ ବିବରଣୀ ତଥା ନିଜର ନାମ ଓ ସମ୍ପୂର୍ଣ୍ଣ ଡାକଠିକଣା ସହିତ ସମ୍ପୃକ୍ତ ଡିଭିଜନର ଡାକଘର ଅଧିକ୍ଷକ ବା ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ, ସମ୍ବଲପୁର ସହାୟକ ଡାକ ନିର୍ଦ୍ଦେଶକଙ୍କ ଠିକଣାରେ ଜୁନ ୨୦ ତାରିଖ ପୂର୍ବରୁ ପଠାଇବେ। ଜୁନ ୨୦ ପରେ ହସ୍ତଗତ ହୋଇଥିବା ଅଭିଯୋଗକୁ ଡାକ ଅଦାଲତରେ ବିଚାରକୁ ନିଆଯିବ ନାହିଁ ବୋଲି ଉଲ୍ଲେଖ ରହିଛି। ଡାକଘର ସ୍ଥାପନା, ନୂତନ ପଦ ସୃଷ୍ଟି, ଡାକଘରର ଭଡ଼ା କିମ୍ବା ଘରଭଡ଼ା ଆଦି ଡାକସେବା ସମ୍ବନ୍ଧୀୟ ନଥିବା ଅଭିଯୋଗ ଗୁଡ଼ିକ ଡାକ ଅଦାଲତରେ ବିଚାର ପରିସରଭୁକ୍ତ ନୁହେଁ। ଏଣୁ ସେଭଳି କୌଣସି ଅଭିଯୋଗ ପ୍ରେରଣ ନ କରିବାକୁ ଡାକ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ମହାନଗର ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ସଞ୍ଜୟଙ୍କ ପରାମର୍ଶ



**ସମ୍ବଲପୁର, ୧୬।୬(ସମିସ):** ସମ୍ବଲପୁର ସର୍କିଟ ହାଉସଠାରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମାଙ୍କ ସହ ସମ୍ବଲପୁର ଜିଲ୍ଲାର ବରିଷ୍ଠ ନେତା ଯୁବ, ଛାତ୍ର ଓ ମହିଳା ବିଜେଡିର କର୍ମକର୍ତ୍ତା ସାକ୍ଷାତ କରି ସାଙ୍ଗଠନିକ ଆଲୋଚନା କରିଛନ୍ତି। ନିର୍ବାଚନ ପରେ ଦଳୀୟ ସମୀକ୍ଷା, ନିର୍ବାଚନର ଫଳାଫଳ ନେଇ ଆଲୋଚନାକୁ ଆଲୋଚନା ହେବାର ଆବଶ୍ୟକତା ବିଷୟରେ କର୍ମକର୍ତ୍ତାମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟସ୍ତରରେ ସମ୍ବଲପୁର ଜିଲ୍ଲା ନେତୃତ୍ୱ ଆହୁରି ଗୁରୁତ୍ୱ ଦେବା, ଯୁବ ଛାତ୍ର ସଂଗଠନ ଅଗ୍ରାଧିକାର ଦେବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଭବିଷ୍ୟତରେ ହେବାକୁ ଥିବା ମହାନଗର ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ଶ୍ରୀ ଦାସବର୍ମା ପରାମର୍ଶ ଦେଇଥିଲେ। ଆଜିର ଆଲୋଚନା ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋକୁଳ ମେହେର, ଜିଲ୍ଲା ଉପସଭାପତି ଧିରେନ ଦେବତା, ଛାତ୍ର ଜୋନ ସଭାପତି ମିଲନ ହୋତା, ମହିଳା ବିଜେଡି ପୂର୍ବତନ ସଭାପତି ଉଷା ପ୍ରଧାନ, ବେଣୁଧର ଦାସ, ଯୁବ ବିଜେଡି ସମ୍ପାଦକ ଧର୍ମରାଜ ମରେଇ, ଯୁବ ବିଜେଡି ଜୋନ ସଭାପତି ଦେବାଶିଷ ପରିଡ଼ା, ଯୁବ ବିଜେଡ଼ି ଜିଲ୍ଲା ଉପସଭାପତି ସୁମିତ ପଟେଲ, ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଅନମୋଲ୍ ଦାସ, ଜିଲ୍ଲା ସମ୍ପାଦକ ଚୁମନ ପ୍ରଧାନ, ପ୍ରଶାନ୍ତ ଥାପା, ଖାଗଂଶୁ ଦେବ, ଚନ୍ଦନ ବାବୁ, ଜିଲ୍ଲା ସମ୍ପାଦକ ଜଗା ସେଠୀ, ସଂଯୁକ୍ତା ମେହେର, ଝୁପନା ମହାନ୍ତି, ସତ୍ୟେନ ଦାସ, ସୁରେଖା ସାହୁ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, କୈଳାସ ପ୍ରଧାନ, ସପନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ରେଙ୍ଗାଲି ପୁରୁଣାବସ୍ତିରେ ହୋଇପାରୁନି ବର୍ଷାଜଳ ନିଷ୍କାସନ

# ଅଭିଯୋଗଶୁଣାଣିରେ ଅଭିଯୋଗ

ସମ୍ବଲପୁର, ୧୬।୬(ସମିସ)

ରେଙ୍ଗାଲି ଗ୍ରାମର ପୁରୁଣାବସ୍ତି ଅଞ୍ଚଳରେ ବର୍ଷାହେଲେ ପାଣି ନିଷ୍କାସିତ ହୋଇନପାରି ଜମା ହୋଇ ରହିବା ସହ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରାମମୁଣ୍ଡରେ ଜଳସ୍ରୋତ ଅବରୋଧ ହେଉଥିବାରୁ ଏଭଳି ସ୍ଥିତି ହେଉଛି। ଏନେଇ ଅଞ୍ଚଳବାସୀ ମାର୍ଚ୍ଚ ମାସରେ ଜିଲ୍ଲାପାଳ ଜନଶୁଣାଣୀ ଏବଂ ମେ ମାସରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ପୁଣି ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଏହି ସମସ୍ୟାର ତ୍ୱରିତ୍ ସମାଧାନ ଦାବି କରିଥିଲେ। ଆଜି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର



ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୪ଟି ଆବେଦନ ଗ୍ରହଣ କରାଯାଇଥିବାବେଳେ ତନ୍ମଧ୍ୟରୁ ୬୨ଟି ବ୍ୟକ୍ତିଗତ, ୧୧ଟି ଗୋଷ୍ଠୀଗତ ଗ୍ରାମ୍ୟ ସମସ୍ୟା ଏବଂ ଗୋଟିଏ ରେଡକ୍ରସ ସହାୟତା ପାଇଁ ରହିଥିଲା। ସେଠାରେ ତୁରନ୍ତ ୧୦ଟି ଅଭିଯୋଗର ସମାଧାନ କରାଯାଇଥିଲା।

ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରେଡକ୍ରସ ଅଧୀନରେ ଜଣେ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହାବ୍ୟତୀତ ଏହି ଅବସରରେ ଭିନ୍ନକ୍ଷମ ସେବାରେ ୩ ଜଣ ହିତାଧିକାରୀଙ୍କୁ ହ୍ୱିଲଚେୟାର, ମଧୁବାବୁ ପେନସନ ଯୋଜନାରେ ୩ ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଏବଂ ଜଣେ ଲେଖାଏ ହିତାଧିକାରୀଙ୍କୁ ଅବିବାହିତ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବର୍ଦ୍ଧିତ ଭତ୍ତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଦାଶ, ସହକାରୀ ଜିଲ୍ଲାପାଳ (ଅଭିଯୋଗ ପ୍ରକୋଷ୍ଠ) ରୋଜଲୀନା ତିର୍କୀ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ତଥା ରେଙ୍ଗାଲି ବିଡିଓ ପ୍ରୀତମ କୁମାର ତନ୍ତୀ, ରେଙ୍ଗାଲି ତହସିଲଦାର ତକ୍ଷକରାଜ ଭିତିରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡିର ଧାନ ବର୍ଷାରେ ଭିଜି ସମ୍ପୂର୍ଣ୍ଣ ନଷ୍ଟ





**● ସରକାରଙ୍କୁ କୃଷକ ସଂଗଠନର ଦାବିପତ୍ର**
**● ବାରମ୍ବାର ଅଭିଯୋଗ ସତ୍ତ୍ୱେ ଧାନ ଉଠାଇଲାନି ପ୍ରଶାସନ**

ବରଗଡ଼, ୧୬।୬(ସମିସ): ସଂଯୁକ୍ତ କୃଷକ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଜରିଆରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୌସୁମୀ ବର୍ଷା କାରଣରୁ ଅମଳ ଧାନ ନଷ୍ଟ ନ ହେବା ଦିଗରେ ପଦକ୍ଷେପ ନେବା ପାଇଁ ଦାବି ରହିଛି। ଏବର୍ଷ ଅନ୍ୟ ବର୍ଷ ତୁଳନାରେ ଅଧିକ ଚାଷୀ ପଞ୍ଜୀକୃତ ହୋଇଥିଲେ ହେଁ ଧାନ ସଂଗ୍ରହ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ପାଣିପାଗ ବିଭାଗ ଆଗୁଆ ମୌସୁମୀ ବର୍ଷା ବାରମ୍ବାର ସତର୍କ କରିଥିଲା। ଦୁଇ ଦିନ ହେଲା ବର୍ଷାରେ ମଣ୍ଡିରେ ଥିବା ଧାନ ମଧ ଭିଜି ଗଲାଣି। ହେଲେ ଜିଲ୍ଲା ପ୍ରଶାସନ ଧାନ ଉଠାଇବାରେ ଟିକେ ବି ତତ୍ପରତା ଦେଖାଉ ନାହିଁ।

ରାଜ୍ୟରେ ୩, ୨୯, ୦୫୦ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧, ୮୧, ୨୭୩ ଜଣ ଚାଷୀ ୧୧, ୫୪, ୬୪୦ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ଆହୁରି ୧, ୪୭, ୭୭୭ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ବାକି ଅଛନ୍ତି। ସେହିପରି ବରଗଡ଼ ଜିଲ୍ଲାରେ ୯୧, ୦୦୬ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୬୬, ୭୭୩ ଜଣ ଚାଷୀ ୪୪, ୫୨, ୪୬୬ କ୍ୱିଣ୍ଟାଲ ଧାନ ବିକ୍ରି କରିଥିବା ବେଳେ ଅନ୍ୟ ୨୪, ୨୨୩ ଜଣ ଚାଷୀଙ୍କ ଧାନ ବିକ୍ରି ବାକି ରହିଛି। ଲାଗତାର ବର୍ଷା କାରଣରୁ ବହୁ ପରିମାଣର ଧାନ ନଷ୍ଟ ହୋଇ ଯାଇଛି। ସୁରକ୍ଷିତ ଥିବା ଧାନ ଭିତରୁ ବିକ୍ରି ପାଇଁ ଅତାବିରାରେ ୪, ୬୨, ୧୨୬ ବସ୍ତା, ବରଗଡ଼ରେ ୨, ୩୧, ୬୬୮ ବସ୍ତା ଏବଂ ପଦ୍ମପୁର ଆରଏମସିରେ ୪, ୦୨, ୨୩୧ ବସ୍ତା ଧାନ ରହିଛି। କିଛି ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ମଣ୍ଡିରେ ସ୍ଥାନ ଅଭାବରୁ ଅନେକ ଚାଷୀଙ୍କ ଖଳା ବା ଘରେ ଅସୁରକ୍ଷିତ ଭାବେ ଧାନ ରହିଛି।

ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନର ରକ୍ଷା ପାଇଁ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଦାବିପତ୍ର ଦିଆଯାଇଛି। ତୁରନ୍ତ ବିଜ୍ଞାପନ ଦେଇ ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନ ମଣ୍ଡିକୁ ଆଣିବା ନିର୍ଦ୍ଦେଶ ଦିଆଯାଉ, ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଚାଷୀଙ୍କ ଧାନ କିଣାଯାଉ, ଧାନକୁ ସୁରକ୍ଷିତ ରଖିବା ବ୍ୟବସ୍ଥା କରାଯାଉ, ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଧାନର ମାନ କୋହଳ କରି ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣାଯାଉ, ବିଭିନ୍ନ ମଣ୍ଡିକୁ ଦଲାଲ ମୁକ୍ତ କରି ଅନୁମତି ପ୍ରାପ୍ତ ରାଇସ ମିଲ୍ ଗୁଡ଼ିକୁ ତୁରନ୍ତ ଧାନ ଉଠାଇବା ନିର୍ଦ୍ଦେଶ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାରଙ୍କ ଘୋଷଣା ଅନୁଯାୟୀ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଯୋଗୁଁ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ତେଣୁ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ ବିକ୍ରି ଦିଗରେ ପଦକ୍ଷେପ ନିଆଯାଉ ବୋଲି ଜଣାଇଛନ୍ତି। କାର୍ଯ୍ୟକ୍ରମରେ ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ଶିବ ସାହୁ, କ୍ଷୀରୋଦ୍ର ପଧାନ, ସାରଥୀ ପଧାନ, ମୁକେଶ ସାହୁ, ସୁଦଂଶୁ ବିଶ୍ୱାଳ, ବୃନ୍ଦାବନ ପଧାନ, କଳାକାର ଦେହେରୀ, ପଦ୍ମଲୋଚନ ପଧାନ, ପୂର୍ଣ୍ଣଚନ୍ଦ୍ର ପଧାନ, ରାଜକିଶୋର ଦେହେରୀ, ହରି ସାହୁ, ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସିକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପିତ

**ବରଗଡ଼, ୧୬।୬(ସମିସ):** ବରଗଡ଼ ସଂସ୍କାର ଇଣ୍ଟର ନ୍ୟାସନାଲ୍ ସ୍କୁଲରେ ଦୁଇ ଦିନିଆ ଆବାସିକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। କାର୍ଯ୍ୟକ୍ରମରେ ନାଗପୁର ଜେସିଆଇ ରାଷ୍ଟ୍ରୀୟ ପ୍ରଶିକ୍ଷକ ମୁକେଶ ଅସର ଓ ରାୟପୁର ଜେସିଆଇ ଅନୁପ ମୁନ୍ଦ୍ରା ଯୋଗ ଦେଇଥିଲେ। ଶିବିରର ପ୍ରଥମ ଦିନରେ ଶିକ୍ଷକଙ୍କୁ ୭ଟି ଦଳରେ ବଣ୍ଟା ଯାଇଥିଲା। ଏହାପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା। ରାତିରେ ମନୋରଞ୍ଜନ ପାଇଁ ସଙ୍ଗୀତ, ଗୀତ ଓ ସାମୂହିକ ନୃତ୍ୟ ପରିବେଷଣ ହୋଇଥିଲା। ଦ୍ୱିତୀୟ ଦିନ ଭିନ୍ନ ଭିନ୍ନ ରୁଚିପୂର୍ଣ୍ଣ ଗତିବିଧି ମାଧ୍ୟମରେ ଶିକ୍ଷକମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପ୍ରତି ନିଜର ଭୂମିକା ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଇଥିଲା। ବିଭିନ୍ନ ବିଷୟରେ ଛୋଟ ହାସ୍ୟ ନାଟକ ମଧ ପ୍ରସ୍ତୁତ କରାଯାଇଥିଲା। ପ୍ରଶିକ୍ଷକ ମୁକେଶ ଓ ଅଧ୍ୟକ୍ଷ ସୁମନ ସାୱଡିୟା ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରି ଗଢ଼ିତୋଳିବା, ଶିକ୍ଷାଦାନର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଉପଦେଶ ଦେଇଥିଲେ। ସମାପନ କାର୍ଯ୍ୟକ୍ରମରେ ଦୁଇ ପ୍ରଶିକ୍ଷକଙ୍କୁ ସ୍ମୃତିଚିହ୍ନ ଭାବେ ଗଛ ଓ ଶାଲ ଦେଇ ସମ୍ମାନିତ କରାଯାଇଥିଲା। ଶିବିର ପରିଚାଳନା ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ କରିଥିଲେ। ଶେଷରେ ସଂଯୋଜିକା ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

## ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା କାବ୍ୟ ସନ୍ଧ୍ୟା



**ବରଗଡ଼, ୧୬।୬(ସମିସ):** ଭଗବାନ ମିଶ୍ର ସ୍ମୃତି ସମିତି ତରଫରୁ ସମିତିର ସଭପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ସଭାପତିତ୍ୱରେ ବରଗଡ଼ ମହିଳା ସମିତି ସମ୍ମିଳନୀ କକ୍ଷରେ ବହୁଭାଷୀ କାବ୍ୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରଥିଲେ। ସହରରେ ଲୋକଙ୍କ ପାଇଁ ଏକ ହିନ୍ଦୀ ଶିକ୍ଷାକେନ୍ଦ୍ର ଖୋଲାଯିବା ନେଇ ସମିତିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଉପସ୍ଥାପନ କରବା ସହ ପ୍ରୟାସ ଜାରି ରଖିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କଳାକାର ତଥା ପ୍ରବଚକ ଜଗଦାନନ୍ଦ ମିଶ୍ର ଯୋଗ ଦେଇଥିଲେ। ସମିତିର ଉପସଭାପତି କମଳ ଯୋଶୀ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଦଧିବାମନ ଶତପଥୀ ସ୍ୱାଗତ ସଙ୍ଗୀତ ପ୍ରସ୍ତୁତି କରିଥିଲେ। ସଭାରେ ବିମାନ ଓ ହେଲିକ୍ୟାପ୍ଟର ଦୁର୍ଘଟଣା ଯୋଗୁଁ ମୃତକଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ମଞ୍ଚାସୀନ ଥିଲେ। ନୀଳାମ୍ବର ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ। ବିଭିନ୍ନ ଭାଷାରେ ୩୮ ଜଣ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କବିତା ଆସରକୁ ବାଳକୃଷ୍ଣ ମିଶ୍ର ଓ ଖୁସୁବୁ ଶର୍ମା ସଞ୍ଚାଳନ କରିଥିଲେ। ଶେଷରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। କାବ୍ୟସନ୍ଧ୍ୟାରେ ସମିତିର ଉପଦେଷ୍ଟା ସନ୍ତୋଷ ପଣ୍ଡା, ଜଗଦୀଶ ସୈନ, ସୁନୀଲ ଅଗ୍ରୱାଲ, ମହିଳା ସମିତି ସଦସ୍ୟଗଣ ସହଯୋଗ କରିଥିଲେ।

## ଲାୟନ୍ସ ଓ ଲିଓ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



**ଥୁଆପାଲି, ୧୬।୬(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକରେ ଲାୟନ୍ସ କ୍ଲବ୍ ଓ ଲିଓ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଝରାପାଲି ମାର୍କେଟ ଥୁଆପାଲି ପରିସରରେ ଭ୍ରାମ୍ୟମାଣ ଯାନ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ହସ୍ପିଟାଲରେ ରକ୍ତର ଆବଶ୍ୟକତା ଦୃଷ୍ଟିରୁ ଏହାକୁ ଆୟୋଜିତ କରାଯାଇଥିଲା। ଏଥିରେ ଲାୟନ୍ସ କ୍ଲବ୍‌ର ପୂର୍ବତନ ସଭାପତି ଅମୀୟ ମେହେର, କୁଶ ପ୍ରଧାନ, ସନ୍ତୋଷ ପାଢ଼ୀ, ହରେକୃଷ୍ଣ ପ୍ରଧାନ, ଶିଶିର ଭୋଇ, ସୁଶୀଲ ଅଗ୍ରୱାଲ, ସତିବାବୁ, ଶଙ୍କର ରେଡି, ଶଙ୍କରଲାଲ ଅଗ୍ରୱାଲ, ସମ୍ପାଦକ ଦୀପକ ଅଗ୍ରୱାଲ ଓ ଲିଓ କ୍ଲବ୍‌ର ସୂରଜ ସିଂ, ୟୁରମେଶ, ଲୋକେଶ ଚନ୍ଦ୍ରମ୍, ରିଟନ ପଟେଲ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ବୁର୍ଲା ମେଡିକାଲ କଲେଜ ରକ୍ତଭଣ୍ଡାରର ଡ.ଅମିୟରଞ୍ଜନ ନାଥ, କାଉନସିଲର ମଣ୍ଟୁ ପ୍ରଧାନ, ଟେକନିସିଆନ ଦେବାଶିଷ ମିଶ୍ର, କରୁଣାକର ସାହୁ, ସହକାରୀ ପାଏନୁ ଭୋଇ ଓ ସଞ୍ଜୀବ ବେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅତିଥି ଭାବେ ପ୍ରତାପ ହୋତା ଓ ଶୁସାନ୍ତ ସାହୁ ଯୋଗ ଦେଇଥିଲେ। ଶେଷରେ ଶଙ୍କରଲାଲ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ଶ୍ରୀଦଧିବାମନଙ୍କୁ ଲାଗିହେଲା ପାଞ୍ଚମୂଳ ପାଞ୍ଚନ

ବରଗଡ଼, ୧୬।୬(ସମିସ): ଭଟଲିରେ ଶ୍ରୀ ଦଧିବାମନ ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଜ୍ୱରଗ୍ରସ୍ତ ହୋଇଥିଲେ। ସମସ୍ତ ନୀତି ସମାପନ ପରେ ଅଣସର ପିଣ୍ଡିକୁ ଯିବା ବେଳେ ଶ୍ରୀଜୀଉ ଦକ୍ଷିଣାଭିମୁଖୀ ହେଲା ସମୟରେ ବିଭୀଷଣ ବନ୍ଦାପନା ପରେ ବିଜେ କରିଥିଲେ। ମହାପ୍ରଭୁ ଶୀତଳ ଜଳରେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଶ୍ରୀଜୀଉ ଜ୍ୱର ଚିକିତ୍ସା ବିଧିରେ ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ପଥ୍ୟ ଓ ପାଞ୍ଚନ ଔଷଧ ସେବନ କରିଥାନ୍ତି। ସୋମବାର ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ବେଲ, ଫଣ ଫଣା, ଗମ୍ଭାରୀ, ପାଟଲୀ ଓ ଅଗବଥୁ ଚେରରେ ପ୍ରସ୍ତୁତ ପାଞ୍ଚମୂଳ ଲାଗି କରାଯାଇଥିଲା। ଏହି ଅଣସର ପିଣ୍ଡିରେ ଶ୍ରୀଜୀଉଙ୍କ ଅନେକ ଗୁପ୍ତ ଲୀଳା ହୋଇଥାଏ। ଦୀର୍ଘ ୧୫ ଦିନ ଧରି ଏହି ଗୋପନୀୟ ଲୀଳା ଅନୁଷ୍ଠିତ ହୋଇଥାଏ। ଦଧିବାମନ ମହାପ୍ରଭୁଙ୍କୁ ଅଣସର ପିଣ୍ଡିରେ ଚୁଆ, ଚନ୍ଦନ, କର୍ପୂର, କସ୍ତୁରୀର ସମ୍ମିଶ୍ରଣରେ ନିର୍ମିତ କରାଳ ଚନ୍ଦନ ଓ କେବଳ ସୁଗନ୍ଧିତ ଶୁକ୍ଳଫୁଲ ଲାଗିହୁଏ। ଏହି ୧୫ ଦିନ ମହାପ୍ରଭୁଙ୍କୁ ପଥୀ ଭାବେ ପକ୍ୱଫଳ, ରମ୍ଭାଫୁଲ, ଗଜାମୁଗ, ଛେନା, କର୍ପୂର ଓ କ୍ଷୀର ସହ ମିଶ୍ରିତ ମିଶ୍ରି ପଣା ମଣୋହୀ କରାଯାଏ। ଅନବସର ଘରେ ଶ୍ରୀମୁଖ ଦର୍ଶନ ନିଷେଧ ଥିବାରୁ ତାଙ୍କ ସେବା କରିବା ପୂର୍ବରୁ ପ୍ରଥମେ ଶ୍ରୀଜୀଉଙ୍କୁ କ୍ଷମା ପ୍ରାର୍ଥନା କଲାପରେ ତାଙ୍କ ସେବା ହୋଇଥାଏ। ଏହି ସମୟରେ କେବଳ ମନ୍ଦିର ପୂଜକ ମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ସେବା ସମ୍ପାଦନ କରାଯାଏ।



# ବ୍ରଜପାତ ମୃତକଙ୍କ ଘରେ ପହଞ୍ଚିଲେ ବିଡିଓ, ଆର୍‌ଆଇ

ପାଇକମାଳ, ୧୬।୬(ସମିସ):

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ବାରପଲିଆରେ ରବିବାର ବ୍ରଜପାତରେ ବଳଦେବ ମାଝୀଙ୍କ ମୃତ୍ୟୁ ହୋଇଥିବା ବେଳେ ଧନସିଂ ଛତ୍ରିଆ ଓ ବୈକୁଣ୍ଠ ଛତ୍ରିଆ ଆହତ ହୋଇଛନ୍ତି। ଏ ନେଇ ଦୈନିକ 'ସକାଳ' ଖବରକାଗଜରେ ପ୍ରକାଶିତ ହୋଇଥିଲା। ସୋମବାର ବଳଦେବଙ୍କ ଶବ ବ୍ୟବଚ୍ଛେଦ ପରେ ବାରପଲିଆରେ ଶବ ସତ୍କାର କରାଯାଇଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ଜାଣିବା ପରେ ପ୍ରଶାସନ ମୃତ ପରିବାରକୁ ଆଜି ଭେଟିଛି। ପ୍ରାଶାସନିକ ଅଧିକାରୀଙ୍କ ମଧ୍ୟରେ ଛିନ୍ଦେଇକେଲା ଆର୍‌ଆଇ ଅନିତା ପ୍ରଧାନ ଓ ଅମିନ କୃଷ୍ଣ ମହାନନ୍ଦିଆ ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟକୁ ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କୁ ପ୍ରଦାନ କରିଛନ୍ତି। ସେହିପରି ବ୍ଲକ ପ୍ରାଶାସନିକ ଅଧିକାରୀ ଭାବେ ପାଇକମାଳ ବିଡିଓ ପ୍ରଫୁଲ୍ଲ ଓଦ୍ରୁ, ଛିନ୍ଦେଇକେଲା ପିଇଓ ରାମଦାସ ମହାନନ୍ଦ, ପାଇକମାଳ ପିଇଓ ଜାମେବତୀ ମାଝୀ ଓ



କେଛୋଦାଦର ପିଇଓ ହେମରାଜ ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ବିଡିଓ ମୃତ ବଳଦେବଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ଓ ଅନ୍ତୋଦୟ ଗୃହ, ଜାତୀୟ ପରିବାର ସୁମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ଖୁବଶୀଘ୍ର ଯୋଗାଇ ଦିଆଯିବ। ଏହାସହିତ ବ୍ରଜପାତରେ ମୃତ ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ଆର୍ଥିକ ସହାୟତାରାଶି ଶୀଘ୍ର ଯୋଗାଇ ଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ବଳଦେବ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ସ୍ତ୍ରୀ ସମେତ ଗୋଟିଏ ଦିବ୍ୟାଙ୍ଗ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ସୂଚନାଯୋଗ୍ୟ, ରବିବାର ବଳଦେବ, ଧନସିଂ ଓ ବୈକୁଣ୍ଠ ଘର ତିଆରି କରିବା ପାଇଁ ନିଜ କ୍ଷେତକୁ ଯାଇଥିଲେ। ବର୍ଷା ହେବାରୁ ବରଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁଁ ୩ ଜଣ ଅଚେତ ହୋଇପଡ଼ିଥିଲେ। ପରିବାର ଦ୍ୱାରା ସେମାନଙ୍କୁ ନୂଆପଡ଼ା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ବଳଦେବଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆହତ ଧନସିଂ ଓ ବୈକୁଣ୍ଠଙ୍କ ଚିକିତ୍ସା କରାଯାଇଥିଲା। ବଳଦେବଙ୍କୁ ହରାଇ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ସହକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାସ୍ତାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଅମ୍ବାଭୋନା, ୧୬।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନସ୍ଥ ଗଙ୍ଗେଇରୁ ରାସ୍ତା କଡ଼ରେ ବେକ କଟି ଅଜଣା ଯୁବକଙ୍କ ମୃତ ଶରୀର ପଡ଼ିଥିବା ଦେଖାଯାଇଛି। ଖବର ପାଇ ଅମ୍ବାଭୋନା ପୁଲିସ ସେହି ସ୍ଥାନରେ ପହଞ୍ଚି ଶବ ଉଦ୍ଧାର କରିଛି। ପୁଲିସ ମୃତକଙ୍କ ବିଷୟରେ ଆଖ ପାଖ ଅଞ୍ଚଳରେ ପଚାରି ବୁଝିଥିଲେ ସୁଦ୍ଧା କୌଣସି ପରିଚୟ ମିଳି ପାରି ନାହିଁ। ମୁହଁ ନଷ୍ଟ ହୋଇ ଯାଇଥିବାରୁ ଚିହ୍ନିବା ସହଜ ହେଉନାହିଁ। ତେବେ ମୃତ ଯୁବକଙ୍କ ବର୍ଣ୍ଣ କଳା, ଉଚ୍ଚତା ୫ ଫୁଟ ୬ ଇଞ୍ଚ ଓ ବୟସ ପାଖାପାଖି ୪୦ରୁ ୪୫ ବର୍ଷ ବୋଲି ଅନୁମାନ କରାଯାଉଛି। ତାଙ୍କର ହାତରେ ଶଙ୍ଖ ଚିହ୍ନର ଟାଟୁ ରହିଛି ବୋଲି ଥାନା ଅଧିକାରୀ ବିପିନ ବାଗଙ୍କ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଅମ୍ବାଭୋନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଞ୍ଚନାମା ପାଇଁ ପଠାଇଛି।

## ନବଜାତ ଶିଶୁ ଓ ନାବାଳିକା ମା' ଉଦ୍ଧାର



**ଭଟଲି, ୧୬।୬(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ କେଲେଣ୍ଡାପାଲି ପଞ୍ଚାୟତ ଅଧୀନ ଜଡାମୁଣ୍ଡା ଗାଁରୁ ନବଜାତ ଶିଶୁ ତାର ନାବାଳିକା ମାଆକୁ ଭଟଲି ଆଇସିଡିଏସ କାର୍ଯ୍ୟାଳୟ କର୍ମଚାରୀମାନେ ସୋମବାର ଉଦ୍ଧାର କରିଛନ୍ତି। ସୂଚନା ମତେ, ପ୍ରାୟ ୪ ଦିନ ହେବ ଜଣେ ୧୬ ବର୍ଷିୟ ନାବାଳିକା ଶିଶୁ ପୁତ୍ରଟିଏ ଜନ୍ମ ଦେଇଥିବା ଗାଁରେ ଜଣାପଡ଼ିଥିଲା। ନାବାଳିକାର ପିତା ପକ୍ଷାଘାତ ରୋଗରେ ପୀଡ଼ିତ ଏବଂ ମାଆ ମଧ ଅସୁସ୍ଥ। ଏହାଜାଣି ଗାଁ ଲୋକେ କ୍ଲବ୍ ଘରେ ତାକୁ ଆଶ୍ରୟ ଦେବା ସହ ଯତ୍ନ ନେଉଥିଲେ। ଆଜି ଅଗନବାଡ଼ି କର୍ମୀ ଚନ୍ଦ୍ରକାନ୍ତିରଣାଙ୍କ ଠୁଁ ଖବର ପାଇ ଆସିଡିଏସର ସିଡିଡିଓ ସୈରେନ୍ଦ୍ରୀ ମହାନନ୍ଦ, ସୁପରଭାଇଜର ଅନୀତା ପୁରୋହିତ ଏବଂ ତପସ୍ୱିନୀ ବରିହା ପ୍ରମୁଖ ଜଡାମୁଣ୍ଡା ଗାଁରେ ପହଞ୍ଚିଥିଲେ। ମାଆ ଓ ଶିଶୁ ପୁତ୍ରକୁ ଆଣି ବରଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ସମିତି କାର୍ଯ୍ୟାଳୟରେ ଜିମା ଦେଇଥିବା ମହାନନ୍ଦ ସୂଚନା ଦେଇଛନ୍ତି।

## ନାରାୟଣ ପୃଷେଠ୍‌ଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

**ପଦ୍ମପୁର, ୧୬।୬(ସମିସ):** ପଦ୍ମପୁରର ଆଗାମୀ ସାହିତ୍ୟ ସଂସଦ ତରଫରୁ ସାହିତ୍ୟିକ ନାରାୟଣ ପୃଷେଠଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଞ୍ଜୟ ବହିଦାର ସଭାପତିତ୍ୱ କରିଥିଲେ। ଆସନ୍ତା ୨୦ ତାରିଖରେ ଜୟନ୍ତୀ ଉତ୍ସବ ପାଳନ କରାଯିବା ସହ ସ୍ମରଣୀକା ଉନ୍ମୋଚନ କରାଯିବ। ବୈଠକରେ ଅବନି ସାହୁ, ସନ୍ତୋଷ ସିଂ ଠାକୁର, ଶେଷଦେବ ମେହେର, କରୁଣାକର ମେହେର, କିଶୋର ପାତ୍ର, ଟେନେସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ପଦ୍ମପୁର, ୧୬।୬(ସମିସ):** ପଦ୍ମପୁର ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ପୁରୋହିତଙ୍କ ପରଲୋକ ହୋଇଯାଇଛି। ସେ ଝାଙ୍କରପାଲି ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ତାଙ୍କର ନିଧନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲକ୍ଷ୍ମୀ ନାରାୟଣ ଶ୍ମଶାନରେ ପୁଅ ରାଜୀବ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଜ୍ଞାତି କୁଟୁମ୍ବ ପ୍ରଭୃତି ଉପସ୍ଥିତ ଥିଲେ।


## ପଦ୍ମପୁରରେ ଏବିଭିପିର ହେଲ୍ପଡେସ୍କ



ପଦ୍ମପୁର, ୧୬।୬(ସମିସ): ପଦ୍ମପୁର ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ହେଲ୍ପଡେସ୍କ ବା ସହାୟତା କେନ୍ଦ୍ର ସୋମବାର ଆରମ୍ଭ ହୋଇଛି। ଯୁକ୍ତତିନିର ନାମଲେଖା ଉପଲକ୍ଷେ ଏହି ସହାୟତା କେନ୍ଦ୍ର ଆରମ୍ଭ କରାଯାଇଛି। ନୂତନ ବିଦ୍ୟାର୍ଥୀଙ୍କ ନାମଲେଖା ସମ୍ବନ୍ଧୀୟ ସୂଚନା, ଆବଶ୍ୟକୀୟ ସାର୍ଟିଫିକେଟ ସମ୍ପର୍କୀୟ ସହଯୋଗ, ଖରା ଯୋଗୁଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା, ନାମଲେଖା ପରେ ନିଶୁଳ୍କ ପାଠ୍ୟ ଉପକରଣ ଯୋଗାଇବା, ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ଭଳି ବିଭିନ୍ନ ପ୍ରକାର ସହାୟତା ପାଇଁ ଏବିଭିପିର କାର୍ଯ୍ୟକର୍ତ୍ତା ପଦକ୍ଷେପ ନେଇଛନ୍ତି। ଆଜି ଏବିଭିପିର ପୂର୍ବତନ ପ୍ରଦେଶ ସ୍ତରୀୟ କାର୍ଯ୍ୟକର୍ତ୍ତା ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାର ପ୍ରମୁଖ ରୀତେଶ ରଞ୍ଜନ ମେହେର ଏହାର ଶୁଭାରମ୍ଭ କରିଥିଲେ। ଏବିଭିପି ପଦ୍ମପୁର ନଗର ସମ୍ପାଦକ ପ୍ରତ୍ୟୁଷ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୀବନାନନ୍ଦ ଦାଶ, ମନୋଜ ସାହୁ, ବାଦଲ ମେହେର, ତୋଷବନ୍ତ ସେଠ, ସୌମ୍ୟରଞ୍ଜନ ସାହୁ, ଅଭିଷେକ ତନସନା ପ୍ରମୁଖ ଏବିଭିପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ହେଲ୍ପଡେସ୍କ ଯୁକ୍ତତିନି ଓ ଯୁକ୍ତଦୁଇର ନାମଲେଖା ପରବର୍ତ୍ତୀ ସମୟରେ ମଧ ଜାରି ରହିବ ବୋଲି ନଗର ସମ୍ପାଦକ ପ୍ରତ୍ୟୁଷ ସୂଚନା ଦେଇଛନ୍ତି।

■ ବିଜେପୁର କଲେଜ ରାସ୍ତା

## ଖବର ପରେ ତତ୍ପର ଗ୍ରାମ୍ୟ ଉନ୍ନୟନ ବିଭାଗ



ବିଜେପୁର, ୧୬।୬(ସମିସ): ବରଗଡ଼ ଜିଲ୍ଲା ବିଜେପୁର କଲେଜ ରୋଡ୍‌ର ଦୟନୀୟ ଅବସ୍ଥା ଉପରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପରତା ଦେଖାଇଛି। ଗତ ୭ ତାରିଖ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଖବର ପ୍ରସାରିତ ହୋଇଥିଲା। ଏନେଇ ରହିଥିବା ଜନ ଅସନ୍ତୋଷ ଏବଂ ଦାନା ବାନ୍ଧୁଥିବା ଜନ ଆନ୍ଦୋଳନ ବିଷୟରେ ମତପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ଯନ୍ତ୍ରୀ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଶୀଘ୍ର ରାସ୍ତାର ମରାମତି ପାଇଁ ଅନୁରୋଧ କରିବା ପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଖୁବ୍ ଶୀଘ୍ର ବିଜେପୁରର ପ୍ରବେଶ ପଥ ସୁନ୍ଦର କରିବା ସହ ଯାତାୟାତରେ ଉପୁଜୁଥିବା ସମସ୍ୟାର ସମାଧାନ ହେବ ବୋଲି ଯନ୍ତ୍ରୀ ପ୍ରକାଶ କରିଛନ୍ତି।

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ତ୍ୟ ସେନ୍

THE SAKALA

## ବନ୍ଧା ପଡ଼ିଛି ଓଡ଼ିଆ ଅସ୍ମିତା

ରାଜ୍ୟରେ ସରକାର ଗଠନର ଏ ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି ସରକାର। ଏହି ଅବସରରେ ନିଜର ସଫଳତା ବଖାଣିବା ପାଇଁ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯୋଜନା କରୁଛି। ଏହି ଗୋଟିଏ ବର୍ଷ ଭିତରେ ସରକାର ଅନେକ ଉଲ୍ଲେଖନୀୟ କାମ କରିଛନ୍ତି ବୋଲି ବିଜେପି ଦାବି କରିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିଶ୍ରୁତି ଦେଇ ଦଳ କ୍ଷମତାକୁ ଆସିଥିଲା ତାହାକୁ ପାଳନ କରିବାରେ କେତେ ସଫଳ, ତାହାର ଆକଳନ କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। କ୍ଷମତାକୁ ଆସିବା ଲାଗି ବିଜେପି ଯାହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା, ତାହା ଥିଲା ଓଡ଼ିଆ ଅସ୍ମିତା। ଏହି ଅସ୍ମିତାକୁ ବିଜେପି ସରକାର ରକ୍ଷା କରିପାରିଛନ୍ତି କି ନାହିଁ, ତାହା ଉପରେ ସମୀକ୍ଷା କରିବାର ସମୟ ଆସିଛି।

ପୋଲାଭରମ ବିବାଦଠାରୁ ଆରମ୍ଭ କରି ଛତିଶଗଡ଼ ସହ ମହାନଦୀ ବିବାଦ, ଓଡ଼ିଆ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼, ଶ୍ରୀମନ୍ଦିର ରତ୍ନଭଣ୍ଡାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପର୍ଯ୍ୟନ୍ତ ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ସହିତ ଓଡ଼ିଆ ଅସ୍ମିତା ଯୋଡ଼ି ହୋଇରହିଛି। କିନ୍ତୁ ବିଜେପି ସରକାର ଏହାର ସୁରକ୍ଷା ପାଇଁ କ'ଣ କ'ଣ କରିଛନ୍ତି, ତାହା ଜଳ ଜଳ ହୋଇ ଦେଖାଯାଉଛି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ଶତାଧିକ ଗାଁ ବୁଡ଼ିଯିବ ଏବଂ ଏଥିରେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହାସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଭିତ୍ତିରେ ସାରିବା ଲାଗି ଆନ୍ଧ୍ର ଉପରେ ଅଜସ୍ର ପାଣ୍ଠିର ବର୍ଷା କରିଛନ୍ତି। ଏହାକୁ ବିରୋଧ କରିବା ତ ଦୂରର କଥା, ଏ ସମ୍ପର୍କରେ ମୁହଁ ବି ଫିଟାଉ ନାହାନ୍ତି ରାଜ୍ୟ ବିଜେପି ସରକାର। ସେହିଭଳି ଅନ୍ୟତମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବନ୍ଧ ନିର୍ମାଣ କରି ଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ବନ୍ୟା ବେଳେ ପାଣି ଛାଡ଼ୁଛି ଏବଂ ଅଣବର୍ଷା ଋତୁରେ ଜଳ ପ୍ରବାହକୁ ହ୍ରାସ କରୁଛି। ଏହାଯୋଗୁଁ ଓଡ଼ିଶାର କ୍ଷତି ହିଁ କ୍ଷତି ହେଉଛି। ଏହାର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି। କିନ୍ତୁ ସମାଧାନ ଆଡ଼କୁ କଥା ଆଗଉନି। ସବୁଠାରୁ ଉଲ୍ଲଖନୀୟ କଥା ହେଲା ଯେ ଛତିଶଗଡ଼ରେ ବିଜେପି ସରକାର ରହିଛି ଏବଂ କେନ୍ଦ୍ରରେ ବି ବିଜେପି ସରକାର। ଟ୍ରିପଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ନିରବ ରହି ଓଡ଼ିଶାବାସୀଙ୍କୁ ସେମାନଙ୍କ ଭାଗ୍ୟ ସହିତ ଛାଡ଼ିଦେଇଛନ୍ତି।

ଗତ ନିର୍ବାଚନ ପ୍ରଚାର ସମୟରେ ରାଜ୍ୟ ପ୍ରଶାସନରେ ଅଣଓଡ଼ିଆ ଅଧିକାରୀଙ୍କ ଭୂମିକାକୁ ନେଇ ଅବାସ୍ତବ ପ୍ରସଙ୍ଗ କରିଥିଲା ବିଜେପି। ଭାରତର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥାରେ ସର୍ବଭାରତୀୟ ସେବାରେ ଗୋଟିଏ ରାଜ୍ୟର ବ୍ୟକ୍ତି ଅନ୍ୟ ରାଜ୍ୟରେ ଅଧିକାରୀ ହୋଇପାରିବେ। ଏହା ହେଉଛି ମଧ୍ୟ। ଓଡ଼ିଶାର କେତେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅନ୍ୟ ରାଜ୍ୟରେ ମୁଖ୍ୟ ସଚିବ ଓ ପୁଲିସ ଡିଜି ହେବାର ମଧ୍ୟ ଉଦାହରଣ ରହିଛି। ସେହିଭଳି ଅନ୍ୟ ରାଜ୍ୟର ଅଧିକାରୀ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କଲେ ଅସୁବିଧା କେଉଁଠି ରହିଲା? ବର୍ତ୍ତମାନ ପ୍ରଶ୍ନ ଉଠୁଛି କ୍ଷମତାକୁ ଆସିଲା ପରେ ସେହି ବ୍ୟବସ୍ଥାରୁ ଓଡ଼ିଶା ପ୍ରଶାସନକୁ ମୁକ୍ତ କରିପାରିଛି କି ବିଜେପି? ଏହା ସମ୍ଭବ ନୁହେଁ। ତା'ହେଲେ ନିର୍ବାଚନ ପ୍ରଚାର ବେଳେ ଅସ୍ମିତା ନାମରେ ଏଭଳି ବିଭ୍ରାନ୍ତି କାହିଁକି ପ୍ରଚାର କରୁଥିଲା ବିଜେପି?

ଗତବର୍ଷ ରଥଯାତ୍ରା ବେଳେ ଓଡ଼ିଶାରେ ଜଣେ ଓଡ଼ିଆ ଅଧିକାରୀ ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଲେ ତତ୍କାଳୀନ ରାଜ୍ୟପାଳ ତଥା ଝାଡ଼ଖଣ୍ଡ ବିଜେପି ନେତା ରଘୁବର ଦାସଙ୍କ ପୁଅ ଲଳିତ ଦାସ। ନ୍ୟାୟ ପାଇଁ ଅଧିକାରୀ ଓ ତାଙ୍କ ପରିବାର ଦୌଡ଼ି ଦୌଡ଼ି ଥକିଗଲେଣି। ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ପୁଲିସ ଏଫ୍ଆଇଆରକୁ ନେଇ ମଧ୍ୟ ଖେଳୁଛି। ରାଜ୍ୟ ସୀମାରେ ଏବଂ ରାଜ୍ୟ ଭିତରେ ଅଣଓଡ଼ିଆଙ୍କ ଉତ୍ପାତ ବଢ଼ି ଚାଲିଥିବା ବେଳେ ସରକାର ନିରବ ରହିବା କେଉଁପ୍ରକାର ଅସ୍ମିତା? କେବଳ ନାଁ ଓ ରଙ୍ଗ ବଦଳାଇବାରେ ବ୍ୟସ୍ତ ରାଜ୍ୟ ବିଜେପି ସରକାର ରାଜ୍ୟର ଅସ୍ମିତାକୁ ଡବଲ ଇଞ୍ଜିନ ଆଗରେ ବନ୍ଧା ପକାଇଦେଇଛନ୍ତି।

ରାଜ୍ୟରେ ଗରିବ ଲୋକମାନଙ୍କର ସାହା ଭରସା ପାଲଟିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ)କୁ ବନ୍ଦ କରି ଦେଇ ନବଗଠିତ ସରକାର ରାଜ୍ୟବାସୀଙ୍କୁ ତଳିତଳାନ୍ତ କରିଛନ୍ତି। ବିଏସ୍କେୱାଇ ସହିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଯୋଜନାକୁ ଯୋଡ଼ାଯାଇଛି ବୋଲି କୁହାଯାଉଥିବା ବେଳେ ବାସ୍ତବରେ ଯୋଜନାର ମିଶ୍ରଣ ପରେ ଲୋକମାନଙ୍କୁ ଆଗଭଳି ଚିକିତ୍ସା ସୁବିଧା ଆଉ ମିଳୁନାହିଁ। ଏହାକୁ ନେଇ ରୋଗୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ସେହିଭଳି ନିର୍ବାଚନ ପ୍ରଚାର ବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ନେଇ ଦୁନିଆ ତମ୍ବିତୋଫାନ କଲେ। ସବୁ ସଭାମଞ୍ଚରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେପି ନେତା। ବିଭିନ୍ନ ପ୍ରକାର ବିଭ୍ରାନ୍ତିକର ତଥ୍ୟ ଦେଇ ଭୋଟରମାନଙ୍କୁ ପ୍ରଭାବିତ କଲେ। ନିର୍ବାଚନରେ ବିଜୟୀ ହେଲେ ଚାବି ଖୋଜି ଆଣି ରତ୍ନଭଣ୍ଡାର ଖୋଲିବେ ବୋଲି କହିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ବଦଳିଗଲା ସରକାରଙ୍କ ସ୍ୱର। ଚାବି ଖୋଜିବା ପାଇଁ ଗଠିତ କମିସନ ଯେଉଁ ରିପୋର୍ଟ ଦେଇଛନ୍ତି, ତାହାକୁ ସାର୍ବଜନୀନ କରିବାକୁ ମନା କରିଦେଲେ ସରକାର। ହାଇକୋର୍ଟରେ ଏ ସମ୍ପର୍କରେ ଆଗତ ପିଟିସନକୁ ମଧ୍ୟ ସରକାର ବିରୋଧ କଲେ। ଶେଷରେ ରତ୍ନଭଣ୍ଡାର ଖୋଲା ହେଲା। କିନ୍ତୁ କେତେ ଅଳଙ୍କାର ରହିଛି ତାହାର ଏପର୍ଯ୍ୟନ୍ତ ଗଣତି ମଣତି ହୋଇପାରିଲା ନାହିଁ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମୀତାର ପ୍ରତୀକ। ତାଙ୍କୁ ନେଇ ଏଭଳି ରାଜନୀତି କାହିଁକି? ଏ ସମ୍ପର୍କରେ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ।

# ଆଖି ଦେଖା ମିଛ

ମାନସ ମଙ୍ଗରାଜ

ଅନୁଭବ-ଅନୁଭୂତି

ଥରେ ସମ୍ରାଟ ଆକବର ରାଜସଭାରେ କୌଣସି ପ୍ରସଙ୍ଗକୁ ନେଇ ନିଜ ପାରିଷଦମାନଙ୍କୁ ପଚାରିଲେ- 'ଆଖି ଦେଖା କଥା କ'ଣ ମିଛ ହୋଇପାରେ?' ସମ୍ରାଟଙ୍କ ପ୍ରଶ୍ନ ଶୁଣି ସମସ୍ତେ ସ୍ତବ୍ଧ। ଆଖିରେ ଦେଖିଥିବା କଥା କ'ଣ ସତ ନୁହେଁ? କେହି କିଛି ଉତ୍ତର ଦେବା ପୂର୍ବରୁ 'ଆକବରନାମା'ର ଲେଖକ ପଣ୍ଡିତ ଅବୁଲ ଫଜଲ କହିଲେ- 'ଜାହାଁପନା, ଆଖି ଦେଖିଥିବା କଥା କେବେ ଅସତ୍ୟ ହୋଇ ପାରିବ ନାହିଁ।' ଅନ୍ୟ ମନ୍ତ୍ରୀ ଓ ପାରିଷଦମାନେ ମଧ୍ୟ ଅବୁଲ ଫଜଲଙ୍କ କଥା ସହ ସହମତି ପ୍ରକାଶ କଲେ। ସେଠାରେ ଉପସ୍ଥିତ ଥିଲେ ବୀରବଲ। ନିଜର ଉପସ୍ଥିତ ବୁଦ୍ଧି ଓ ପାଣ୍ଡିତ୍ୟ ପାଇଁ ପ୍ରସିଦ୍ଧ ବୀରବଲ କହିଲେ- 'ଆଖି ଦେଖା କଥା ସବୁବେଳେ ସତ୍ୟ ନୁହେଁ। ସ୍ୱଚକ୍ଷୁରେ ଦେଖିଥିବା ଅନେକ କଥା ଅନେକ ସମୟରେ ଅସତ୍ୟ ହୋଇପାରେ।' ବୀରବଲଙ୍କ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା। ସେମାନେ ଏହାର ପ୍ରମାଣ ଦେବା ନିମନ୍ତେ ବୀରବଲଙ୍କୁ ଆହ୍ୱାନ ଦେଲେ। ଆକବର ମଧ୍ୟ ବୀରବଲଙ୍କୁ ଏହା ପ୍ରମାଣ କରିବାକୁ ନିର୍ଦ୍ଦେଶ ଦେଲେ। ୨୪ ଘଣ୍ଟା ମଧ୍ୟରେ ଏହା ପ୍ରମାଣ କରିଦେବେ ବୋଲି କହି ବୀରବଲ ରାଜସଭାରୁ ବିଦାୟ ନେଲେ।

ଦରବାର ତ୍ୟାଗ କରି ବୀରବଲ ନିଜ ଘର ପରିବର୍ତ୍ତେ ସମ୍ରାଟ ଆକବରଙ୍କ ବାସଭବନକୁ ଗଲେ। ସେଠାରେ କାର୍ଯ୍ୟ କରୁଥିବା ଜଣେ ପରିଚାରିକାକୁ ପାଖକୁ ଡାକି ରାତିରେ ଆକବରଙ୍କ ଶଯ୍ୟାରେ ଶୟନ କରିବାକୁ ନିର୍ଦ୍ଦେଶ ଦେଲେ। ଏଥିପାଇଁ ତାକୁ ୧୦ ସ୍ୱର୍ଣ୍ଣମୁଦ୍ରା ଦେବାକୁ ପ୍ରଲୋଭନ ବି ଦେଖାଇଲେ। ଏପରି ଧୃଷ୍ଟତା ନିମନ୍ତେ ତା'ର ଜୀବନ ଯିବାର ଭୟ ଥିବାରୁ ପରିଚାରିକା ପ୍ରଥମେ ବୀରବଲଙ୍କ ପ୍ରସ୍ତାବରେ ସମ୍ମତ ହେଲା ନାହିଁ। ମାତ୍ର ବୀରବଲ ତାକୁ ଅଭୟ ଆଶ୍ୱାସନା ଦେବା ପରେ ସେ ସମ୍ରାଟଙ୍କ ଶୟନକକ୍ଷରେ ତାଙ୍କ ବିଛଣାରେ ଶୋଇବା ନିମନ୍ତେ ରାଜି ହେଲା। ଆକବର ଶୟନକକ୍ଷକୁ ଆସିବା ବେଳକୁ ପରିଚାରିକା ଜଣକ ଘୋଡ଼ି ହୋଇ ତାଙ୍କ ଶେଯ ଉପରେ ଶୋଇଥିଲା; ମାତ୍ର ଏ କଥା ଆକବର ଜାଣିବେ କିପରି? ସେ ଭାବିଲେ ବେଗମ୍ ହୁଏତ କ୍ଲାନ୍ତ ହୋଇ ନିଦ୍ରା ଯାଇଛନ୍ତି। ତେଣୁ ସେ ନିଦ୍ରିତା ରମଣୀଙ୍କ ସହ କୌଣସି ବାକ୍ୟବ୍ୟୟ ନ କରି ନିଜ ବିଛଣାରେ ବିଶ୍ରାମ ନେଲେ। କିଛିସମୟ ପରେ କାହାର ଚିତ୍କାରରେ ଆକବରଙ୍କ ନିଦ ଭାଙ୍ଗିଗଲା। ସେ ଦେଖିବା ବେଳକୁ କକ୍ଷ ମଧ୍ୟରେ ବେଗମ୍ ଠିଆ ହୋଇ କ୍ରୋଧରେ ଚିତ୍କାର କରୁଛନ୍ତି ଏବଂ ତାଙ୍କ ଶଯ୍ୟାରେ ପରିଚାରିକା ଶୋଇଛନ୍ତି। ସମ୍ରାଟ ଆକବର ହଠାତ୍ କିଛି ବୁଝି ପାରିଲେ ନାହିଁ।

ଜଣେ ପରିଚାରିକାକୁ ଶଯ୍ୟାସଙ୍ଗିନୀ କରିଥିବା ଯୋଗୁଁ ବେଗମ୍ କ୍ରୋଧାନ୍ୱିତ ହୋଇ ସମ୍ରାଟ ଆକବରଙ୍କୁ ଭର୍ତ୍ସନା କରି ଚାଲିଥା'ନ୍ତି। ଆକବର ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ବେଗମ୍ କିଛି ବୁଝୁ ନ ଥା'ନ୍ତି। ସେ ଆଖିରେ ଦେଖିଥିବା କଥା କେବେ ମିଛ ହୋଇ ନ ପାରେ ବୋଲି କହୁଥା'ନ୍ତି। ଏହି ସମୟରେ ବୀରବଲଙ୍କର ଆବିର୍ଭାବ ଘଟେ। ଉଭୟ ବେଗମ୍ ଓ ଆକବରଙ୍କୁ ସେ ସବୁ ଘଟଣା ବୁଝାଇ ଦିଅନ୍ତି। ସମ୍ରାଟଙ୍କ ସହ ପରିଚାରିକାର କୌଣସି ସମ୍ପର୍କ ନାହିଁ। ଆକବର ଯେପରି ପରିଚାରିକାକୁ ବେଗମ୍ ମନେକରି ତାଙ୍କ ସହ ବିଶ୍ରାମ ନେଇଥିଲେ, ସେହିପରି ସମ୍ପୂର୍ଣ୍ଣ ଘଟଣା ନ ଜାଣି କେବଳ ଆଖିରେ ଦେଖିଥିବା କଥାକୁ ବେଗମ ସତ୍ୟ ମନେ କରିବା ଅସତ୍ୟ ବୋଲି ବୀରବଲ ପ୍ରମାଣ କରିଦିଅନ୍ତି। ଅର୍ଥାତ୍ ଅନେକ ସମୟରେ ପ୍ରାୟୋଜିତ ମିଛ ବି ସତ୍ୟ ପରି ମନେ ହୁଏ। ଆକବର-ବୀରବଲଙ୍କ କଥା କେବଳ ଗୋଟିଏ ଉଦାହରଣ। ମାତ୍ର ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଆମ ସାମ୍ନାରେ ଏମିତି ଅନେକ ଘଟଣା ଘଟେ, ଯାହା ମିଛ ହୋଇଥିଲେ ବି ସତ ପରି ଲାଗେ। ସିଧା ଭାଷାରେ କହିଲେ -'ଆଖି ଦେଖା ମିଛ'। ମହାଭାରତର 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତଃ'ଠାରୁ ବଡ଼ ଉଦାହରଣ ବୋଧହୁଏ ଆଉ କିଛି ନାହିଁ। ବିଡ଼ମ୍ବନା ହେଉଛି ସତ୍ୟ ସାବ୍ୟସ୍ତ କରିବାକୁ ପ୍ରମାଣ ଲୋଡ଼ାପଡ଼େ, ମାତ୍ର ମିଥ୍ୟା ପାଇଁ କେବେ ପ୍ରମାଣର ଆବଶ୍ୟକତା ପଡ଼େ ନାହିଁ।

ସାମ୍ବାଦିକତା କେବେ ଯେ ସମ୍ପୂର୍ଣ୍ଣ ନିରପେକ୍ଷ ଥିଲା, ଏ ଉଲ୍ଲେଖ କରିବା ଧୃଷ୍ଟତା ହେବ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ସାମ୍ବାଦିକତାକୁ ସବୁବେଳେ ବିବଦମାନ ଓ ସାମ୍ବାଦିକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସିଛି। ଯେଉଁ ଖବରରେ ଯାହାର ସ୍ୱାର୍ଥହାନି ହୁଏ, ସେ ସର୍ବଦା ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ସ୍ୱାଭାବିକ ଅଙ୍ଗୁଳି ଉଠାଇଥାଏ। ମାତ୍ର ନିଜକୁ ଚର୍ଚ୍ଚିତ ଓ ପ୍ରସିଦ୍ଧ କରିବା ପାଇଁ ସାମ୍ବାଦିକଟି କେବେ ନିଜ ବୃତ୍ତିର ଅସମ୍ମାନ କରିବା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ଅନେକ ନୀତିନିଷ୍ଠ ଗଣମାଧ୍ୟମ କର୍ତ୍ତୃପକ୍ଷ ଏପରି ଆଚରଣକୁ ସହ୍ୟ କରୁ ନ ଥିଲେ। ରାଜନୀତିରେ ପ୍ରବେଶ ପୂର୍ବରୁ ପାଖାପାଖି ଦୁଇ ଦଶନ୍ଧି ଧରି ସାମ୍ବାଦିକତା କରିଛି। ବୃତ୍ତି ଦାୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛି। ମୋର ସମସାମୟିକ ଅନେକ ସାମ୍ବାଦିକ ବନ୍ଧୁ ଏବେ ବି ଅନେକ ଗଣମାଧ୍ୟମରେ ସକ୍ରିୟ। ଅନେକ ବନ୍ଧୁ ତ ବିଭିନ୍ନ ଗଣମାଧ୍ୟମରେ ବେଶ୍ ଉଚ୍ଚପଦରେ ଅବସ୍ଥାପିତ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବରେ ଗଣମାଧ୍ୟମ ସହ ଜଡ଼ିତ ଅନେକ ବନ୍ଧୁମାନଙ୍କ ସହ ମୋର ସମ୍ପର୍କ ରହିଛି। ତିନି ଦଶନ୍ଧି ତଳର ସାମ୍ବାଦିକତା ସହ ବର୍ତ୍ତମାନ ସମୟର ସାମ୍ବାଦିକତାକୁ ତୁଳନା କଲେ ଅନେକ ସମୟରେ କଷ୍ଟ ଲାଗେ, ନିରାଶ ହେବାକୁ ପଡ଼େ; ମାତ୍ର ଏଥିରେ ସମ୍ପୃକ୍ତ ସାମ୍ବାଦିକଟିକୁ ବି କିପରି ଦୋଷ ଦିଆଯିବ? ନିଜ ପରିବାର ପ୍ରତିପୋଷଣ ପାଇଁ ତା'କୁ ମାଲିକର ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ତ ପଡ଼ିବ। ଚାବି ଦିଆ କଣ୍ଢେଇ ପରି ସେ ନିଜ ମାଲିକର ନିର୍ଦ୍ଦେଶ ଅନୁସାରେ ନାଚିବାକୁ ବାଧ୍ୟ। ମାଲିକ ଚାହୁଁଥିବା ଅନୁସାରେ ଖବର ପ୍ରସ୍ତୁତ କରିବାକୁ ପଡ଼ିବ, ସେଠାରେ ବିବେକର ସ୍ଥାନ କାହିଁ? ସେହିପରି କିଛି ସାମ୍ବାଦିକ ନିଜ ବହିଃ ପ୍ରାୟୋଜକଙ୍କ ତୁଷ୍ଟୀକରଣ ଓ ସ୍ୱାର୍ଥ ସାଧନ ନିମନ୍ତେ ନିଜ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରିବାକୁ ସକ୍ଷମ ହୋଇଥା'ନ୍ତି, ମାତ୍ର ଏପରି ଉଦାହରଣ ଅତ୍ୟନ୍ତ ନଗଣ୍ୟ।

ମନ ସତ୍ୟ ବା ମିଥ୍ୟା ସୃଷ୍ଟି କରେ ନାହିଁ। ସେଥିପାଇଁ ନିଜ ସ୍ୱାର୍ଥ ପାଇଁ ଚତୁର ବ୍ୟକ୍ତି ମିଛକୁ ସତ ଓ ସତକୁ ମିଛ ରୂପେ ପ୍ରମାଣିତ କରିବାକୁ ସମର୍ଥ ହୁଅନ୍ତି। ଦୁର୍ବଳମନା ମଣିଷର ମସ୍ତିଷ୍କରେ ଏହାକୁ ଭର୍ତ୍ତି କରିବାକୁ ଏହି ଚତୁର ବ୍ୟକ୍ତିମାନଙ୍କୁ ଆଦୌ କଷ୍ଟ କରିବାକୁ ପଡ଼େ ନାହିଁ। ମନ କେବଳ ବିଶ୍ୱାସ ସୃଷ୍ଟି କରେ ଓ ଚତୁର ଲୋକମାନେ ତାହାର ସୁଯୋଗ ନେଇ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରମାଣ କରିବାକୁ ସକ୍ଷମ ହୋଇଥା'ନ୍ତି। ଯେମିତି ମ୍ୟାଜିସିଆନ ଓ ମାଇଣ୍ଡରିଡରମାନେ ଆଜିକାଲି ଲୋକର ମନ ଓ ମସ୍ତିଷ୍କକୁ ପ୍ରଭାବିତ କରିପାରୁଛନ୍ତି, ସେମିତି ମିଛକୁ ସତ୍ୟରେ ପରିଣତ କରିବାକୁ ଚତୁର ଲୋକମାନେ ଅନୁରୂପ ଢାଞ୍ଚା ପ୍ରୟୋଗ କରିଥା'ନ୍ତି। ଏହି ବ୍ୟକ୍ତି ବା ବ୍ୟକ୍ତିସମୂହ ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡାକୁ ଏବେ ନିଜର ନୀତିରେ ପରିଣତ କରିଛନ୍ତି। ଏପରିକି ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଏପ୍ରକାର ଦୁଷ୍ପ୍ରଚାରକୁ ପ୍ରୋତ୍ସାହିତ କରାଯାଉଛି। ଭୁଲ ସୂଚନା, ଭୁଲ ତଥ୍ୟ, ମିଛ ଖବର ଜରିଆରେ ଲୋକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରାଯାଉଛି। ଦୁଷ୍ପ୍ରଚାର ବା ପ୍ରୋପାଗଣ୍ଡା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉଛି। ଭୁଲ ନ୍ୟାରେଟିଭ ପ୍ରସ୍ତୁତ ହେଉଛି। ଘଟୁଥିବା ଘଟଣାର ଭୁଲ ତର୍ଜମା କରିବା ଓ ବାସ୍ତବତାକୁ ଗୋପନ ରଖି ମିଛ ପ୍ରଚାର କରିବାକୁ କୁହାଯାଉଛି। ସେଠାରେ ନୀତି ନୈତିକତା ନାହିଁ, ତଥ୍ୟ ଓ ତର୍କର ସ୍ଥାନ ନାହିଁ। ଗତ ନିର୍ବାଚନ ସମୟରେ ଏପରି କିଛି ଘଟଣାରେ ମିଛର ରଙ୍ଗ ମାଖି ଏଥିରୁ ଫାଇଦା ଉଠାଇବାକୁ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମ ମାଲିକ ଦୁଷ୍ପ୍ରଚାର ଜରିଆରେ ନିଜ ଫାଇଦା ବି ଉଠାଇଛନ୍ତି। ପରିଣତିସ୍ୱରୂପ ବୌଦ୍ଧିକତା ଉପହସିତ ହେଉଛି, ଖବର ଗୁରୁତ୍ୱ ହରାଉଛି ଓ ଗଣମାଧ୍ୟମ ନିଜର ସମ୍ମାନ। ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକଙ୍କୁ ଏବେ ଲୋକମାନେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ମିଛ ଏଜେଣ୍ଡା, ପ୍ରୋପାଗଣ୍ଡା ଖବର ପରିବେଷଣ ଯୋଗୁଁ ପାରମ୍ପରିକ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମଠାରୁ ପଛରେ ପଡ଼ି ଯାଇଛି। ଦୃଶ୍ୟ ଗଣମାଧ୍ୟମଗୁଡ଼ିକ କ୍ରମାଗତ ଭାବରେ ଦର୍ଶକଙ୍କ ଦ୍ୱାରା ଅଗ୍ରହଣୀୟ ହେବାରେ ଲାଗିଛି। ମୁଦ୍ରିତ ଗଣମାଧ୍ୟମ ବି ପାଠକଙ୍କ ଆଦର ହରାଉଛି। ପରିଣାମ ସ୍ୱରୂପ ଖବର ଶିଳ୍ପ ଏବେ ନିମ୍ନଗାମୀ ହେବାରେ ଲାଗିଛି। ତଥାକଥିତ ଟିଆରପିରେ ଓଡ଼ିଶାରେ ଏକଦା ଶୀର୍ଷ ସ୍ଥାନ ଅଧିକାର କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥିତି ଆଜି କେଉଁ ସ୍ଥାନରେ ଅଛି, ତାହା କାହାକୁ ଅଜଣା ନାହିଁ। ଏହି କଥିତ ବଡ଼ ବୈଦ୍ୟୁତିକ ଗଣମାଧ୍ୟମର ଟିଆରପି କେଇମାସ ମଧ୍ୟରେ ଦୁଇ-ତୃତୀୟାଂଶ ଖସି ୩୦ରୁ ୪୦ ମଧ୍ୟରେ ଅଟକି ଯାଇଛି। ସେହିପରି ନିଜକୁ ବଡ଼ ତଥା ଅଗ୍ରଣୀ ଗଣମାଧ୍ୟମ ଦାବି କରୁଥିବା ଖବରକାଗଜର ବାସ୍ତବ ପ୍ରସାର ସଂଖ୍ୟା ନିଜ ଦାବିର କେଉଁଠି ଅଧେ ତ କେଉଁଠି ଚଉଠେ। କେଉଁଠି କେଉଁଠି ଏହି ସଂଖ୍ୟା ଏକ-ଦଶମାଂଶ, କେଉଁଠି ପୁଣି ୨୫ ଭାଗରୁ ଭାଗେ।

ବାସ୍ତବତା, ବାସ୍ତବଧର୍ମୀ ଖବର ପରିବର୍ତ୍ତେ ନିଜ ସ୍ୱାର୍ଥ ସାଧନ ପାଇଁ ଖବରକୁ ମୋଡ଼ି ମକଚି ପରଷିବାର ପରିଣାମ ଏବେ ଉଭୟ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମକୁ ଭୟଙ୍କର ପ୍ରଭାବିତ କରିଛି। ଅଧିକାଂଶ ସାଧାରଣ ଲୋକଙ୍କ ଘରେ ଏବେ ଟିଭିରେ ଖବର ଚ୍ୟାନେଲ ଦେଖାଯାଉ ନାହିଁ। ଏପରିକି ଅନେକ ବ୍ୟକ୍ତିଙ୍କ ଘରେ ଟେଲିଭିଜନ କେବଳ ସୋ ପିସ୍ ଭାବରେ ରଖାଯାଇଥିବା ଦେଖାଯାଉଛି। ଅନେକ ସଚେତନ ପାଠକ ଖବରକାଗଜରୁ ମୁହଁ ମୋଡ଼ିଛନ୍ତି, ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ଖବରକାଗଜ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡ଼ମ୍ବନା ହେଉଛି ଏଥିରୁ ଖବରକାଗଜ ଓ ଟିଭିର ମାଲିକମାନେ କିଛି ଶିକ୍ଷାଲାଭ କରୁନାହାନ୍ତି। ଏହା କେବଳ ଓଡ଼ିଶାର କଥା ନୁହେଁ, ସାରା ଦେଶରେ ସ୍ଥିତି ଏକାପରି। ଯେଉଁଥିପାଇଁ ଏବେ ଖବର ଶିଳ୍ପ ଡିଜିଟାଲମୁହାଁ ହୋଇଛି। ଅନେକ ବୈଦ୍ୟୁତିକ ଗଣମାଧ୍ୟମ ସଙ୍କଟଜନକ ସ୍ଥିତି ଦେଇ ଗତି କରୁଛି। ଆଉ ଏ ଦଶନ୍ଧି ଶେଷ ବେଳକୁ ସମ୍ବାଦପତ୍ର ଶିଳ୍ପ କେଉଁଠି ପହଞ୍ଚି ଥିବ, ତାହା ଚିନ୍ତା କରିବା ବେଳକୁ ଭୟ ଲାଗୁଛି।

କ୍ଷତିକାରକ ଗଣମାଧ୍ୟମ ବିଷୟବସ୍ତୁଗୁଡ଼ିକ ଏକ ଷଡ଼ଯନ୍ତ୍ରକାରୀ ମାନସିକତାକୁ ଇନ୍ଧନ ଯୋଗାଏ, ଯାହା ସମାଜର ବିପୁଳ କ୍ଷତିସାଧନ କରିଥାଏ। ସାମଗ୍ରିକ ଓ ସାମାଜିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପୃଷ୍ଠପୋଷକତା ଯୋଗାଇଥାଏ। ମାତ୍ର ଅଧୋପତନ ବ୍ୟତୀତ ଏଥିରୁ କାହାକୁ ଅଧିକ କିଛି ମିଳେ ନାହିଁ। ପ୍ରସିଦ୍ଧ ମାର୍କିନ ଚିନ୍ତାନାୟକ ଓ ଦାର୍ଶନିକ ଫ୍ରେଡ଼ରିକ୍ ଜେମସନ ଯଥାର୍ଥରେ କହିଥିଲେ- ଦୁଷ୍ପ୍ରଚାର ବା ଷଡ଼ଯନ୍ତ୍ର ତତ୍ତ୍ୱ ହେଉଛି ଉତ୍ତର ଆଧୁନିକ ଯୁଗରେ ବୌଦ୍ଧିକ ଦରିଦ୍ର ବ୍ୟକ୍ତିଙ୍କ ଜ୍ଞାନାତ୍ମକ ମାନଚିତ୍ର। ଏହା ସେମାନଙ୍କର ଶେଷ ପୁଞ୍ଜି ଓ ସାମଗ୍ରିକ ଯୁକ୍ତିର ଅବନତ ଚିତ୍ର। ପରବର୍ତ୍ତୀ ବ୍ୟବସ୍ଥା ଓ ସମୟକୁ ପ୍ରତିନିଧିତ୍ୱ କରିବାର ଏକ ହତାଶାଜନକ ପ୍ରୟାସ। ଗଣମାଧ୍ୟମର ମାଲିକ ବା କର୍ତ୍ତୃପକ୍ଷମାନେ ଏହାକୁ ବୁଝିବା ଓ ଆତ୍ମସମୀକ୍ଷା କରିବା ଦରକାର। (କ୍ରମଶଃ...)

(ସାଂସଦ, ରାଜ୍ୟସଭା)

# ଜନଜାତିଙ୍କ ହସ୍ତକଳା

କମଳଲୋଚନ ପଣ୍ଡା

ଓଡ଼ିଶାରେ ୬୪ ପ୍ରକାର ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଜଙ୍ଗଲ ସହିତ ଆଦିବାସୀଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଜଡ଼ିତ। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ମୁକ୍ତ ଜୀବନଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ଆଗ୍ରହୀ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ।

ବାଲେଶ୍ୱର ଜିଲା ନୀଳଗିରି ଏବଂ ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିମାନେ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସେହିଭଳି କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଗାଦବା ଜନଜାତି ସମ୍ପ୍ରଦାୟ ଗଛରୁ ସୁତା ଓ ଟଂଗ ତିଆରି ଏବଂ ପ୍ରକ୍ରିୟାକରଣ କରି ରଙ୍ଗୀନ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ସେମାନେ କେରଙ୍ଗ ଗଛର ତନ୍ତୁରୁ ଧଳା ସୁତା ବାହାର କରିବା ପରେ ସେଗୁଡ଼ିକୁ ରଙ୍ଗୀନ କରିବା ପାଇଁ ଜାଫରା, ସିନ୍ଦୂର ଗଛରୁ ଲାଲ ରଙ୍ଗ, ସିଉନା ଓ ହରିଡ଼ା ଗଛରୁ ନୀଳ ରଙ୍ଗ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ କଦଳୀ ଗଛର ମଞ୍ଜାକୁ ସିଝାଇ ସେହି ପାଣିରୁ ମଧ୍ୟ ରଙ୍ଗ ପ୍ରସ୍ତୁତ କରନ୍ତି। ଏସବୁର ପ୍ରକ୍ରିୟାକରଣ କରି ସୂତାରେ ରଙ୍ଗ ଦେଇ ତନ୍ତରେ ବୁଣି ୩ଟି ରଙ୍ଗ ଥିବା ସ୍ୱତନ୍ତ୍ର ବସ୍ତ୍ର ପ୍ରସ୍ତୁତ କରନ୍ତି। ଏହି କେରଙ୍ଗ ବସ୍ତ୍ରକୁ ଯେତେ ଧୋଇଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ। ବିବାହ, ବ୍ରତ, ପୂଜା ପାର୍ବଣରେ ଏହି ବସ୍ତ୍ରକୁ ଗାଦବା ସମ୍ପ୍ରଦାୟର ମହିଳାମାନେ ବ୍ୟବହାର କରିଥା'ନ୍ତି।

ଇଡିତାଲ ଓଡ଼ିଶାର ଆଦିବାସୀ ସମାଜରେ ବହୁଳ ପ୍ରଚଳିତ ଚିତ୍ରକଳା। ଏହା ମୁଖ୍ୟତଃ ଜନଜାତିର ଝୋଟିଚିତ୍ର ଭାବେ ଜଣାଶୁଣା। ଏହି ଝୋଟିଚିତ୍ରକୁ ସେମାନେ ଘରର କାନ୍ଥରେ ବିଭିନ୍ନ ପର୍ବପର୍ବାଣି ପାଳନ ଅବସରରେ ଆଙ୍କିଥା'ନ୍ତି, ଯାହାର ମୂଳଲକ୍ଷ୍ୟ ବିଭିନ୍ନ ଆଦ୍ୟାଶ୍ରୀ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଏହି ନିଆରା କାନ୍ଥଚିତ୍ରକୁ ଲାଞ୍ଜିଆ ସଉରାମାନେ 'ଇଡିତାଲ' ବୋଲି କୁହନ୍ତି। ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ'ର ଅର୍ଥ କାନ୍ଥ। କାନ୍ଥ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ 'ଇଡିତାଲ' ରହିଛି। 'ଇଡିତାଲ'କୁ ଭୌଗୋଳିକ ସଂକେତ ବା ଜିଆଇ ଟ୍ୟାଗ ମିଳିବା ପରେ ଦେଶବିଦେଶରେ ଆଦୃତ ହୋଇଛି। ଏପରିକି ବଡ଼ବଡ଼ ମହାନଗରୀର ପଞ୍ଚତାରକା ହୋଟେଲ୍ ଓ କର୍ପୋରେଟ୍ କାର୍ଯ୍ୟାଳୟମାନଙ୍କରେ ଶୋଭା ପାଉଛି।

ବଣ୍ଡା ଜନଜାତିର ମହିଳାମାନେ ସେମାନଙ୍କ ଅନନ୍ୟ ସାଜସଜ୍ଜା ପାଇଁ ବେଶ୍ ଜଣାଶୁଣା। ଏକ ଛୋଟ ବହୁରଙ୍ଗ ଥିବା ସ୍କାର୍ଟ ବଣ୍ଡା ମହିଳାମାନେ ପରିଧାନ କରନ୍ତି, ଯାହାକୁ 'ରିଙ୍ଗା' କୁହାଯାଏ। ଏହା ପାରମ୍ପରିକ ଭାବେ କେରଙ୍ଗ ତନ୍ତୁ ବ୍ୟବହାର କରାଯାଇ ବୁଣାଯାଏ। ସେମାନଙ୍କ ଲୁଗାବୁଣା ତନ୍ତ କାଠରେ ତିଆରି ହୋଇଥାଏ। ଏହା ଏକ ସରଳ ଯନ୍ତ୍ର ହୋଇଥିବାରୁ ତାହାକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ସହଜରେ ନିଆଯାଇପାରେ। ପୂର୍ବରୁ ବଣ୍ଡା ମହିଳାମାନେ ଜଙ୍ଗଲରୁ କେରଙ୍ଗ ଶାଖା ସଂଗ୍ରହ କରୁଥିଲେ। ଏହାକୁ ପ୍ରକ୍ରିୟାକରଣ କରି ତନ୍ତୁ ପ୍ରସ୍ତୁତ କରୁଥିଲେ। ତନ୍ତୁ ବା ସୂତାକୁ ଜୈବିକ ରଙ୍ଗରେ ରଙ୍ଗୀନ କରୁଥିଲେ। ସଂପ୍ରତି ଏହି ପାରମ୍ପରିକ ବସ୍ତ୍ର ନିମନ୍ତେ ରଙ୍ଗୀନ ସୂତା ବ୍ୟବହାର କରାଯାଉଛି।

ଓଡ଼ିଶାର ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତଃ ଗୋଣ୍ଡ ଜନଜାତି ମାନେ ବାସ କରିଥାନ୍ତି। ସେମାନଙ୍କ ଭାଷା ଗୋଣ୍ଡି ଓ ଓଡ଼ିଆ ଅଟେ। କୃଷି ଓ ଶ୍ରମଜୀବୀ ଏମାନଙ୍କ ମୁଖ୍ୟ ପେସା। ଗୋଣ୍ଡ ଜନଜାତିମାନଙ୍କର ଘରର ତିନି ପାର୍ଶ୍ୱରେ ବାରଣ୍ଡା ଥାଏ ଏବଂ କାନ୍ଥଗୁଡ଼ିକ ସୁନ୍ଦର ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ଚିତ୍ରିତ ହୋଇଥାଏ। ଅନାଦିକାଳରୁ କାନ୍ଥ ଓ ଚଟାଣରେ ଚିତ୍ର କରିବା ଗୋଣ୍ଡମାନଙ୍କର ଏକ ପରମ୍ପରା। ସମ୍ପ୍ରତି ଏହି ଚିତ୍ରକଳା ସେମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଆଣିଦେଇଛି।

ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ବିକଶିତ କରି ଅର୍ଥକରୀ କରିପାରନ୍ତା। ଏହାଫଳରେ ଏହି ମୌଳିକ କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହୁଅନ୍ତା।

ବାଲେଶ୍ୱର, ମୋ: ୭୩୨୭୦୨୮ ୯୭୮

# ପ୍ରକୃତ 'ବିଜୁଳି କନ୍ୟା'

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

କଂସ କାରାଗାରରେ ଯଶୋଦାଙ୍କଠାରୁ ନବଜାତ ଶିଶୁକନ୍ୟାଟିକୁ ଛଡ଼ାଇ ନେଇ ଶିଳାଖଣ୍ଡରେ ପିଟି ହତ୍ୟା କରିବାକୁ ପ୍ରୟାସ କଲାବେଳେ ସେ ତା' ହାତରୁ ଆସିଯାଇ ଆକାଶରେ 'ବିଜୁଳି କନ୍ୟା' ରୂପରେ ଆତ୍ମପ୍ରକାଶ କରିବା କଥା ଆମେ ଜାଣୁ। ତେବେ ପ୍ରକୃତରେ ଏପରି ଏକ ଜୀବାଣୁ ଏବେ ଆବିଷ୍କାର ହୋଇଛି, ଯାହାଙ୍କ ନିଃଶ୍ୱାସରୁ ବିଦ୍ୟୁତ୍ ନିର୍ଗତ ହେଉଛି।

ଧରାପୃଷ୍ଠରେ ବାସ କରୁଥିବା ଅଧିକାଂଶ ଜୀବ ଶ୍ୱାସକ୍ରିୟାରେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ତ୍ୟାଗ କରନ୍ତି। ତେବେ କେତେକ ଜୀବାଣୁଙ୍କଠାରେ ଏହାର ବ୍ୟତିକ୍ରମ ଲକ୍ଷ୍ୟ କରିଛନ୍ତି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କ୍ୟାରୋଲିନ୍ ଆଜୋ-ଫ୍ରାଙ୍କ୍ଲିନ୍ ଏବଂ ତାଙ୍କ ସହଯୋଗୀମାନେ। ଗବେଷଣା ପତ୍ରିକା 'ସେଲ୍'ର ମେ ୨୦୨୫ ସଂଖ୍ୟାରେ ଏ ସମ୍ପର୍କରେ ଏକ ନିବନ୍ଧ ପ୍ରକାଶ ପାଇଛି। ସେହି ଜୀବାଣୁମାନେ ଅମ୍ଳଜାନ ବିନା ବଞ୍ଚିପାରନ୍ତି ଏବଂ ଶ୍ୱାସକ୍ରିୟାରେ ପରିତ୍ୟାଗ କରନ୍ତି ବିଦ୍ୟୁତ୍ ପ୍ରବାହ। ନାପ୍ଥୋକୁଇନନସ୍ ନାମକ ଏକ ପ୍ରାକୃତିକ ଅଣୁ ଏଥିରେ ସେମାନଙ୍କୁ ସାହାଯ୍ୟ କରନ୍ତି। ଫଳରେ ଉତ୍ପନ୍ନ ହୁଏ ବିଦ୍ୟୁତ୍ ପ୍ରବାହ। ଏ ପ୍ରକ୍ରିୟାକୁ 'ବାହ୍ୟ ଜୀବକୋଷୀୟ ଶ୍ୱାସକ୍ରିୟା' ବୋଲି କୁହାଯାଏ। ତାଙ୍କୁ ଏହା ସୁଗଭୀର ସମୁଦ୍ରତଳର ଫାଟ ଏବଂ ମଣିଷର ଅନ୍ତ୍ରନାଳୀର ଅମ୍ଳଜାନବିମୁକ୍ତ ପରିବେଶ ମଧ୍ୟରେ ବଞ୍ଚିବାକୁ ସମର୍ଥ କରେ। ଏହି ଜୀବାଣୁମାନଙ୍କ ମଧ୍ୟରେ ଅଛନ୍ତି ଶେୱାନେଲ୍ଲା ଓ ଜିଓବ୍ୟାକ୍ଟର। ବ୍ୟାଟେରୀରେ ଗଚ୍ଛିତ ଶକ୍ତି ନିର୍ଗତ ହେଲା ଭଳି ଏହା ଘଟେ। ଏହି ସରଳ କିନ୍ତୁ ପ୍ରଭାବଶାଳୀ ପ୍ରକ୍ରିୟା ଅମ୍ଳଜାନର ବିନା ବ୍ୟବହାରରେ ଖାଦ୍ୟକୁ ବିଶ୍ଳେଷିତ ତଥା ତହିଁରୁ ଶକ୍ତି ଉତ୍ପନ୍ନ ହେବାରେ ସହାୟତା କରେ ଏବଂ 'ନାପ୍ଥୋକୁଇନନସ୍'ଗୁଡ଼ିକ ଜୀବନ୍ତ ବ୍ୟାଟେରୀ ରୂପେ କାର୍ଯ୍ୟ କରନ୍ତି।

ଉପରୋକ୍ତ ପ୍ରକ୍ରିୟାକୁ ଅଧିକ ନିଶ୍ଚିତ କରିବା ଲାଗି ରାଇସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ମିଳିତଭାବେ ଅମ୍ଳଜାନ ମୁକ୍ତ ପରିବେଶ ମଧ୍ୟରେ ଜୀବାଣୁମାନଙ୍କ ଜୀବନ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କଂପ୍ୟୁଟର ମଡେଲମାନ ପ୍ରସ୍ତୁତ କଲେ। ଜୀବାଣୁଗୁଡ଼ିକୁ ଏକ ସୁପରିବାହୀ ପୃଷ୍ଠଭୂମି ଉପରେ ରଖି ବଢ଼ିବାକୁ ଦେଲେ ଏବଂ ବିଦ୍ୟୁତ୍ ଉତ୍ପାଦନରେ ନିୟୋଜିତ କଲେ। ଫଳରେ ବିଜ୍ଞାନାଗାରର ନିୟନ୍ତ୍ରିତ ଅବସ୍ଥା ମଧ୍ୟରେ ଜୀବାଣୁଗୁଡିକ ବଞ୍ଚି ରହି ବିଦ୍ୟୁତ୍ ଉତ୍ପାଦନ କରିବାକୁ ଲାଗିଲେ।

ଏହି ଆବିଷ୍କାର ବହୁ ସହନୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବଡ଼ ଧରଣର ଅଗ୍ରଗତି ଘଟାଇବାର ସମ୍ଭାବନା ରହିଛି। ଆବର୍ଜନା ଜଳ ବିଶୋଧନ ଏବଂ ବିବିଧ ଜୈବିକ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲାଗି ଇଲୋକ୍ଟ୍ରୋନ୍‌ମାନଙ୍କ ସନ୍ତୁଳନ ରକ୍ଷା ଅତ୍ୟନ୍ତ ଆବଶ୍ୟକ। ଏହି ବିଦ୍ୟୁତ୍ ଉତ୍ପାଦନକାରୀ ଜୀବାଣୁମାନେ ଅଧିକ ଦକ୍ଷତାର ସହିତ ଇଲେକ୍ଟ୍ରୋନ୍ ପ୍ରବାହର ସୁପରିବାହୀ ମାଧ୍ୟମରେ ଏହା ସମ୍ଭବ କରାଇ ପାରିବେ। ପୁନଶ୍ଚ ଗଛମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଆଲୋକ ସଂଶ୍ଳେଷଣ କଲା ଭଳି ସେଗୁଡ଼ିକ ପୁନଃନବୀକରଣକ୍ଷମ ବିଦ୍ୟୁତ ଉତ୍ପାଦନ ଏବଂ ବ୍ୟବହାର କରି ଅଙ୍ଗାରକାମ୍ଳକୁ ଧରି ରଖିବା ଏବଂ ଅନ୍ୟ ପଦାର୍ଥରେ ପରିଣତ କରିବାକୁ ସକ୍ଷମ ହେବେ। ଏହାବ୍ୟତୀତ ଏହି ଜୀବାଣୁମାନେ ଅମ୍ଳଜାନରହିତ ପରିବେଶ ମଧ୍ୟରେ କାର୍ଯ୍ୟ କରିପାରୁଥିବାରୁ ଏଗୁଡ଼ିକୁ ଜୈବ ବୈଦ୍ୟୁତିକ ସଂବେଦକମାନ ପ୍ରସ୍ତୁତି ଏବଂ ବିକାଶର ସମ୍ଭାବନା ସୃଷ୍ଟି କରିଛନ୍ତି।

ଏପ୍ରକାର ସଂବେଦକ ରୋଗ ନିରୂପଣ, ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ ଏବଂ ଅମ୍ଳଜାନ ନଥିବା କିମ୍ବା ସ୍ୱଳ୍ପ ଥିବା ମହାକାଶକୁ ଯାଉଥିବା ମିଶନଗୁଡ଼ିକରେ ନାନାରୂପେ ବ୍ୟବହାର କରାଯାଇପାରିବ। ଏହି ଯୁଗାନ୍ତକାରୀ ଆବିଷ୍କାର ଜୀବନ କିପରି ଅତ୍ୟନ୍ତ ନିର୍ମମ ପରିବେଶ ମଧ୍ୟରେ ତିଷ୍ଠି ରହିପାରିବ ସେ ବିଷୟରେ ମଧ୍ୟ ଆମ ଧାରଣକୁ ନୂତନ ରୂପ ଦେଇଛି ଏବଂ ତ' ଦ୍ୱାରା ଏକ୍ଷେତ୍ରରେ ବହୁ ବଡ଼ ବଡ଼ ଆହ୍ୱାନର ସମ୍ମୁଖୀନ ହେବା ଲାଗି ପଥ ଉନ୍ମୁକ୍ତ କରିଛି। ଆଶା କରାଯାଏ ଯେ ଏ କ୍ଷେତ୍ରରେ ଅଧିକ ଗବେଷଣା ଏ ଶ୍ରେଣୀର ବିଦ୍ୟୁତ୍ ଶ୍ୱାସକ୍ରିୟା ସମ୍ପାଦନକାରୀ ଜୀବାଣୁମାନଙ୍କୁ ଅଧିକରୁ ଅଧିକ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାରେ ନିୟୋଜିତ କରିବାର ବାଟ ଫିଟାଇବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୫ ବିଭାଗରେ ନିଯୁକ୍ତି ପାଇଲେ ୯୬୪

## ନବ ନିଯୁକ୍ତ ଅଧିକାରୀମାନେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୬(ସମିସ): ୫ଟି ବିଭାଗର ୯୬୪ ଜଣଙ୍କୁ ସୋମବାର ନିଯୁକ୍ତିପତ୍ର ବାଣ୍ଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚତୁର୍ଥରେ ପୂର୍ତ୍ତ ବିଭାଗର ୫୬୬ ଜଣ ଥିବାବେଳେ ଜଳ ସମ୍ପଦ ବିଭାଗରେ ୬୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୧୮ ଜଣ ନିଯୁକ୍ତି ପାଇଛନ୍ତି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି ଯେ ନବ ନିଯୁକ୍ତ ଅଧିକାରୀମାନେ ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜକୁ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରନ୍ତୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଆଜି ସୁଦ୍ଧା ୨୮,୩୪୭ ପଦରେ ନିଯୁକ୍ତି ଦିଆଯାଇଛି। ସେହିପରି ବେସରକାରୀ କ୍ଷେତ୍ରରେ ମଧ୍ୟ ପ୍ରଥମ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୭ ଜଣ ନିଯୁକ୍ତି ପାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ପ୍ରାର୍ଥୀମାନେ ସରକାରଙ୍କ ପ୍ରତିଟି ଯୋଜନାକୁ ତ୍ୱରିତ ଓ ସଫଳତା ପୂର୍ବକ କାର୍ଯ୍ୟାନ୍ୱୟନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ୨୦ରୁ ସ୍କୁଲରେ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୧୬।୬(ସମିସ): ୧୧ ଜୁନ୍ ୨୦୨୫। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି। ଏହି ବିଜ୍ଞପ୍ତି ଅନୁସାରେ ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଖୋଲିବ ଓ ପ୍ରଥମ ଦିନରୁ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ। ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଖାଦ୍ୟର ମାନ ପରଖିବା ସହ ସପ୍ଲାଇକୁ ଯାଞ୍ଚ କରିବା ପାଇଁ ସିଆରସିସି ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ୧୬ ଜୁନ୍ ୨୦୨୫ ମାତ୍ର ୫ଦିନରେ ପୂର୍ବ ଚିଠିକୁ ପରିବର୍ତ୍ତନ କରାଯାଇ ୧୮ ନୁହେଁ, ଆସନ୍ତା ୨୦ ତାରିଖରେ ବିଦ୍ୟାଳୟ ଖୋଲିବ ଏବଂ ସେହି ଦିନଠାରୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ମଧ୍ୟରେ ସମନ୍ୱୟ ନାହିଁ। ବିଦ୍ୟାଳୟ ଆସନ୍ତା ୨୦ ତାରିଖରେ ସ୍କୁଲ୍ ଖୋଲିବା ନେଇ ବହୁ ପୂର୍ବରୁ ଶୈକ୍ଷିକ କ୍ୟାଲେଣ୍ଡରରେ ଦର୍ଶାଯାଇଛି। ବିଭାଗ ପକ୍ଷରୁ ଆଉଥରେ ସ୍କୁଲ୍ ଖୋଲିବାକୁ କୌଣସି ନିର୍ଦ୍ଦେଶନାମା ହୋଇନଥିବାବେଳେ ପିଏମ୍ ପୋଷଣ ପରିଚାଳନା ରାଜ୍ୟ ୟୁନିଟ୍ ବିଜ୍ଞପ୍ତିରେ ଚିଠି ଜାରି କରିଥିଲା। ଅର୍ଥାତ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ର ଅଧିକାରୀଙ୍କୁ ବିଭାଗର ନିଷ୍ପତ୍ତି ସମ୍ପର୍କରେ କି ପରିଧାରଣା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲା ଅତିଥି ଭବନ ପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ

ଭୁବନେଶ୍ୱର, ୧୬।୬(ସମିସ): ୟୁନିଟ୍-୨ ଏବଂ ଅଶୋକ ନଗର ଅଞ୍ଚଳରେ ରାଜ୍ୟ ଅତିଥି ଭବନ ନିର୍ମାଣର ଅନୁମତି ପ୍ରଦାନ କରାଯାଇଛି। ଏଥିପାଇଁ ୩୦୦୦ ଡେସିମିଲ୍ ଜମି ଚିହ୍ନଟ ହୋଇଛି ଓ ୨୬ଟି ପ୍ଲଟ୍‌ର ଏକ ତାଲିକା ଜାରି କରାଯାଇଛି। ଏହି ପ୍ଲଟ୍ ଗୁଡିକରେ ୨୪ ପ୍ଲଟ୍ ଘରବାରୀ କିସମର ଥିଲା ବେଳେ ୨ଟି ପ୍ଲଟ୍ ସଡ଼କ କିସମର ରହିଛି। ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏଠାରେ ଅତିଥି ଭବନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଏହାସହିତ ସହରାଞ୍ଚଳ ପ୍ରଶାସନ ବିଡ଼ିଏ ଉପାଧ୍ୟକ୍ଷ, ବିଏମ୍‌ସି କମିସନରଙ୍କୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରେଣ୍ଟ ଅଫିସର ସାଧରଣ ପ୍ରସାଶନ ବିଭାଗ, ଅତିରିକ୍ତ ନିର୍ଦ୍ଦେଶକ ଇଷ୍ଟେଟ୍‌ଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଯେଉଁଠି ଆବଶ୍ୟକ ପଡ଼ିବ ସେଠାରୁ ସରକାରୀ କ୍ୱାର୍ଟର୍ସ ଖାଲି କରାଯିବ। ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବାକୁ ହେଲେ ଯଦି ଆବଶ୍ୟକ ପଡେ ତେବେ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠରି ବିଶିଷ୍ଟ ଗେଷ୍ଟ୍ ହାଉସ୍ ହେବ। ପ୍ରତି ଜିଲ୍ଲା ନୂଆରେ ଏହାକୁ ନାମିତ କରାଯିବ।

# ବିପଜ୍ଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି ବନ କର୍ମଚାରୀ

- ଜୀବନ ବୀମା କରିବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ
- ବିନା ପ୍ରିମିୟମରେ ବୀମା ସୁବିଧା ଥାଇ ବି ମିଳୁନି ସୁବିଧା

ଭୁବନେଶ୍ୱର,୧୬।୬(ସମିସ): ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବନ କର୍ମଚାରୀଙ୍କୁ ମିଳିପାରୁନି ଜୀବନ ବୀମା। ରାଜ୍ୟରେ ଗତ କିଛି ବର୍ଷ ହେବ ନିୟମିତ ଭାବେ ବନ କର୍ମଚାରୀମାନେ ଶିକାରି ଗୁଳିରେ ପ୍ରାଣ ହରାଇବାରେ ଲାଗିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ହାତୀ ଆକ୍ରମଣରେ ମଧ୍ୟ ବନକର୍ମଚାରୀଙ୍କ ଜୀବନ ଯାଉଛି। ମୃତକଙ୍କ ମଧ୍ୟରେ ମୁଖ୍ୟତଃ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ପଦରେ କାର୍ଯ୍ୟରତ କର୍ମଚାରୀ ରହୁଛନ୍ତି। ତେଣୁ ଏହି କର୍ମଚାରୀମାନେ ନିଜ ପାଇଁ ଜୀବନ ବୀମା ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ବଡ଼ କଥା ହେଉଛି ଯେ ଏହି ବୀମା ବାବଦକୁ ରାଜ୍ୟ ସରକାର କିମ୍ବା ବନ ବିଭାଗ ହାତରୁ ଟଙ୍କାଟେ ଖର୍ଚ୍ଚ ପଡ଼ିବ ନାହିଁ। ଏହା ସତ୍ତ୍ୱେ ଏପରି ବୀମା ପ୍ରତି ଅନାଗ୍ରହ ଯୋଗୁଁ ହଜାର ହଜାର ବନ କର୍ମଚାରୀଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ପୁଲିସ ଓ ଜେଲ୍ ବିଭାଗର କର୍ମଚାରୀମାନଙ୍କୁ ଏହି ବୀମା ସୁବିଧା ପ୍ରଦାନ କରାଯାଇଛି। ହେଲେ ବନ ବିଭାଗ କର୍ମଚାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ତାକୁ ନେଇ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ବିଭିନ୍ନ ଜାତୀୟକୃତ ବ୍ୟାଙ୍କ ଜରିଆରେ 'ସାଲେରୀ ପ୍ୟାକେଜ୍ ବୀମା' ପ୍ରଦାନ କରିବାର ବ୍ୟବସ୍ଥା ଉପଲବ୍ଧ ରହିଛି। ଏ ବାବଦକୁ ପ୍ରିମିୟମ ଅର୍ଥରାଶି ମଧ୍ୟ ପୈଠ କରିବାର ଆବଶ୍ୟକତା ରହୁନାହିଁ। ଏହାକୁ ଆଧାର କରି ରାଜ୍ୟ ପୁଲିସ ବିଭାଗ ଓ ଜେଲ୍ ବିଭାଗ ନିଜ କର୍ମଚାରୀଙ୍କ ପାଇଁ ୧ କୋଟି ଟଙ୍କାର ବୀମା ଉପଲବ୍ଧ କରାଇଛନ୍ତି। ଯଦି କୌଣସି କର୍ମଚାରୀଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ହୁଏ, ତେବେ ତାଙ୍କ ପରିବାରକୁ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କାର ବୀମା ରାଶି ମିଳିବାର ବ୍ୟବସ୍ଥା ହୋଇଛି। ତେଣୁ ବନ କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ, ସେମାନଙ୍କୁ ଏହି ସୁବିଧା ଉପଲବ୍ଧ କରାଇ ଦେବାକୁ ବାରମ୍ବାର ବନ କର୍ମଚାରୀମାନେ ଦାବି କରି ଆସୁଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି।

## ଅବଶିଷ୍ଟାଂଶ

### ଲାଗୁହେଲା ନୂଆ...

ଏହି ସଫ୍ଟୱେର୍ ସିଷ୍ଟମ୍ ପେମେଣ୍ଟକୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିଥାଏ। ନୂଆ ୟୁପିଆଇ ପେମେଣ୍ଟ ନିୟମ ଲାଗୁ ହେବା ପରେ କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ଶର୍ପି ସମୟରେ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିବା ସବୁକିଛି ପୂର୍ବ ଅପେକ୍ଷା ଦ୍ରୁତ ହେବ। ଏଥିରେ ବିଶେଷ କଥା ହେଉଛି ଯେ, ଭୁଲ ଦେୟ ଯୋଗୁ କାରବାର ବାବଦ ଅର୍ଥ ରିଫଣ୍ଡ ପାଇବା ଏବଂ ଷ୍ଟାଟସ୍ ଯାଞ୍ଚ କରିବା ପାଇଁ ସମୟ ମଧ୍ୟ ୩୦ ସେକେଣ୍ଡରୁ ୧୦ ସେକେଣ୍ଡକୁ ହ୍ରାସ କରାଯାଇଛି। ତେଣୁ ଏବେ ପେମେଣ୍ଟ ହେଲା କି ନାହିଁ ତାହାକୁ ନେଇ କମ୍ ଚିନ୍ତା ରହିବ। ପୂର୍ବରୁ, ଏକ କାରବାର ସଫଳ ହୋଇଛି କି ନାହିଁ ଯାଞ୍ଚ କରିବା ପାଇଁ ୯୦ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଥିଲା। ବର୍ତ୍ତମାନ, କାରବାର ଆରମ୍ଭ ହେବା ପରେ କେବଳ ୪୫ ରୁ ୬୦ ସେକେଣ୍ଡ ପରେ ଏହାକୁ ଯାଞ୍ଚ କରିପାରିବେ।

### ଥମୁନି ଝାଡ଼ାବାନ୍ତି...

ଆଜି ସୁକିନ୍ଦା ବୈରୀମାଳ ଏବଂ ସାରଙ୍ଗପୁର ଗାଁରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ଜିଲ୍ଲାରେ ମୋଟ ୧୬ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପ୍ରଶାସନ କିମ୍ବା ସରକାର ଏହାକୁ ମାନିବାକୁ ନାରାଜ। ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବା ମାନଙ୍କରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ସେହିପରି ବରୀ, ବିଞ୍ଝାରପୁର, ଧର୍ମଶାଳା ତହସିଲ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ସମସ୍ତ ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟଫୁଡ୍, ଗୁପ୍‌ଚୁପ୍, ଦହିବରା, ଆଇସକ୍ରୀମ୍ ଦୋକାନ ଆସନ୍ତା ଦୁଇ ସପ୍ତାହ ଧରି ବନ୍ଦ କରିବାକୁ ତହସିଲଦାର ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍ ଆଶ୍ୱଥି ଧର୍ମଶାଳା ଓ ଯାଜପୁର ମେଡିକାଲର ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଓ ସ୍ଥିତିର ସମୀକ୍ଷା କରିଛନ୍ତି। ଆଜି ଜିଲ୍ଲାରେ ମୋଟ ୧୫ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆଜି ସୁଦ୍ଧା ମୋଟାମୋଟି ୧୭୮୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୧୫୨୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ବି କଟକ, ଭୁବନେଶ୍ୱରରେ ୩୦ରୁ ଉର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି।

### ପୁରୁଷ ବନ୍ଧୁକୁ...

ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ପୁଲିସକୁ କହିଥିଲେ। ପୁଲିସ ତୁରନ୍ତ ପୁରୁଷ ବନ୍ଧୁଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଖୋଜାଖୋଜି କରିଥିଲା। ଏହିକ୍ରମରେ ଡୁରା ଓଭରବ୍ରିଜ ନିକଟରେ ଥିବା ୪ଜଣ ପୁଲିସ ଗାଡ଼ିକୁ ଦେଖି ଦୌଡିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯୁବତୀଙ୍କ ପୁରୁଷ ବନ୍ଧୁ ଚିହ୍ନଟ କରିଥିଲେ। ସେଠାରୁ ୨ ଜଣଙ୍କୁ କାବୁ କରାଯାଇଥିଲେ ହେଁ ଅନ୍ୟ ଦୁଇଜଣ ଫେରାର ହେବାରେ ସକ୍ଷମ ହୋଇଥିଲେ। କାବୁ କରାଯାଇଥିବା ୨ ଜଣ ଯୁବକଙ୍କୁ ଥାନାରେ ଜେରା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ତଥା ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା।

ମିଳିଥିବା ତଥ୍ୟ ଆଧାରରେ ପୁଲିସର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସେଠାରୁ ଘଟଣାରେ ସମ୍ପୃକ୍ତ ୫ ଜଣ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ଘଟଣା ପରେ ବ୍ରହ୍ମପୁର ଏସ୍‌ପି, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବ୍ରହ୍ମପୁର ଏସ୍‌ଡିପିଓ ପ୍ରମୁଖ ଗୋପାଳପୁର ଥାନାରେ ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

### ଜଳପ୍ରପାତ ସ୍ରୋତରେ...

ସ୍ରୋତରେ ଭାସି ଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କଲା ପରେ ହତାଶ ହୋଇ ପରେ କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ସେମାନଙ୍କୁ ପାଇ ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ଗତକାଲି ବନ୍ଦ ରହିଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବାବେଳେ ଆଲୋକଙ୍କ ମୃତଦେହ ମିଳିଛି। ନିଖୋଜ ଜଣକ ହେଲେ କିରଣ ମିର୍ଗାନ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଅଛି।

### ମଧ୍ୟପ୍ରାଚ୍ୟରେ ବଢ଼ୁଛି...

ଦେଖିବାକୁ ମିଳିଛି। ଇରାନର କ୍ଷେପଣାସ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ଇସ୍ରାଏଲ ଉତ୍‌କ୍ଷେପଣ କରିଥିବା କ୍ଷେପଣାସ୍ତ୍ର ମିସଫାୟର ହୋଇଛି। ଏହି କ୍ଷେପଣାସ୍ତ୍ର ବିପରୀତ ଦିଗକୁ ଫେରି ନିଜର ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିଦେଇଛି। ଏହାକୁ ଇସ୍ରାଏଲ ଡିଫେନ୍ସ ସିଷ୍ଟମର ସବୁଠାରୁ ବଡ଼ ବିଫଳତା ବୋଲି କୁହାଯାଉଛି। ଇସ୍ରାଏଲର ଡିଫେନ୍ସ ସିଷ୍ଟମକୁ ବିଭ୍ରାନ୍ତ ଓ ବିପର୍ଯ୍ୟସ୍ତ କରିବା ଲାଗି ଇରାନ ପକ୍ଷରୁ ନୂଆ ଇଲୋକଟ୍ରୋନିକ ୱରଫେୟାର ରଣନୀତି ଗ୍ରହଣ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ରେ ଆ।।ମେରିକାର ଦୂତାବାସ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଇରାନ ଦାବି କରିଛି ଯେ ଇସ୍ରାଏଲର ଆଇରନ୍ ଡୋମକୁ ମାତ୍ ଦେଇ ଏହାର କ୍ଷେପଣାସ୍ତ୍ର ବ୍ୟାପକ କ୍ଷତି ଘଟାଇଛନ୍ତି।

ଅନ୍ୟପକ୍ଷରେ ଇସ୍ରାଏଲ ମଧ୍ୟ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ଆଜି ଇରାନ ରାଜଧାନୀ ତେହରାନ ଉପରେ ଘନ ଘନ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରିଛି। ଏଥିରେ ଆଜି ଆଉ ୪୫ ଜଣ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଇସ୍ରାଏଲ ଆକ୍ରମଣରେ ଇରାନରେ ମୃତ୍ୟୁସଂଖ୍ୟା ୨୨୪କୁ ବୃଦ୍ଧି ପାଇଛି। ଇସ୍ରାଏଲ ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର, ସାମରିକ ପ୍ରତିଷ୍ଠାନ, ସେନା ମୁଖ୍ୟାଳୟ ଓ ତୈଳ ବିଶୋଧନାଗାର ଧ୍ୱଂସ ହୋଇଯାଇଛି। ଇସ୍ରାଏଲ ଦାବି କରିଛି ଯେ ଇରାନର ଏୟାର ଡିଫେନ୍ସ ସିଷ୍ଟମ ପଙ୍ଗୁ ହୋଇଯାଇଛି। ଇସ୍ରାଏଲର ଲଢୁଆ ବିମାନ ଏବେ ଇରାନ ଆକାଶରେ ଉଡ଼ି ମନଇଚ୍ଛା ଆକ୍ରମଣ କରିପାରିବେ। ଇରାନର ଏକ ତୃତୀୟାଂଶ କ୍ଷେପଣାସ୍ତ୍ର ଲଞ୍ଚରଗୁଡ଼ିକୁ ମଧ୍ୟ ଧ୍ୱଂସ କରି ଦିଆଯାଇଥିବା ଇସ୍ରାଏଲ କହିଛି। ସୂଚନାଯୋଗ୍ୟ ଯେ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଓ ସାମରିକ ପ୍ରତିଷ୍ଠାନକୁ ଧ୍ୱଂସ କରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ ଯୋଜନା କରିଛି। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି ଯେ ଆୟୋତଲ୍ଲା ଖାମେନି ସମେତ ଇରାନର ଶୀର୍ଷ ନେତୃତ୍ୱକୁ ହତ୍ୟା କରିବା ଲାଗି ଇସ୍ରାଏଲ ଯୋଜନା କରିଥିବା ବେଳେ ସେ ଏହାର ବିରୋଧ କରିଛନ୍ତି। ଇତିମଧ୍ୟରେ ଇରାନ ପକ୍ଷରୁ କୁହାଯାଇଛି ଯେ ଏହା ପରମାଣୁ ନିରସ୍ତ୍ରୀକରଣ ଚୁକ୍ତିରୁ ଓହରିଯିବ ଏବଂ ପ୍ରତିରକ୍ଷା ପାଇଁ ପରମାଣୁ ଅସ୍ତ୍ର ତିଆରି କରିବ।

ଇତିମଧ୍ୟରେ ଇରାନରେ ଥିବା ଭାରତୀୟ ଛାତ୍ରମାନଙ୍କର ନିରାପତ୍ତା ନେଇ ଭାରତ ଚିନ୍ତା ପ୍ରକଟ କରିବା ସହିତ ଇରାନ ସରକାରର ସହାୟତା ଲୋଡ଼ିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହାର ସୀମା ଖୋଲା ରହିଛି ଏବଂ ଛାତ୍ରମାନେ ନିରାପଦ ସ୍ଥାନ ଦେଇ ବାହାରକୁ ଯାଇପାରିବେ। ଇରାନରେ ଏବେ ୧୫୦୦ରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଆକାଶ ସୀମା ବନ୍ଦ ରହିଥିବାରୁ ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଇରାନ ସବୁ ପ୍ରକାର ସହାତା କରିବ ବୋଲି ଜଣାଇଛି। ଭାରତୀୟ ଛାତ୍ରଛାତ୍ରୀ ଆର୍ମେନିଆ ଦେଇ ଫେରିପାରନ୍ତି। ଭାରତ ପକ୍ଷରୁ ମଧ୍ୟ ଏଥିଲାଗି ପ୍ରୟାସ ଜାରି ରହିଛି। ଅନେକ ଭାରତୀୟଙ୍କୁ ତେହରାନର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସବୁ ପ୍ରକାର ବିକଳ୍ପ ଉପ।।ରେ ବିଚାର କରାଯାଉଛି। ତେହରାନରେ ଥିବା ଭାରତୀୟ ଦୂତାବାସ ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛି ଓ ଇରାନରେ ଥିବା ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛି। ଇରାନରେ ଥିବା ଭାରତୀୟଙ୍କୁ ଦୂତାବାସ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି।

### ଦୁଇ ପର୍ଯ୍ୟାୟରେ...

ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା। ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ। ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ। ୧୯୭୧ରୁ ସୀମା ପୁନଃନିର୍ଦ୍ଧାରଣ ଅଟକି ରହିଛି। ସଂସଦରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଲାଗି ଏହି ଜନଗଣନା ପଥ ପରିଷ୍କାର କରିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା। ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ।


**NOTICE (for Minor)**
By virtue of an affidavit sworn before The Executive Magistrate, Baripada, Mayurbhanj, dated 12-06-2025 I, Basanti Mahapatra Address Village/PO.- Balidiha, PS.- Khunta, Dist Mayurbhanj, Odisha, PIN-757019 declare that I have changed the name of my daughter **Ipasita Mohapatra** to **Ipsita Mohapatra**. Henceforth, she shall be known as **Ipsita Mohapatra** for all purposes.
Basanti Mahapatra

**AFFIDAVIT**
By virtue of an affidavit before Executive Magistrate, Kujanga, No.1684 dtd.19.04.2025 I, **Sisir Mallik** S/o- Daitari Mallik, resident of Kothi, Po.- Jhimani, Ps.- Paradeep lock, Dist.- Jagatsinghpur, Pin-754141, Odisha state that, I have changed my minor daughter's name from **Soyang Sampurna** to **Swayam Sampurna**. Henceforth she shall be known as **Swayam Sampurna** for all purposes.

**AFFIDAVIT**
BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE SOHELA, I SRI PITABASA SAHU S/O- GOPAL SAHU, RESIDENT OF VILL.- PADHANPALI, PO.- TABADA, PS- SOHELA, DIST-BARGARH, ODISHA, STATE THAT IN MY ADHAR CARD MY NAME HAS BEEN MENTIONED AS **PITABAS SAHU** WHERE AS IN MY RESIDENT CERTIFICATE MY NAME HAS BEEN REFLECTED AS **PITABASA SAHU**. MY ACTUAL NAME IS **PITABASA SAHU**.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Parsuram Pangi S/o- Biknu Pangi, Village - Panasput, Post- Anduruguda, PS- Padua, Dist- KORAPUT declare that I have changed my name from **Parasu Pangi** to **Parsuram Pangi**. Henceforth, I shall be known as **Parsuram Pangi** for all purposes.
Sd/- Parsuram Pangi

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Sri Ramachandra Aleibir, S/o- Late Samara Aleibir, Village - Balda, Post - Balda, PS- Padua, Dist - KORAPUT declare that I have changed my name from **Ramachandra Hantal** to **Ramachandra Aleibir**. Henceforth, I shall be known as **Ramachandra Aleibir** for all purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 05/06/2025 I Smt Danumati Pangi, W/o- Krushna Pangi, Village - Jadaput, Post- Banamaliput , PS- Nandapur, Dist - KORAPUT declare that I have changed my name from **Danumati Pangi** to **Dhanamati Pangi**. Henceforth, I shall be known as **Dhanamati Pangi** for all purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 09/06/2025 I Sri Sunil Kumar Hantal, S/o- Sashidhar Hantal, Village - Hatibari, Post- Hatibari, PS- Padua, Dist - KORAPUT declare that, I have changed my name from **Ishak Hantal** to **Sunil Kumar Hantal**. Henceforth, I shall be known as **Sunil Kumar Hantal** for all purposes.

**AFFIDAVIT**
By virtue of an affidavit before Executive Magistrate, Bhubaneswar, No.32 dtd.09/06/2025, I, **Krushna Chandra Das,** S/o- Kampa Das, resident of Vill.- Phasi, near Gramadebati, Kodala, Po.- Phasi, Dist.- Ganjam, Odisha, Pin- 761032 state that, I have changed my minor daughter's name from **PRAGNYA DAS** to **PRAGYANSMITA DAS**. Henceforth she will be known as **PRAGYANSMITA DAS** for all purposes.

**AFFIDAVIT**
By virtue of an affidavit before Executive Magistrate, Ambabhona, No.228 dtd.13/06/2025, I, **Surendra Singh Thakur,** S/o- Late Ananda Singh Thakur, resident of Vill.- Satidarha, Po.- Kapasira, Tah.- Ambabhona, Dist.- Bargarh, Odisha state that, my actual and correct name is **Surendra Singh Thakur** but in my Adhar Card my name has been mentioned as **Suren Singh Thakur**. Both the names **Surendra Singh Thakur** and **Suren Singh Thakur** belongs to one and same person.

**AFFIDAVIT**
By Virtue of an affidavit No.658 , Dated: 15.06.2025, before the Notary Public, Balimela, Dist: Malkangiri, I, Deba Padiami have changed my minor son's name from **Jaleswara Padiami** to **Jaleswar Padiami.** Henceforth he will be known as **Jaleswar Padiami** for all purposes.
Sd/- Deba Padiami

**AFFIDAVIT**
I, SK Qutubuddin, S/o. Sk Kamiruddin, resident of Sabalanga Kanipara, Kanipada, Mahakalapada, Dist.- Kendrapara, Odisha-754208 declare by this affidavit no. CF-45, dated-12.06.2025 that now onwards I shall be known as **Sk Kutubuddin** for all future purposes.

**AFFIDAVIT**
By the virtue of an affidavit in the court of executive magistrate, Jajpur no 5365 dtd 02/05/2025 that My son name have changed from **Sai Samartha Dikshit** to **Sai Pratik Dikshit**. Henceforth he shall be known as **Sai Pratik Dikshit** for all purposes.
Sd/- Chintamani Dikshit

**NOTICE (for Minor)**
By virtue of an affidavit sworn before Notary Public Udala, Mayurbhanj, dated 09-06-2025 I, Durga Hansdah Address Village/PO.- Bahubandh, PS.- Udala, Dist Mayurbhanj, Odisha, PIN-757041 declare that I have changed the name of my daughter **Sarma Hansdha** to **Salma Hansdah**. Henceforth, she shall be known as **Salma Hansdah** for all purposes.
Durga Hansdah

**AFFIDAVIT**
By Virtue of an affidavit No.659 , Dated: 15.06.2025, before the Notary Public, Balimela, Dist: Malkangiri, I, Muke Padiami have changed my minor son's surname and his father's name from Dipak Podiami, S/O- **Kasa Podiami** to **Dipak Padiami** S/O- **Kasha Padiami** respectively. Hence forth he will be known as **Dipak Padiami**, S/O- Kasha Padiami for all purposes.
Sd/- Muke Padiami

**AFFIDAVIT**
I, Mahamud Ali Lathia, aged about 41 years, S/o- Isha Lathia, resident of Gandhi Chowk, Umerkote, Po- Umerkote, Ps- Umerkote, Dist- Nabarangpur, Odisha, Pin- 764073 declare by this affidavit No-1191, dtd. 14/06/2025, that now onwards I shall be known as **MOHAMED ALI LATHIA** for all future purposes.

**AFFIDAVIT**
By virtue of an affidavit swom before The Executive Magistrate, Jajpur on dated- 19/05/2025. I, **Sushanta Kumar Rout** (Applicant name), S/o Gokulananda Rout, permanent resident of Vill: Kuanrpur, PO: Aunri, PS: Alakund, Dist: Jajpur, PIN: 755013, Odisha declare that I have changed my minor son's name from **Sidhant Rout** (old name) To **Sidhanta Kumar Rout** (new name). Henceforth, he shall be known as **SIDHANTA KUMAR ROUT** for all future purposes.
Sushanta Kumar Rout

**LOST**
By this time one person namely **Sri Bisikeshan Lima,** aged about 46 years, S/o.: Sri Erana Lima, of Village: Jagannathpur, PO.: Kujasingh, P.S.: Serango, Dist.: Gajapati, At/Pre: Krishna Nagar, Near Ranipenta, PO.: Jeeba, P.S.: Paralakhemundi, Tahasil: Gumma, District: Gajapati, Aadhar No.: 7549 0979 2479 appeared at PS and presented a written report that, He own a piece of Land situated in the revenue Village/Mouza: Upalasing which is bearing new RoR vide Khata No.: 85/927, Plot No.: 359/903 for Ac.0041 Dec, Kissam: Gharabari, being purchased by me vide RSD No.: 10552002524 Dt.01.10.2020 from one Sri Korada Dandasi, that the above Sri Korada Dandasi purchased the said land from one Sri Sankar Prasad Boxi vide RSD No.: 10551602338 Dt.07.09.2016, which has been, given by Sri Korada Dandasi to him at the time of registration of his sale deed. But the said original link Sale Deed bearing RSD No.: 10551602338 Dt.07.09.2016 has been misplaced at our home at Krishna Nagar, Near Ranipenta i.e. on 04.05.2025 and in spite of their best efforts, the same could not be traced out. Hence, he reported at PS. Noted the fact in GD for future references.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Rashimi Rekha Maharana, aged about 42 years, W/o- Manoj Maharana, resident of At- Plot No. 310 (P), Maitri Nagar, PO- Nayabazar, PS- Chauliaganj, Dist- Cuttack, PIN- 753004, Odisha declared by this affidavit No. 1336, dated- 14/06/2025, that now onwards I shall be known as **RASHMIREKHA MAHARANA** for all future purposes.

**Raghunath Samabaya Mahavidyalaya, Odagaon**
ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡଗାଁ
Banavihar, At/Po- Odagaon, Dist- Nayagarh, 752081, Odisha
Ph.No. 06753-296505
Email.: rsmodagaon@gmail.com, Website.: rsmodagaon.org.in
**QUOTATION CALL**
**No. RSM196/25** **Dt. 17/06/2023**
Sealed Quotations are invited from reputed and registered farms/authorised suppliers/dealers having valid and up-to-date GST registration/IT clearance, PAN, TIN and ISO, Dealers Certificate for the supply of the materials of IT infrastructure, i.e.:(1) Desktop (i3 and above). (2). UPS (Digital) (3). MFM Printers (4). LED Android Smart TV (65 inch) (5). Wireless Microphone & Camera For Virtual Meetings with LAN Connectivity.
The supplier should quote the unit price inclusive of all taxes, installation and transportation cost. The related quotation should reach the undersigned on or before **23/06/2025**, 5 p.m. by Regd./Speed post. For more details contact the office of the principal from **10:30 a.m. - 2:30 p.m.** on all working days and refer letter No: 202469785168/ Dt.05/03/2025 of DHE, Govt. of Odisha.
N.B: The undersigned reserves the rights to cancel fully or partially the quotation process without citing any reason thereof.
Sd/- Principal
R.S. Mahavidyalaya, Odagaon

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO: BARINIPUT, DIST: KORAPUT – 764006, ODISHA
PHONE: - (06854)242001 (O), FAX: - (06854) 242038
E-mail: sgmel.ukhep@gmail.com
**TENDER CALL NOTICE NO UKHEP-11/25-26, DATED 11/06/25**
Sealed tenders are invited in sealed envelopes from the Authorized dealers/Reputed Suppliers for "Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput".

| Description of work | Cost of tender paper in Rs (Non-Refundable) | EMD in Rs. (Refundable) |
|---|---|---|
| Procurement of Anti-microbial 1000 ltr capacity triple layer white sintex water tanks, UKHEP, Bariniput | 4720/- (Non- refundable) (Rs.4000/-+18% GST) | 9000/- |

The sale of Tender Paper will be from : 17/06/25 to 11.00 Hrs of 03/07/25
The last date & time of receipt of Tender : 12.00 Hrs of 03/07/2025
The date and time of opening of Tender : 12.30 Hrs of 03/07/2025
For details of tender documents, Terms & conditions, downloading, please visit our website www.ohpcltd.com.
C & P Head,
Upper Kolab H.E.Project,
Bariniput
CAD-788 OIPR - 04002/11/0095/2526

# ଇନ୍ଦ୍ରୋତ୍ସବ ଉଦ୍‌ଯାପିତ

ଦେବଗଡ଼, ୧୬।୬(ସମିସ):ଦେବଗଡ଼ ସହର ଖପରସାହି ସ୍ଥିତ ବିଶ୍ୱସ୍ରଷ୍ଟା ଭବନ ଆନୁକୂଲ୍ୟରେ ଏକ ମାସ ବ୍ୟାପି ଚାଲିଥିବା ପ୍ରାକୃତିକ ବିପର୍ଯ୍ୟୟ ଖଣ୍ଡନକାରୀ ବ୍ରତ ଇନ୍ଦ୍ରୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ଦିନ ତମାମ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଶ୍ୱ ସ୍ରଷ୍ଟା ଭବନର ମୁଖ୍ୟ ଭାତୃଦେବ ଭାତୃକୁମାର ପ୍ରଫୁଲ୍ଲ ବୃଷ୍ଟି ତତ୍ତ୍ୱ ଉପରେ ବୁଝାଇ ଥିଲେ। ସେହିପରି ଗୀତା ଉପରେ ଡ. ପଦ୍ମନାଭ ସାହୁ, ଶଙ୍କରାଚାର୍ଯ୍ୟଙ୍କ ଉପରେ ଅଧ୍ୟାପକ ସୁକାନ୍ତ ସାହୁ, କଲ୍‌କୀ ଭଗବାନଙ୍କ ଉପରେ ସୌଭାଗ୍ୟ ପାତ୍ର, ପତିବେଶ ଉପରେ ଲଳିତ ମୋହନ ସାହୁ କହିଥିଲେ। ହରିହର ବିଶ୍ୱାଳଙ୍କ ଦ୍ୱାରା ବିଶ୍ୱ ଶାନ୍ତି ହୋମ ଅନୁଷ୍ଠିତ ହୋଇଥିଲା। ବିଭୁତି ଗଙ୍ଗଦେବ ଇନ୍ଦ୍ରୋତ୍ସବ ଉପରେ ଆଲୋକପାତ କରିଥିବା ବେଳେ ଭଗିନୀ ମିନତୀ ବର୍ଷା ଉପରେ ସଙ୍ଗୀତ ଗାନ କରିଥିଲେ। ଓକିଲ ଅଶୋକ ଦେବଙ୍କ ସମେତ ଗଠନ ଭବନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ବାର୍ଷିକୀ



ଝାରସୁଗୁଡ଼ା, ୧୬।୬(ସମିସ): ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୧୦୩ ତମ ଜନ୍ମ ବାର୍ଷିକୀ ସ୍ଥାନୀୟ ବିଟିମ୍ ବାଇପାସ୍ ଛକଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ଅଶୋକ ଦାସ, ସାରଙ୍ଗଧର ମିଶ୍ର, ସିଆଇଟିୟୁର ଗୌରୀଶଙ୍କର ପତ୍ର, ସହର ମଣ୍ଡଳ ସଭାପତି ଅରବିନ୍ଦ ପାଠକ, ରଘୁନାଥ ପଲ୍, ଡମ୍ବରୁଧର କଣ୍ଟା, ମୁରଲୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

**ଇବଥର୍ମାଲ,:** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଡ଼ାପଡ଼ାଠାରେ ବ୍ରଜରାଜନଗର ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଅଞ୍ଚଳବାସୀ ପ୍ରସନ୍ନ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ସଦସ୍ୟ ଜୟାନନ୍ଦ ପଶାୟତଙ୍କ ସଭାପତିତ୍ୱରେ ବ୍ରଜରାଜନଗର ବିଧାନ ସଭା ଅଞ୍ଚଳର ସମସ୍ୟା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଉନଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଏମ୍‌ସିଏଲ୍ ଓ ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ ତଥା ଜଳସେଚନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ରାଜ୍ୟସରକାର ପ୍ରାଥମିତା ଦେବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରସନ୍ନ ବାବୁଙ୍କ ନୀତି ଅନୁସରଣ କରି ଜନଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଘର୍ଷ କରିବାକୁ ଦଳର ବରିଷ୍ଠ ସଦସ୍ୟ ରମେଶ ତ୍ରିପାଠୀ ଆହ୍ୱାନ ଦେଇଥିଲେ। କୁଶ୍ରାଲୋଇ ସରପଞ୍ଚ ରଘୁମଣି ପଧାନ, ଯୋଗେନ୍ଦ୍ର ମାଝି, ଗୌରୋ କାଲୋ, ଫଗୁଣ ପଧାନ, ଲୋକନାଥ ପଧାନ, ରମେଶ ତ୍ରିପାଠୀ, ଚିତ୍ରସେନ ପଶାୟତ, ସୁରେନ୍ଦ୍ର ବଗାରଙ୍କ ସମେତ ଶତାଧିକ ଲୋକ ଏଥିରେ ଯୋଗଦେଇଥିଲେ।

# ୩ ବ୍ଲକ୍ ପରିକ୍ରମା କଲା ବିକାଶ ବାହନ

ଦେବଗଡ଼, ୧୬।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଦେବଗଡ଼ ଜିଲ୍ଲାର ତିନୋଟି ବ୍ଲକ ଓ ୭୦ଟି ଗ୍ରାମ ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରିଛି। ବିକାଶ ରଥରେ ଜିଲ୍ଲା କଳାକାର ସଂଘ ଓ ବ୍ଲକ କଳାକାର ସଂଘ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ପାଲା, ଦଣ୍ଡ ନୃତ୍ୟ, ଦାସ କାଠିଆ ଓ ଏଲିଡି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ସୋମବାର ରିଆମାଳ ବ୍ଲକର ଚଡେଇମରା, ତୁଙ୍ଗାମାଳ, କୁଣ୍ଢେଇଗୋଳା, ବାରକୋଟ ବ୍ଲକର ରମ୍ଭେଇ, ଦନ୍ତାରିବାହାଲ, ଓ କଣ୍ଟାପାଲି ଗ୍ରାମ ପଞ୍ଚାୟତ, ତିଲେଇବଣି ବ୍ଲକର ସଡୋ ଏବଂ କଂସର ପଞ୍ଚାୟତରେ ସଚେତନତା ରଥ ପହଞ୍ଚିବା ପରେ ଅଞ୍ଚଳବାସୀ, ଅଙ୍ଗନବାଡି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାଗତ କରିଥିଲେ।



# ‘ପ୍ରତିଶ୍ରୁତି ପାଳନରେ ବିଫଳ ବିଜେପି ସରକାର’

ଝାରସୁଗୁଡା, ୧୬।୬(ସମିସ):



- ଝାରସୁଗୁଡ଼ାରେ ୩୭ ପ୍ରତିଶତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ପଦ ଖାଲି
- କାର୍ଡିଆକ୍ କେୟାର ହସ୍‌ପିଟାଲ ପାଇଁ ସି. ଲାଇସେନ୍ସ ଯୋଗାଇପାରୁନି

ଓଡ଼ିଶାରେ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ପାଳନ କରୁଛି। କିନ୍ତୁ ବର୍ଷକ ମଧ୍ୟରେ ଜନସାଧାରଣଙ୍କର ଆଶା, ଆକାଂକ୍ଷା ପୂରଣ ଓ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି ବିଜେପି ସରକାର। ବିଶେଷ କରି ଝାରସୁଗୁଡ଼ାବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନର ବିଜେପି ସରକାର ପ୍ରତାରିତ କରିଛି ବୋଲି ଝାରସୁଗୁଡା ବିଜୁ ଜନତା ଦଳ ପକ୍ଷରୁ ସୋମବାର ବେହେରାମାଲସ୍ଥିତ ହୋଟେଲ ମାଇକ୍ରୋ କଣ୍ଟିନେଣ୍ଟାଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି। ଝାରସୁଗୁଡା ପୁରାତନ ଡିଏଚ୍‌ଏଚ୍ ପୁନଃ ପ୍ରଚଳନ (ସାଟେଲାଇଟ୍ ହସପିଟାଲ) ନିମନ୍ତେ ପ୍ରଥମେ ଝାରସୁଗୁଡା ଜିଲ୍ଲାପାଳ ଓ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ସୁନିଲ ଗୁପ୍ତାଙ୍କୁ ଦଳ ପକ୍ଷରୁ ଧନ୍ୟବାଦ ଜଣାଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ପୂର୍ବରୁ ରାଜ୍ୟରେ ମାତ୍ର ୩ ଟି ମେଡିକାଲ କଲେଜ ହସ୍‌ପିଟାଲ ଥିବାବେଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ଓଡ଼ିଶାର କୋଣ ଅନୁକୋଣରେ ୯ ଟି ମେଡିକାଲ କଲେଜ ହସ୍ପିଟାଲ ସ୍ଥାପନ କରାଯାଇଥିଲା। ଯାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ସ୍ଥାପନ କରିଥିଲା। କିନ୍ତୁ ବର୍ତ୍ତମାନର ବିଜେପି ସରକାର ଗତ ଏକ ବର୍ଷ ଶାସନ କାଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ପାରିନାହାନ୍ତି। ପ୍ରତିବର୍ଷ ୧୧୫୦ ଡାକ୍ତର ବାହାରୁଥିବା ସତ୍ତ୍ୱେ ଓଡ଼ିଶାର ପ୍ରତ୍ୟେକ ମେଡିକାଲ ହସପିଟାଲ, ମେଡିକାଲ କଲେଜ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଚିକିତ୍ସା ଉପକେନ୍ଦ୍ରମାନଙ୍କରେ ଡାକ୍ତର ପଦ ଖାଲିପଡ଼ିଛି। ଝାରସୁଗୁଡ଼ା ଜିଲ୍ଲାରେ ୩୭ ପ୍ରତିଶତ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀ ପଦ ଖାଲି ପଡ଼ିଛି। ଯାହାଫଳରେ ଝାରସୁଗୁଡ଼ା ଜିଲ୍ଲା ସଦରମହକୁମା ତଥା ବ୍ଲକ ପଞ୍ଚାୟତ ସହରାଞ୍ଚଳରେ ସଠିକ୍ ଚିକିତ୍ସା ନପାଇ, ଭୁଲ ଚିକିତ୍ସା କାରଣରୁ ଅନେକ ଲୋକଙ୍କ ଜୀବନ ଯାଉଥିବା ନଜରକୁ ଆସୁଛି। ଝାରସୁଗୁଡ଼ାରେ ପୂର୍ବର ବିଜେଡି ସରକାର ଅମଳରେ ହୋଇଥିବା ନୂତନ ଡିଏଚ୍‌ଏଚ୍‌ର ମଧ୍ୟ ରକ୍ଷଣାବେକ୍ଷଣରେ ସରକାର ବିଫଳ ହୋଇଛନ୍ତି। ତତ୍‌କାଳିନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଦ୍ୱାରା ଗତ ୨୦୨୪ ଫେବୃୟାରୀ ୨୬ରେ ୪୫.୧ କୋଟି ଟଙ୍କା ବିନିମୟରେ ଲୋକର୍ପିତ ହୋଇଥିବା କାର୍ଡିଆକ୍ କେୟାର ହସ୍‌ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପିତ ହୋଇଥିଲେ ମଧ୍ୟ ସି. ଲାଇସନ୍ସ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଯୋଗାଇପାରୁ ନଥିବାରୁ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବାରେ ବିଫଳ ହୋଇଛି। ଏପରିକି ପୂର୍ବ ସରକାର ଅମଳରେ ଶିଳାନ୍ୟାସ କରାଯାଇଥିବା କ୍ୟାନ୍ସର ହସ୍‌ପିଟାଲ ପାଇଁ ଚିହ୍ନଟ ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଜିଲ୍ଲା ପ୍ରଶାସନ ପ୍ରଦାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠିରୁ ଅଦ୍ୟାବଧି ପାଣ୍ଠି ମଞ୍ଜୁରୀ ହୋଇନାହିଁ। ଝାରସୁଗୁଡ଼ା ପୌରପରିଷଦରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୨୪ କୋଟି ୪୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ପୌରପରିଷଦରେ ୭୪ କର୍ମଚାରୀ ପଦବୀରୁ ୪୫ ପଦ ଖାଲି ପଡ଼ିଛି। ଗ୍ରାମୀଣ ଉନ୍ନୟନ (ଆର୍‌ଡି.) ବିଭାଗ ଆନୁକୂଲ୍ୟରେ ଗ୍ରାମୀଣ କ୍ଷେତ୍ରରେ ଉନ୍ନୟନ କାମ ସକାଶେ ଆସୁଥିବା ପାଣ୍ଠି ବିନିଯୋଗରେ ବିଳମ୍ବ ହେଉଛି ଏବଂ ଆଖି ଦୃଶିଆ କାମ ହେଉନାହିଁ। ଝାରସୁଗୁଡ଼ା ପୌରପରିଷଦର ନର୍ଦ୍ଦମା ଜଳ ନିଷ୍କାସନ ସକାଶେ ୨୦୧୯-୨୦ରେ ୬ କୋଟି ୬୨ ଲକ୍ଷ ଲକ୍ଷ ଟଙ୍କା ମାଷ୍ଟର ଡ୍ରେନ ନିର୍ମାଣ ପାଇଁ ମଞ୍ଜୁରୀ ହୋଇଥିଲା। ଉକ୍ତ ଟଙ୍କା ପୂର୍ତ୍ତ ବିଭାଗ (ଆର୍‌ଏଣ୍ଡବି) ଡିଭିଜନ୍, ଝାରସୁଗୁଡ଼ା ପାଖରେ ଗଚ୍ଛିତ ରହିଛି। ମାଷ୍ଟର ଡ୍ରେନ୍ କାମ ଆରମ୍ଭ ପାଇଁ ବିଭିନ୍ନ ଦାବି ସତ୍ତ୍ୱେ ମଧ୍ୟ ଆରମ୍ଭ ନହେବା ଏ ସରକାରର ବିଫଳତାକୁ ପ୍ରମାଣ କରୁଛି ବୋଲି ସମ୍ବାଦିକ ସମ୍ମିଳନୀରେ କୁହାଯାଇଛି।ସମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ହରିଶ ଗଣାତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ବରିଷ୍ଠ ନେତା ତାପସ ରାୟ ଚୌଧୁରୀ, ରବି ସିଂ, ସନ୍ଦୀପ ଅବସ୍ତି, ଜିଲ୍ଲା ମହିଳା ସଭାପତି ରୋଜାଲିନ ପଟେଲ, ପୌର ପରିଷଦ ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀ, ପ୍ରତାପ ନନ୍ଦ, ଦାମୋଦର ନାଥ, ନକୁଳ ସାହୁ, ଏମ କଲିମ, ପଓ୍ୱନ୍ ସିଂ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନ ଉପରେ ସଚେତନତା

ଦେବଗଡ଼, ୧୬।୬(ସମିସ):ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତରେ ସୋମବାର ଓଡ଼ିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ଦେବଗଡ଼ ଜିଲ୍ଲା ପରିଷଦ ତରଫରୁ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସମ୍ପର୍କିତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟଜିତ୍ ପୃଷ୍ଟିଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ପଦଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସମୀକ୍ଷକ ଘନଶ୍ୟାମ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପଦଯାତ୍ରାରେ ମନରେଗାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଲୋକଙ୍କ ହକ୍ ଅଧିକାର ବିଷୟରେ ସଚେତନ କରାଯାଇଥିଲା।



# ବିଭିନ୍ନ ସ୍ଥାନରେ ପଟ୍ଟା, ରାସନକାର୍ଡ ବଣ୍ଟନ



**ଝାରସୁଗୁଡା, ୧୬।୬(ସମିସ):** ଝାରସୁଗୁଡା ଜିଲ୍ଲାର ବିଭିନ୍ନ ବ୍ଲକରେ ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା, ରାସନକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୋଲାବିରା, ଲଇକେରା, କିର୍ମିରା ଆଦି ବ୍ଲକକୁ ଗସ୍ତ କରି ସୋମବାର ବିଧାୟକ ଟଙ୍କଧର ତ୍ରିପାଠୀ ଜମି ପଟ୍ଟା, ରାସନ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି। ପ୍ରଥମେ ସେ କୋଲାବିରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ, ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବିଡିଓ ଅଶୋକ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବସୁନ୍ଧରା ଯୋଜନାରେ ୨୫ ଜଣ ଭୂମିହୀନ ଗରିବ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ପରେ ବିଧାୟକ ଲଇକେରା ବ୍ଲକର ସାହସପୁର ପଞ୍ଚାୟତ ଗସ୍ତ କରି ସେଠାରେ ଗରିବ ଭୂମିହୀନ ପରିବାରକୁ ପଟ୍ଟା ବଣ୍ଟନ କରିଥିଲେ। ଶେଷରେ ବିଧାୟକ କିର୍ମିରା ବ୍ଲକର ସୁଲେହି ପଞ୍ଚାୟତ ଗସ୍ତ କରି ୧୮ ଜଣଙ୍କୁ ଜମି ପଟ୍ଟା, ଅନ୍ତ୍ୟୋଦୟ ଗୃହ, ରାସନ କାର୍ଡ, ଶ୍ରମିକ କାର୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ସମେତ ବ୍ଲକସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଆଲୋଚନାଚକ୍ର

ଦେବଗଡ଼, ୧୬।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ସୋମବାର ଚତୁର୍ଥ ଦିବସ ଥିଲା। ଏହି ଅବସରରେ ପ୍ରଧାନପାଟ ବଡ଼ ବଗିଚାଠାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଡିପିସି ମିଶନ ଶକ୍ତି ଶିଶିର କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଜିଲ୍ଲାର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ସମାଜ ମଙ୍ଗଳ ବିଭାଗ, ମିଶନ ଶକ୍ତି ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଣୀତ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବାରକୋଟ ବ୍ଲକର ଭିନ୍ନକ୍ଷମ ଅଙ୍ଗନବାଡି କର୍ମୀ ସରୋଜିନୀ ବେହେରାଙ୍କୁ ସମାଜ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଶନ ଶକ୍ତି ବିଭାଗ ପକ୍ଷରୁ ସର୍ବଶ୍ରେଷ୍ଠ ୫ ଜଣ ଲକ୍ଷପତି ଦିଦିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଉଚ୍ଚ ଶିକ୍ଷା ପାଇଁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।



## କୋଲାବିରାରେ ଜନଅଭିଯୋଗ ଶୁଣାଣି

# ୪୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଝାରସୁଗୁଡା, ୧୬।୬(ସମିସ):



କୋଲାବିରା ବ୍ଲକ କାର୍ଯ୍ୟାଳୟସ୍ଥ ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ରହି ଘରଡିହଶୂନ୍ୟ ହିତାଧିକାରୀମାନଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରିଥିଲେ। ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ମାଝୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୮ଗୋଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୫ଗୋଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ପରମାଣପୁରରେ ଚାଷ ଉପଯୋଗୀ ଗଭୀର ନଳକୂପ ଖନନ, ସାଲହେପାଲି ଗ୍ରାମ୍ୟ ଜଳଯୋଗାଣ ଅନ୍ତର୍ଗତ ଗଭୀର ନଳକୂପ ଖନନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, କାତିକେଲାଠାରେ ପାର୍ବତୀଗିରି ଉଠା ଜଳ ସେଚନ ପ୍ରକଳ୍ପ(ମେଗା ଲିଫ୍ଟ) କାର୍ଯ୍ୟକ୍ଷମ କରାଯିବା, କୁଳିହାମାଲରେ ସାମୂହିକ ଉନ୍ନତି ପାଇଁ ଜାଗା ଯୋଗାଇଦେବା, ସୋଡାମାଲରୁ ଭୀମଜୋର ଗ୍ରାମକୁ ‘ମୋ ବସ’ ସେବା ଯୋଗାଇଦେବା, ଗୁଚ୍ଛାପାଲି ମୁଣ୍ଡାପଡ଼ା ଗ୍ରାମ ରାସ୍ତା ମରାମତି, ପନହାପାଲିରୁ ଯାମଛୁଆଁ ରାସ୍ତାରେ ଥିବା ନାଳର ତଳ ପାର୍ଶ୍ୱରେ କ୍ରସ ଡ୍ୟାମ ନିର୍ମାଣ ଜନିତ ଯାତାୟାତରେ ଅସୁବିଧା, ଜୋରାବନ୍ଧ ପୋଖରୀ ପରିଷ୍କାର, ପରମାଣପୁର ଛକ ଠାରୁ ମିଶନ ଆମ୍ବତୋଟା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ପତ୍ରାପାଲି ଛକରୁ ଅଇଁଲାମାଲ ଗ୍ରାମକୁ ଯାତାୟାତରେ ଅସୁବିଧା, ସୁନାରୀପଡ଼ା କଲ୍ୟାଣ ମଣ୍ଡପକୁ ପଞ୍ଚାୟତ ଅଧୀନକୁ ଆଣିବା ସହ ନୂତନ କମିଟି କମିଟି ଗଠନ, ଭେଜିକୁଦ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ଅଚଳ ନଳକୂପ ମରାମତି, ସମାସିଙ୍ଘା ଗ୍ରାମରେ ତିନି କିଲୋମିଟର ପରିସର ଭିତରେ ଦେଶୀ ମଦଭାଟି ବନ୍ଦ କରାଯିବା, ଗହ୍ମାପାଳିରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା, ଗୁଚ୍ଛାପାଲି ସମଲେଇଘାଟ କଲଭର୍ଟ ନିର୍ମାଣ, ରେଙ୍ଗାଲପାଲିରୁ ଆଶ୍ରମ ବିଦ୍ୟାଳୟ ମାଟିରାସ୍ତାର ଉନ୍ନତିକରଣ, ସୋଡ଼ାମାଲରେ ଘରଡ଼ିହ ପଟ୍ଟା ଯୋଗାଣ ଓ ଲରିଆପାଲିରେ ବିଦ୍ୟୁତ ସଂଯୋଗ ଜନିତ ସମସ୍ୟା ସମାଧାନ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଶ୍ୱାସ ଜନିତ ସମସ୍ୟା ସକାଶେ ଜଣଙ୍କୁ ନେବୁଲାଇଜର ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ରିଆମାଳରେ ଅଭିଯୋଗ ଶୁଣାଣି



**ଦେବଗଡ଼, ୧୬।୬(ସମିସ):** ରିଆମାଳ ବ୍ଲକ ଚଡେଇମରା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୫୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୪ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୁହିକ ଅଭିଯୋଗ ରହିଥିଲା। ବିଶେଷ କରି ହାତୀ ଉପଦ୍ରବ, ଅନ୍ତ୍ୟୋଦୟ ଚାଉଳ, ବିଧବା ଭତ୍ତା, ବିଦ୍ୟୁତ ସଂଯୋଗ, ଘରଡିହ ଜମି ପଟ୍ଟା ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ତହସିଲଦାର ବିଜୟଲକ୍ଷ୍ମୀ ନାଏକ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ଭଟଲି, ୧୬।୬(ସମିସ): ଭଟଲି ବିଜୁ ଜନତା ଦଳର ସଦସ୍ୟ ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ସୋମବାର ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ରଙ୍କୁ ଦୁଇଟି ଅଭିଯୋଗ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଭଟଲି ତହସିଲ ଅଧୀନ ବିଭିନ୍ନ ନଦୀମାନଙ୍କରେ ଥିବା ବାଲିଖାଦାନରୁ ବେନିୟମ ଭାବେ ଜେସିବି ଓ ହାଇୱା ଦ୍ୱାରା ବାଲି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଜଣେ ଚାଷୀ ଯଦି ନିଜ ଘର ତିଆରି କରିବାକୁ ଟ୍ରାକ୍ଟରରେ ବାଲି ଆଣେ ତାଠାରୁ ହଜାର ହଜାର ଟଙ୍କା ଫାଇନ ଅସୁଲି କରାହେଉଛି। କିନ୍ତୁ ବାଲି ମାଫିଆଙ୍କ ପାଇଁ ପ୍ରଶାସନ ଆଖିବୁଜି ଦେଉଛି। ସେହିପରି ପଡ଼ୋଶୀ ଛତିଶଗଡ଼ରୁ ଚୋରାରେ ଆସୁଥିବା ଧାନରେ ମିଲ୍ ଗୁଡ଼ିକ ଭର୍ତ୍ତି ହୋଇଯାଉଛି। କିନ୍ତୁ ଦଲାଲଙ୍କ ଦ୍ୱାରା ସ୍ଥାନୀୟ ଚାଷୀଙ୍କୁ ମିଲ୍ ମାଲିକମାନେ ଶୋଷଣ କରୁଛନ୍ତି। ସରକାରୀ ଧାର୍ଯ୍ୟ ଦରଠାରୁ ଅଧାଅଧି ଦରରେ ଧାନ ବିକ୍ରି କରିବା ପାଇଁ ଚାଷୀ ବାଧ ହେଉଛି। ଏହି ଦୁଇଟି ଦାବି ନେଇ ଶ୍ରୀ ମହାପାତ୍ର ଦଳୀୟ କର୍ମୀମାନଙ୍କ ସହ ଆସି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ତହସିଲଦାର ଶ୍ରୀ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଚାଷୀଙ୍କୁ ଉପକୃତ କରିଥିଲା ହୀରାକୁଦ ସେଚାଞ୍ଚଳରେ ଜଳକର ଆନ୍ଦୋଳନ

ସମ୍ବଲପୁର, ୧୬।୬ (ସମିସ)

ହୀରାକୁଦ ଜଳସେଚିତ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ହୀରାକୁଦ ବନ୍ଧ ଉପରେ ଥିବା ଅବିଶ୍ୱାସ ଏବଂ ତତ୍କାଳୀନ ସରକାରଙ୍କ ଉଚ୍ଚ ଦରରେ ନିର୍ଦ୍ଧାରିତ ଜଳକର ବିରୁଦ୍ଧରେ ଜନଅସନ୍ତୋଷ ୧୯୬୦ ମସିହାରେ ଏକ କୃଷକ ଆନ୍ଦୋଳନର ସୂତ୍ରପାତ କରିଥିଲା। ଯାହା କିଛି ସାମ୍ୟବାଦୀ ନେତା ଏବଂ କିଛି ସମାଜବାଦୀ ନେତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ସେତେବେଳେ ବିଶିଷ୍ଟ ସାମ୍ୟବାଦୀ ଯୁବନେତା ପ୍ରସନ୍ନ ପଣ୍ଡାଙ୍କ ନେତୃତ୍ୱ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା। ଏହି ଆନ୍ଦୋଳନରେ ଅବିଭକ୍ତ ସମ୍ବଲପୁର ଏବଂ ବଲାଙ୍ଗିର ଜିଲ୍ଲାର ୭୫ ଖଣ୍ଡ ଗ୍ରାମର ଚାଷୀ ଓ ସେମାନଙ୍କ ପରିବାର ସମର୍ପିତ ଭାବେ ଅଂଶଗ୍ରହଣ କରିଥିଲେ। ମହିଳା ମାନଙ୍କ ଯୋଗଦାନ ଗୁରୁତ୍ୱବହନ କରିଥିଲା। ଫଳରେ ସେତେବେଳର ସରକାର ଏକକାଳୀନ ବହୁବର୍ଷର ଜଳକର ଆଦାୟରୁ ବିରତ ହେବା ସହ ନିର୍ଦ୍ଧାରିତ ଜଳକର କମ କରିବାକୁ ବାଧ ହୋଇଥିଲେ। ଏହାଦ୍ୱାରା ସାରା ରାଜ୍ୟର ସେଚାଞ୍ଚଳ ଚାଷୀ ଉପକୃତ ହୋଇଥିଲେ।




ସେତେବେଳେ ସେହି ନେତୃତ୍ୱ ଯାହା ଅନୁଭବ କରିଥିଲେ ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ ହୋଇଛି। ସେମାନଙ୍କ ମତରେ କୀଟନାଶକ ଔଷଧ ଓ ପର୍ଯ୍ୟାପ୍ତ ପରିମାଣରେ ସାର ପ୍ରୟୋଗ ହେତୁ ଆଜି ସମଗ୍ର ବରଗଡ଼ ଜିଲ୍ଲା କ୍ୟାନସର ଓ କିଡନୀ ରୋଗୀଙ୍କ ରାଜଧାନୀ ଭାବରେ ପରିଗଣିତ ହେଲାଣି। ଏହାଥିଲା ତତ୍କାଳୀନ ନେତୃତ୍ୱର ଦୂରଦୃଷ୍ଟି। ସଂଗ୍ରାମୀ ପ୍ରସନ୍ନ ପଣ୍ଡାଙ୍କ ସମଗ୍ର ଜୀବନ ଜନସେବାରେ ବ୍ରତୀ ହେବାସହ ତାଙ୍କ ଦ୍ୱାରା ପରିଚାଳିତ କୃଷକ ଓ ଶ୍ରମିକ ଆନ୍ଦୋଳନ ଯଥେଷ୍ଟ ସଫଳତା ମିଳିଥିଲା। ସେ କେବଳ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ପ୍ରତିନିଧି ନ ଥିଲେ ସମଗ୍ର ରାଜ୍ୟର ଜନସଂଖ୍ୟା ବିଧାନସଭାରେ ଉପସ୍ଥାପନ କରୁଥିଲେ ବର୍ତ୍ତମାନ ପରୀପ୍ରେକ୍ଷୀରେ ତାଙ୍କ ନେତୃତ୍ୱ ଓ ଆଦର୍ଶ ଆମ ସମାଜ ପାଇଁ ଅଧିକ ପ୍ରୟୋଜନ ହୋଇପଡ଼ିଛି ବୋଲି ବରଗଡ଼ ମହିଳା ମହାବିଦ୍ୟାଳୟର ପ୍ରକ୍ତନ ଅଧ୍ୟକ୍ଷ ଡଃ ରବୀନ୍ଦ୍ର ଗଡ଼ତିଆ ମତବ୍ୟକ୍ତ କରିଛନ୍ତି।

ଆଜି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଡଃ ପର୍ଶୁରାମ ମିଶ୍ର ଅଗ୍ରଗାମୀ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷା ଡଃ ନିରୂପମା ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଜନନେତା ପ୍ରସନ୍ନ କୁମାର ପଣ୍ଡା ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ମହିଳା ମହାବିଦ୍ୟାଳୟର ପ୍ରକ୍ତନ ଅଧ୍ୟକ୍ଷ ଡଃ ରବୀନ୍ଦ୍ର ଗଡ଼ତିଆ ଯୋଗଦେଇ 'ଚାଷୀ ଆନ୍ଦୋଳର ଅନନ୍ୟ ବିଜୟ: ଷାଠିଏ ଦଶକର ଜଳକର ଆନ୍ଦୋଳନ' ଶୀର୍ଷକ ସ୍ମାରକୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜକର୍ମୀ ମୁକ୍ତକଣ୍ଠ ପ୍ରଧାନ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଶ୍ରମିକ ନେତା ବିଜୟ କୁମାର ମହାନ୍ତି ଓ ଗଦାଧର କୁଅଁର ଜନନେତା ପ୍ରସନ୍ନ ପଣ୍ଡାଙ୍କ ଜୀବନ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶେଷରେ ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କାମୁଡ଼ିଥିବା ସାପକୁ ଧରି ଡାକ୍ତରଖାନା ଗଲେ ଯୁବକ



କୁଚିଣ୍ଡା, ୧୬।୬(ସମିସ): ସୋମବାର ସନ୍ଧ୍ୟାରେ ବାମରା ବ୍ଲକ ବୃବୁଡା ଗ୍ରାମର ରାଜେଶ ଛତ୍ରିଆ(୨୬) ନିଜ ଘର ପଛ ପଟବାଡ଼ିକୁ ପରିସ୍ରା କରିବାକୁ ଯାଇଥିବା ବେଳେ ଏକ ଚିତି ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ସେ ଧର୍ଯ୍ୟର ସହ ଉକ୍ତ ସାପକୁ ହାତରେ ଧରି ଘର ଭିତରକୁ ଦୌଡ଼ିଥିଲେ। ପରେ ଘର ଲୋକଙ୍କ ସାହାଯ୍ୟରେ ଉକ୍ତ ସାପକୁ ଅନ୍ୟ ଏକ ପ୍ଲାଷ୍ଟିକ ଡବାରେ ଭର୍ତ୍ତି କରିବା ସହ ଗୁରୁତର ଥିବା ରାଜେଶ ଓ ସାପକୁ ନେଇ ସିଧାସଳଖ ଗୋବିନ୍ଦପୁର ଡାକ୍ତରଖାନା ପହଞ୍ଚିଥିଲେ। ସେଠାରେ କାର୍ଯ୍ୟରତ ଥିବା ଷ୍ଟାଫମାନେ ଉକ୍ତ ସାପକୁ ଦେଖି ଭୟଭୀତ ହୋଇ ପଡ଼ିଥିଲେ। ପରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କଲାପରେ ସଙ୍କଟାପନ୍ନ ଅବସ୍ଥାରେ ସୁନ୍ଦରଗଡ଼ ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରାଯାଇଛି।

## ଟଙ୍କା ସହ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଗହଣା ଚୋରି

କୁଚିଣ୍ଡା, ୧୬।୬(ସମିସ): କୁଚିଣ୍ଡା ସହରର ୱାର୍ଡ ନଂ୨ବାସିନ୍ଦା ସଞ୍ଜୟ ନାୟକ ନିଜ ପରିବାର ସହିତ ବଡ ଝିଅ ଘର ସମ୍ବଲପୁର ୧୪ ତାରିଖ ଯାଇଥିଲେ। ସେଠାରୁ ୧୬ ତାରିଖ ଦିନ କୁଚିଣ୍ଡା ଆସି ତାଙ୍କ ଘର ତାଲା ଭାଙ୍ଗି ଚୋର ଘରେ କଳାକନା ବୁଲାଇ ଦେଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଗଡ଼ରେଜ ପ୍ରଭୁତି ତାଲା ଭାଙ୍ଗି ପ୍ରାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା, ରୁପା ଗହଣା ସହିତ ନଗଦ ପ୍ରାୟ ୩୦ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି। ଏ ନେଇ ଘର ମାଲିକ ସଞ୍ଜୟ ନାଏକ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ ପରେ କୁଚିଣ୍ଡା ପୁଲିସ ଅନୁସନ୍ଧାନକାରି ଦଳ ସହ କୁକୁର ସାହାଯ୍ୟ ନେଇଥିଲେ। ଅଳଙ୍କାର ତାଙ୍କ ବିବାହିତ ସାନଝିଅ ଓ ମାଁଙ୍କର ଥିଲା। ପୁଲିସ ପକ୍ଷରୁ ତଦନ୍ତ ଚଳାଇଛନ୍ତି।ଚୋରି ୧୪ କିମ୍ବା ୧୫ ରାତିରେ ଚେରି ହୋଇଥିବା ସନ୍ଦେହ କରାଯାଉଛି।

## ବିମାନ ଦୁର୍ଘଟଣାର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧୬।୬ (ସମିସ) : ଗତ ୧୨ ତାରିଖ ଅହମଦାବାଦଠାରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀ ଓ ଅନ୍ୟମାନଙ୍କୁ ଜୱାନ-ଇ-ହିନ୍ଦ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେନପାର୍କ ନିକଟସ୍ଥ ଅନୁଷ୍ଠାନ କାର୍ଯ୍ୟାଳୟରେ ସମ୍ପାଦକ ମହମ୍ମଦ ଇସାକ୍‌ଙ୍କ ନେତୃତ୍ୱରେ ସଦସ୍ୟମାନେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କ୍ଲବ ସଦସ୍ୟ ମହମ୍ମଦ ଅନୱର, ମହମ୍ମଦ କାଶିମ, ମସୁଦ ଖାନ, ବାବୁ, ଜବାରୁ, ରକିବ ଖାନ, ଶେଖ ରଜାଉଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧାରରେ ରହିଲା ବରଗଡ଼ ଟାଉନ୍ ଥାନା

ବରଗଡ଼, ୧୬।୬(ସମିସ): ବରଗଡ଼ ଟାଉନ୍ ଥାନାରେ ସୋମବାର ସନ୍ଧ୍ୟାରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ହୋଇଛି। ଫଳରେ ମୋବାଇଲ ଜାଳି ଅଧିକାରୀ ମାନେ କାର୍ଯ୍ୟ କରୁଥିବା ଦେଖା ଯାଇଥିଲା। ବିନା ସୂଚନାରେ ଦିନସାରା ବିଦ୍ୟୁତ୍ କାଟର ଏହା ଏକ ଜ୍ୱଳନ୍ତ ଉଦାହରଣ ଥିଲା। ଟାଉନ୍ ଥାନା ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏପରି ଲାଇନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଲୋକେ କହିଛନ୍ତି। ପୂର୍ବରୁ ସରକାରୀ ଡାକ୍ତରଖାନାରେ ମୋବାଇଲ ଲାଇଟ୍‌ରେ ଚିକିତ୍ସା କରୁଥିବା ଦେଖା ଯାଇଥିବା ବେଳେ ଆଜି ଟାଉନ୍ ଥାନାରେ ମଧ୍ୟ ଦୀର୍ଘ ସମୟ ଲାଇନ ନ ଥିଲା। ଥାନାକୁ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ ମୋବାଇଲ ଆଲୁଅରେ ଅଭିଯୋଗ ଲେଖୁଥିବା ଦେଖା ଯାଇଥିଲା। ବିଦ୍ୟୁତ୍ ବିଭାଗ ଅଧିକାରୀ ଏ ସବୁ ଅସୁବିଧାକୁ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।



## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ଡ୍ରାଇଭର ସଂଘର ଦାବିପତ୍ର

ବରଗଡ଼, ୧୬।୬(ସମିସ): ବରଗଡ଼ ଜିଲ୍ଲା ଡ୍ରାଇଭର ମହାସଂଘର ସଦସ୍ୟ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ସୋମବାର ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ଅବସରରେ

**ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ**



ଓଡ଼ିଶାର ସମସ୍ତ ଡ୍ରାଇଭର ଭାଇଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରଯାଇଥିଲା। ଅନେକ ସମୟରେ ଲୋକଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ୬୦ବର୍ଷ ପରେ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ କରାଯାଉ, ଗାଡ଼ି ପାର୍କିଂ ଏବଂ ଡ୍ରାଇଭରଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିମି ଅନ୍ତରରେ କରାଯାଉ, ରାଜ୍ୟରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଡ୍ରାଇଭର କାମ ପାଇଁ ଅତି କମରେ ୭୦% ଓଡ଼ିଶାର ଡ୍ରାଇଭରଙ୍କୁ ଅଗ୍ରାଧିକାର ଦିଆଯାଉ, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ, ଗାଡ଼ି କାଗଜପତ୍ର ଯାଞ୍ଚ କ୍ଷମତା ପୁଲିସ୍ ବିଭାଗକୁ ଦିଆ ନଯାଉ ଆଦି ଦାବିକୁ ସଂଘ ଉପସ୍ଥାପନ କରିଥିଲା। ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଦାବି ପୂରଣ ନହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ଅଛି। ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ନୀଳାମ୍ବର ସାହା, ସମ୍ପାଦକ ସୁଦାମ ରଥ, ବ୍ଲକ ସହସମ୍ପାଦକ ଅମିତ ଆଚାର୍ଯ୍ୟଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ବୈଠକ

ବରଗଡ଼, ୧୬।୬(ସମିସ): ଝାରବନ୍ଧ ବ୍ଲକ କୂର୍ଲୁ ପାଲିରେ ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ପ୍ରମୋଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଝାରବନ୍ଧ ବ୍ଲକ ସଂଯୋଜକ ଶିବାଜି ବାଗ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବୈଠକରେ ପୂଟୁକା, ଗୌଡମାଲ, ଚଣ୍ଡୀ ଭଟା, ମୋହଗାଁ, ନିଲଜି ପତ୍ରା, ଭଇସାଦରହା, କୂର୍ଲୁ ପାଲି, ଦାପ ପାଲି, ବିଜା ଢୋଲ, ଅନୁଗୁଳ ଭଣ୍ଡାର ପୁରୀ, ଜାମ ପାଲି, ଲୋହର ସିଂ ଆଦି ଗାଁର ସଙ୍କୀର୍ତ୍ତନ ପ୍ରେମୀ ଏକତ୍ରିତ ହୋଇଥିଲେ। ଆଗାମୀ ଦିନରେ ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଂକୀର୍ତ୍ତନ ପରିବେଷଣକୁ କିପରି ବିରୋଧ କରାଯିବ ସେଥିପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତି ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ସଦସ୍ୟ କିପରି ପଞ୍ଜୀକୃତ ହେବେ ସେ ବିଷୟରେ ମଧ୍ୟ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ମନୋଜ ସାହୁ, ଘନଶ୍ୟାମ ନାଗ, ଲିଙ୍ଗରାଜ ପ୍ରଧାନ, ପୂର୍ଣ୍ଣାନନ୍ଦ ପ୍ରଧାନ, ପ୍ରମୋଦ ସାହୁ, ଘନଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ମାସରେ ଝାରବନ୍ଧ ବ୍ଲକରେ ଓଡ଼ିଶା ଓ ପଡ଼ୋଶୀ ଛତିଶଗଡ଼ର ସଂକୀର୍ତ୍ତନ ଦଳଙ୍କ ମିଳିତ ଆନୁକୂଲ୍ୟରେ ଏକ ବିରାଟ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରମୋଦ ସାହୁ ସଭା ସଞ୍ଚାଳନ କରିଥିବା ବେଳେ ଡ.ଅରୁଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ନୃସିଂହନାଥରେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଧାୟିକା

## ସାଢ଼େ ୧୫ କୋଟି ଟଙ୍କା ବ୍ୟୟ ଅଟକଳ



ପାଇକମାଲ, ୧୬।୬(ସମିସ): ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ସୋମବାର ପାଇକମାଲ ବ୍ଲକ ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ନୃସିଂହନାଥ ମନ୍ଦିର ପାଇଁ ଚିରସ୍ରୋତା ଝରଣା ତଳକୁ ଏକ କ୍ରସ୍ ବନ୍ଧ ନିର୍ମାଣ, ଗାଡି ପାର୍କିଂ ସହ ବହୁ ଉନ୍ନୟନ କାର୍ଯ୍ୟ ପାଇ ସାଢ଼େ ୧୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରତିଦିନ ଏହି ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଆଖିରେ ରଖି ଉନ୍ନୟନ କାର୍ଯ୍ୟ ସବୁ ପର୍ଯ୍ୟାୟ କ୍ରମେ କରାଯାଉଛି ବୋଲି ବିଧାୟିକା କହିଛନ୍ତି। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିଧାୟିକା ବିଭାଗୀୟ ଅଧିକାରୀ ଓ ମନ୍ଦିର କମିଟି ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବରିଷ୍ଠ ନେତା ହୃଦାନନ୍ଦ ବାରିକ, ପାକ୍ସ ସଭାପତି ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବରଗଡ଼, ୧୬।୬(ସମିସ): ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କୁବେର ଚନ୍ଦ୍ର ମହାନ୍ତି, ଅମ୍ବାଭୋନା ବିଡିଓ ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ ଏବଂ ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୦ଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବର୍ଷାରେ ଫିକା ହେଲା ବିକାଶ ମେଳା

ବରଗଡ଼, ୧୬।୬(ସମିସ): ରାଜ୍ୟ ସରକାରଙ୍କ ଗୋଟିଏ ବର୍ଷ ପୂର୍ତ୍ତି ଉପଲକ୍ଷେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ବିକାଶ ମେଳା ୨୦୨୫ ପାଳନ ଚାଲିଛି। ପ୍ରଥମ ଦିନରେ କିଛି ଭିଡ଼ ଦେଖିବାକୁ ମିଳିଥିବା ବେଳେ ଅନ୍ୟ ଦିନ ମାନଙ୍କରେ ମେଳା ସମ୍ପୂର୍ଣ୍ଣ ଖାଲି ପଡୁଛି। ୧୨ ଟି ବ୍ଲକରୁ ମିଶନଶକ୍ତି ମହିଳାମାନେ ଆସି ୨୫ଟି ଷ୍ଟଲରେ ବିଭିନ୍ନ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଆଜି ମଧ୍ୟ ମିଲେଟରେ ତିଆରି ହେଉଥିବା ଆରିସା, କାକରା, ମଣ୍ଡା ପିଠା, ବିଭିନ୍ନ ପ୍ରକାର ପିଠାପଣା ସବୁ ତିଆରି ହୋଇଥିଲା। ହେଲେ ସନ୍ଧ୍ୟାରୁ ବର୍ଷା ଆରମ୍ଭ ହେବାରୁ ଜନ ସମାଗମ ହୋଇ ନଥିଲା। ତିଆରି କରିଥିବା ଖାଦ୍ୟ ସାମଗ୍ରୀ ସବୁ ନଷ୍ଟ ହୋଇଗଲା। ପୂର୍ବ ସରକାରଙ୍କ ସମୟରେ ଏପରି କାର୍ଯ୍ୟକ୍ରମରେ ଆସିଲେ ଗୋଟେ ଗୋଟେ ଗ୍ରୁପ୍‌ର ଦୁଇଜଣ ମହିଳାଙ୍କୁ ୨୦୦ ଟଙ୍କା ଲେଖାଏଁ ମିଳୁଥିଲା। ହେଲେ ଏବେ ସରକାରଙ୍କ ପାଖରୁ ସେମିତି କିଛି ସହାୟତା ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ୧୨ ତାରିଖରୁ ଆରମ୍ଭ ହୋଇଥିବା ବିକାଶ ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ରାଜକୋଷର ଏତେ ଟଙ୍କା ଖର୍ଚ୍ଚ କରି ସରକାର କରୁଥିବା ବିକାଶ ମେଳାର କୌଣସି ସୁଫଳ ମିଳିବନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



## ବିକାଶ ଆବାସିକ ବିଦ୍ୟାଳୟରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ




ବରଗଡ଼, ୧୬।୬(ସମିସ): ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ସ୍ଥିତ ଅଡିଟୋରିଅମରେ ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି କ୍ରୀଷ୍ଣା ବିକାଶ ସମୂହ ବିଦ୍ୟାଳୟ ମାନଙ୍କରେ ନବନିଯୁକ୍ତ ୨୭ଜଣ (ଆରଆଇଇ) ଶିକ୍ଷକ ଶିକ୍ଷୟତ୍ରୀଙ୍କର ପରିଚୟ ଓ ସେମାନଙ୍କ ଗୁଣାତ୍ମକ ଶିକ୍ଷାଦାନରେ ଉନ୍ନତିକୁ ଆଖି ଆଗରେ ରଖି ଆୟୋଜନ କରା ଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ସ୍ୱାଗତ ଭାଷଣ ଦେବା ସହ ଅତିଥି ଗଣଙ୍କ ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କ୍ରୀଷ୍ଣା ବିକାଶ ସମୂହର ସଫଳତା ଉପରେ ବକ୍ତବ୍ୟ ରଖିଥିଲେ। ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା କ୍ୟାମ୍ପସ୍ କ୍ୟାରିଅର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ତାଙ୍କ ଇଣ୍ଡକ୍ସନ ଟ୍ରେନିଂ କାର୍ଯ୍ୟକ୍ରମରେ ନୂଆ ଶିକ୍ଷକମାନଙ୍କୁ ଟ୍ରେନିଂ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଷ୍ଣା ବିକାଶ ସମୂହର ଏଚ୍‌ଆର୍ ହେଡ୍ ଅଶ୍ୱିନୀ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ଓ ଡ.ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୁଷ୍ପଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଅସରାଏ ବର୍ଷାରେ ମୁଖ୍ୟରାସ୍ତା ବେହାଲ**

# ନଦୀର ଭ୍ରମ ସୃଷ୍ଟି କରୁଛି ରାସ୍ତା



ଅମ୍ବାଭୋନା, ୧୬।୬(ସମିସ)

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନସ୍ଥ ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଗାଡ଼ି ଯିବା ଆସିବା କରିଥାଏ। ଏହାସତ୍ତ୍ୱେ ମୁଖ୍ୟତଃ ପ୍ରକାଶପୁର ମହିମା ଆଶ୍ରମ ନିକଟରୁ ଇଣ୍ଡିଆନ ପେଟ୍ରୋଲ ପମ୍ପ, ପ୍ରକାଶପୁର ଖେଳ ପଡ଼ିଆ ସାମ୍ନା ଓ ବିଦେଶୀ ମଦ ଦୋକାନ ନିକଟରେ ବର୍ଷା ପାଣି ଜମିରହୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଆସୁଥିବାରୁ ରାସ୍ତାର ଅବସ୍ଥା ଚିନ୍ତାଜନକ ଅଟେ। ରାସ୍ତାର ଦୟନୀୟ ଅବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଭିଯୋଗ ଶୁଣାଣି ପାଇଁ ସମସ୍ତ ପ୍ରାଶାସନିକ ଅଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ କାହାରି ନଜର ପଡୁନଥିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ପାଣି ଜମି ରହୁଥିବାରୁ ରାସ୍ତା ନା ନଦୀ ତାହା ଜଣାପଡୁ ନାହିଁ। ପ୍ରତ୍ୟେକ ଦିନ ଜନସାଧାରଣ, ଛାତ୍ରଛାତ୍ରୀ ଜମିଥିବା ପାଣି ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଣୁ ରାସ୍ତାରୁ ପାଣିର ନିଷ୍କାସନ ସହ ରାସ୍ତା ମରାମତି ଓ ଡ୍ରେନ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଛାତ୍ରଛାତ୍ରୀଙ୍କ ପାଇଁ ଅଭ୍ୟର୍ଥନା ଓ ଆର୍ଥିକ ସାହାଯ୍ୟ ଶିବିର



ସମ୍ବଲପୁର, ୧୬।୬(ସମିସ): ସମ୍ବଲପୁର ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଡଃ ବି.ଆର ଆମ୍ବେଦକର ସୋସିଆଲ ୱେଲଫେୟାର ଫେଡେରେସନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଅଭ୍ୟର୍ଥନା ଓ ଆର୍ଥିକ ସାହାଯ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାରେ ଗଣ୍ଡା ସମାଜର ମାଟ୍ରିକ, ଯୁକ୍ତ-୨ ଓ ଯୁକ୍ତ-୩ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଫେଡେରେସନ ପକ୍ଷରୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମ୍ବର୍ଦ୍ଧନା ତଥା ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦିପୁନ ଶୁଭୁଲା (କୁଚିଣ୍ଡା), ସରସ୍ୱତୀ ସାହାସିଆ (ଲଇଡ଼ା), ମୁସ୍କାନ ମଲ୍ଲିକ (ପରମାଣପୁର), ରଶ୍ମି ରଞ୍ଜନ (ଅତାବିରା), ଆନନ୍ଦ ସିଂ ତିଲିଆ (ବେଲପାହାଡ) ପ୍ରମୁଖଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଡଃ ବି.ଆର ଆମ୍ବେଦକର ସୋସିଆଲ ୱେଲଫେୟାର ଫେଡେରେସନ ସଭାପତି ଦୁତିୟା ଗରଡ଼ିଆ, ସମ୍ପାଦକ କ୍ଷେତ୍ରମଣି ବିଭାର, କାର୍ଯ୍ୟକାରୀ ସଭାପତି ବରୁନ ସୁନା, ସାଙ୍ଗଠନିକ ସମ୍ପାଦକ ରାଜେଶ କୁମାର, ଉପସଭାପତି ଗଣେଶ ହରିପାଳ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାଇପ୍ରସ ରାଷ୍ଟ୍ରପତି ନିକୋଶ କ୍ରିଷ୍ଟୋଡୋଲିଡେସ ଦେଶର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ମକାରିଓ୍ୱେସ ୩' ପ୍ରଦାନ କରୁଛନ୍ତି।

## ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୮ ମୃତ



ତେଲ ଆଭିଭ, ୧୬।୬ (ଏଜେନ୍ସି): ଇରାନ ସହ ସଂଘର୍ଷ ମଧ୍ୟରେ ଇସ୍ରାଏଲ ପୁଣି ଗାଜାରେ ଆକ୍ରମଣ କରିଛି। ଖାଦ୍ୟ ବଣ୍ଟନ କେନ୍ଦ୍ରକୁ ନିଶାଣ କରି ଇସ୍ରାଏଲ ସେନା ସୋମବାର ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଅତିକମରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ମାନବିକ ସହାୟତା କେନ୍ଦ୍ରକୁ ନିଶାଣ କରି ହୋଇଥିବା ଏହା ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ବଣ୍ଟନ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଇସ୍ରାଏଲ ଏଭଳି ହୀନ କାର୍ଯ୍ୟ କରିଥିଲା। ସଂଘର୍ଷ ଯୋଗୁଁ ଘର ହରାଇଥିବା ହଜାର ହଜାର ପାଲେଷ୍ଟିନୀୟ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏମାନେ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାଦ୍ୟ ଆଣିବା ଲାଗି ଇସ୍ରାଏଲ ନିୟନ୍ତ୍ରଣାଧୀନ ରିଲିଫ କେନ୍ଦ୍ରକୁ ଯାଉଥିଲେ। ଏହି ସମୟରେ ଲୋକଙ୍କୁ ଘଉଡାଇବା ପାଇଁ ଇସ୍ରାଏଲ ସେନା ଗୁଳିମାଡ଼ କରିଥିଲା।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର



ଅହମଦାବାଦ, ୧୬।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଲିସ ସୁରକ୍ଷା ମଧ୍ୟରେ ରୁପାଣୀଙ୍କ ପାର୍ଥିବ ଶରୀରକୁ ରାଜକୋଟ ସ୍ଥିତ ଘର ପ୍ରକାଶ ସୋସାଇଟିକୁ ନିଆଯାଇଥିଲା। ଏଠାରେ ଅନ୍ତିମ ଦର୍ଶନ ପାଇଁ ମୃତଦେହକୁ ରଖାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଗୁଜରାଟ ରାଜ୍ୟପାଳ ଦେବବ୍ରତ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ସିଆର ପଟେଲ ସମେତ ଅନେକ ନେତା ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ରାମନାଥ ପରା ଶ୍ମଶାନ ଘାଟକୁ ନିଆଯାଇଥିଲା। ଏହି ଶେଷ ଯାତ୍ରା ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ବର୍ଷକୁ ଶହେ ପରମାଣୁ ଅସ୍ତ୍ର ନିର୍ମାଣ କରୁଛି ଚୀନ୍

ବେଜିଂ, ୧୬।୬ (ଏଜେନ୍ସି): ବିଶ୍ୱରେ ପରମାଣୁ ଅସ୍ତ୍ରଶସ୍ତ୍ରକୁ ନେଇ ପ୍ରତିଯୋଗିତା ଲାଗି ରହିଛି। ପରମାଣୁ ଶକ୍ତି ସମ୍ପନ୍ନ ୯ ରାଷ୍ଟ୍ର କ୍ରମାଗତ ଭାବେ ନିଜ ଆଣବିକ ଶକ୍ତି ବୃଦ୍ଧି କରି ଚାଲିଛନ୍ତି। ଏହି କ୍ଷେତ୍ରରେ ଚୀନ୍ ସବୁଠୁ ଆଗରେ ରହିଛି। ଏହି ଦେଶ ବର୍ଷକୁ ହାରହାରି ଶହେ ନୁଆ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଏହା ସହିତ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ୬୦୦ରେ ପହଞ୍ଚି ଯାଇଛି। ସ୍ୱିଡେନ ସ୍ଥିତ ଥିଙ୍କଟାଙ୍କ ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିପ୍ରି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ବ୍ୟତୀତ ଆମେରିକା, ରୁଷ, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ ଭଳି ଦେଶ ମଧ୍ୟ ସେମାନଙ୍କର ପରମାଣୁ ଅସ୍ତ୍ରଶସ୍ତ୍ରକୁ ଆଧୁନିକୀକରଣ କରୁଛନ୍ତି।

ଭାରତ ପାଖରେ ଏବେ ୧୮୦ ପରମାଣୁ ଅସ୍ତ୍ରଶସ୍ତ୍ର ଅଛି। ୨୦୨୩ରେ ଏହି ସଂଖ୍ୟା ୧୭୨ ଥିଲା। ଅର୍ଥାତ ଭାରତ ନିଜ କ୍ଷମତାକୁ ମଧ୍ୟ ସାମାନ୍ୟ ବୃଦ୍ଧି କରିଛି। ସିପ୍ରି ଅନୁଯାୟୀ ଭାରତ ଏବେ କ୍ୟାନିଷ୍ଟରାଇଜଡ୍ ମିସାଇଲ୍ ପ୍ରଯୁକ୍ତିବିଦ୍ୟା ବିକଶିତ କରୁଛି। ଏହା ସାହାଯ୍ୟରେ ଯୁଦ୍ଧ ପରିସ୍ଥିତି ପୂର୍ବରୁ ମଧ୍ୟ କ୍ଷେପଣାସ୍ତ୍ର ନିୟୋଜିତ କରାଯାଇପାରିବ।

# ପୁଣି ବିମାନ ଅଘଟଣ; ବର୍ତ୍ତିଲେ ୨୫୦ ଯାତ୍ରୀ

## ଅବତରଣ ସମୟରେ ବାହାରିଲା ନିଆଁ




ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ୨୫୦ ହଜ୍ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଅବତରଣ ସମୟରେ ସାଉଦି ଆରବିୟା ଏୟାରଲାଇନ୍ସର ବିମାନ ଏସ୍‌ଭି-୩୧୧୨ର ଚକରୁ ନିଆଁ ଏବଂ ଧୂଆଁ ବାହାରିଛି। ଏହା ଜାଣିବା ପରେ ପାଇଲଟ ବିମାନକୁ ତୁରନ୍ତ ଅଟକାଇ ଦେଇଛନ୍ତି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ଦେଇଛନ୍ତି। ପରେ ଦମକଳ ଟିମ୍ ପହଞ୍ଚି ଫୋମ୍ ଏବଂ ପାଣି ପକାଇ ଥିଲା। ପ୍ରାୟ ୨୦ ମିନିଟ ପରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଥିଲା। ରବିବାର ସକାଳ ୬ଟା୩୦ରେ ଏହି ଘଟଣା ଘଟିଥିଲା। ମାତ୍ର ଏହାର ଭିଡିଓ ଆଜି ସାମ୍ନାକୁ ଆସିଛି। ଏହି ବିମାନରେ ୨୪୨ ହଜ୍ ଯାତ୍ରୀ ବସିଥିଲେ। ବିମାନଟି ଶନିବାର ରାତି ୧୧ଟା୩୦ରେ ଜେଦା ବିମାନବନ୍ଦରରୁ ହଜ୍ ଯାତ୍ରୀଙ୍କୁ ଧରି ଭାରତ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥଇଲା। ଏହା ରବିବାର ସକାଳେ ଲକ୍ଷ୍ନୌରେ ପହଞ୍ଚି ଥିଲା। ରନ୍‌ୱେରେ ଅବତରଣ କରି ବିମାନ ଟ୍ୟାକ୍ସି-ୱେକୁ ଆସୁଥିବାବେଳେ ଏହି ଘଟଣା ଘଟିଥିଲା। ଏହି ସମୟରେ ସବୁ ଯାତ୍ରୀ ବିମାନ ଭିତରେ ଥିଲେ। ପରେ ବିମାନକୁ ଟ୍ୟାକ୍ସି-ୱେକୁ ନିଆଯାଇଥିଲା। ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଇଞ୍ଜିନିୟରିଂ ଟିମ୍ ବିମାନର ତ୍ରୁଟି ସୁଧାରିବାକୁ ଯାଞ୍ଚ କରୁଛନ୍ତି, କିନ୍ତୁ ସୋମବାର ଦ୍ୱିପହର ସୁଦ୍ଧା ଏହାକୁ ଠିକ୍ କରାଯାଇପାରି ନାହିଁ। କାରଣ ବିମାନର ବାମ ଚକ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି।

## ଏୟାର ଇଣ୍ଡିଆର ପିଛା ଛାଡୁନି ଯାନ୍ତ୍ରିକ ତ୍ରୁଟି




■ ହଂକଂ ଫେରିଲା ବିମାନ

■ ରବିବାର ଫେରିଥିଲା ଦୁଇଟି ବିମାନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁ ନାହିଁ। ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ (ଏଆଇ-୩୧୫) ସୋମବାର ଅଧାବାଟରୁ ଫେରି ଯାଇଛି। ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡିଛି। ଏହି ବିମାନଟି ମଧ୍ୟ ବୋଇଂ ୭୮୭-୮ ଡ୍ରିମଲାଇନର ଥିଲା। ଏହା ପୂର୍ବରୁ ରବିବାର ମଧ୍ୟ ସମାନ ଘଟଣା ଘଟିଥିଲା। ବୋଇଂର ଦୁଇଟି ଡ୍ରିମଲାଇନର ବିମାନ ଅଧାରାସ୍ତାରୁ ଫେରି ଯାଇଥିଲା। ଏହା ମଧ୍ୟରୁ ଗୋଟିଏ ଲଣ୍ଡନରୁ ଚେନ୍ନଇ ଏବଂ ଅନ୍ୟଟି ଜର୍ମାନୀର ଫ୍ରାଙ୍କଫ୍ରଟରୁ ହାଇଦରାବାଦ ଆସୁଥିଲା। ଉଭୟେ ସୋମବାର ଅବତରଣ କରିଥାନ୍ତେ।

ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜର ବୋଇଂ ୭୮୭-୮ ଡ୍ରିମଲାଇନରକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫେରିବାକୁ ପଡିଥିଲା। ଲୁଫ୍ଥହଂସା ଏୟାରଲାଇନ୍ସ (ଜର୍ମାନୀ)ର ବୋଇଂ ୭୮୭-୯ ଡ୍ରିମଲାଇନରକୁ ବୋମା ଧମକ ମିଳିଥିଲା। ଏହି କାରଣରୁ ବିମାନକୁ ଅବତରଣ କରିବାକୁ ଅନୁମତି ଦିଆଯାଇ ନ ଥିଲା ଏବଂ ଫେରିବାକୁ ପଡିଲା। ଗତ ୧୨ ତାରିଖରେ ଅହମଦାବାଦରୁ ଉଡ଼ାଣ କରିବାର ଦୁଇ ମିନିଟ୍ ମଧ୍ୟରେ ଏକ ବୋଇଂ ୭୮୭-୮ ଡ୍ରିମଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଯାତ୍ରା କରୁଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଜଣେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ ଲଣ୍ଡନରୁ ଚେନ୍ନାଇ ଆସୁଥିବା ବ୍ରିଟିଶ ଏୟାରୱେଜ୍ ବିମାନ ବିଏ-୩୫ ଡ୍ରିମଲାଇନର୍ ୭୮୭-୮ ଯାନ୍ତ୍ରିକ ତ୍ରୁଟି (ଫ୍ଲାପ୍ ବିଫଳତା) ଯୋଗୁଁ ଡୋଭର ଚାରିପାଖରେ ବୁଲି ପରେ ହିଥ୍ରୋକୁ ଫେରି ଯାଇଥିଲା। ତେବେ ଏହାର ଉଡ଼ାଣ ସମୟ,କେତେ ଯାତ୍ରୀ ଏବଂ କର୍ମଚାରୀଙ୍କ ଥିଲେ, କେତେ ସମୟ ପର୍ଯ୍ୟନ୍ତ ବିମାନ ଆକାଶରେ ଘୂରି ବୁଲିଥିଲା ତାହା କମ୍ପାନୀ ପକ୍ଷରୁ କୁହାଯାଇ ନାହିଁ। ଲାଇଭ୍ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଅନୁଯାୟୀ ଏହି ବିମାନ ରବିବାର ୧୨ଟା୪୦ ରେ ଉଡ଼ାଣ କରି ଭୋର ୩ଟା୩୦ ରେ ଚେନ୍ନାଇରେ ପହଞ୍ଚିବାର ଥିଲା। ବିମାନଟି ଅପରାହ୍ନ ୧ଟା ୧୬ରେ ଉଡ଼ାଣ ଆରମ୍ଭ କରିଥିଲା। ବିମାନବନ୍ଦରକୁ ଫେରିବା ପୂର୍ବରୁ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘୂରି ବୁଲିଥିଲା।

# ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିଲା କିଏ?



■ ପ୍ରଶ୍ନ ଉଠାଇଲା ଏଫ୍ଏଟିଏଫ

■ ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ପହଲଗାମ ଆକ୍ରମଣକୁ ନେଇ ବଡ଼ ଟିପ୍ପଣୀ ଦେଇଛି। ଏପ୍ରିଲ ୨୨ରେ ହୋଇଥିବା ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଆତଙ୍କବାଦକୁ ଦମନ କରିବା ପାଇଁ ଦେଶଗୁଡିକ କି ପଦକ୍ଷେପ ନେଉଛନ୍ତି ତାହାର ଯାଞ୍ଚକୁ ଆହୁରି ଜୋରଦାର କରାଯିବ ବୋଲି ଏଫ୍ଏଟିଏଫ୍ ଘୋଷଣା କରିଛି। ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ସମର୍ଥନ ବିନା ପହଲଗାମ ଭଳି ଆକ୍ରମଣ କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପାଇଁ ପାଣ୍ଠି ଯୋଗାଣ ମଧ୍ୟ କରାଯାଇଛି। ଆତଙ୍କବାଦୀ ଲୋକଙ୍କୁ ମାରୁଛନ୍ତି ଏବଂ ଆହତ କରୁଛନ୍ତି। ଏହା ମାଧ୍ୟମରେ ସାରା ବିଶ୍ୱରେ ଭୟ ସୃଷ୍ଟି କରୁଛନ୍ତି। ପହଲଗାମ ଏବଂ ଅନ୍ୟ ଆତଙ୍କବାଦୀ ଆକ୍ରମଣ ପାଣ୍ଠି ଯୋଗାଣ ବିନା ହୋଇପାରିବ ନାହିଁ। ଏଭଳି ଆକ୍ରମଣ ବନ୍ଧୁକ ଏବଂ ବାରୁଦରେ ହୁଏ ନାହିଁ। ଏହା ପଛରେ ଆର୍ଥିକ ନେଟୱର୍କ ସାମିଲ ରହିଛି। ଆତଙ୍କବାଦୀଙ୍କ ସହାୟକମାନେ ଏଥିପାଇଁ ପାଣ୍ଠି ଦେଇଛନ୍ତି। ପହଲଗାମ ଆକ୍ରମଣର ୫୫ ଦିନ ପରେ ଏଫଏଟିଏଫ୍ ପକ୍ଷରୁ ଏହି ବିବୃତ୍ତି ଦିଆଯାଇଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ସହାୟତା ଦେଉଛି ଏବଂ ବାହାରୁ ପାଣ୍ଠି ଆଣି ସେହି ଅର୍ଥରେ ଅସ୍ତ୍ରଶସ୍ତ୍ର କିଣି ଆତଙ୍କବାଦୀଙ୍କୁ ଯୋଗାଉ ଥିବା ନେଇ ଭାରତ ଅଭିଯୋଗ କରିବା ସମୟରେ ଏଫଏଟିଏଫ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି।

ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ପୁଣିଥରେ ଏଫଏଟିଏଫର ଧୂସର ତାଲିକାରେ ସାମିଲ କରାଯାଇପାରେ। ପହଲଗାମ ଆକ୍ରମଣରେ ଜଣେ ନେପାଳୀଙ୍କ ସମେତ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ଏଫଏଟିଏଉପ ଏସିଆ-ପାସିଫିକ୍ ଗ୍ରୁପ୍ (ଏପିଜି) ବୈଠକ ଅଗଷ୍ଟ ୨୫ ତାରିଖରେ ହେବାକୁ ଯାଉଛି। ଏହା ପରେ ଅକ୍ଟୋବର ୨୦ରେ କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଏକ ଡୋଜିଅର୍ ପ୍ରସ୍ତୁତ କରୁଛି। ଏଥିରେ ପାକିସ୍ତାନ କିପରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛି ଏବଂ ମନି ଲଣ୍ଡରିଂ କରି ଏଫଏଟିଏଫ ନିୟମ ଉଲ୍ଲଙ୍ଘନ କରୁଛି ତାହାର ପ୍ରମାଣ ଦିଆଯିବ। ୨୦୧୮ରେ ପାକିସ୍ତାନକୁ ଏଫଏଟିଏଫର ଧୂସର ତାଲିକାରେ ରଖାଯାଇଥିଲା। ଏହା ପରେ ପାକିସ୍ତାନ ମନି ଲଣ୍ଡରିଂ ଏବଂ ଆତଙ୍କବାଦ ପାଣ୍ଠି ଯୋଗାଣ ରୋକିବା ପାଇଁ ଏକ କାର୍ଯ୍ୟ ଯୋଜନା ଦେଇଥିଲା। ୨୦୨୨ ମସିହାରେ ପାକିସ୍ତାନକୁ ଏହି ତାଲିକାରୁ ବାହାର କରି ଦିଆଯାଇଥିଲା। ସୂତ୍ର ଅନୁସାରେ ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ନିୟମ ପାଳନ ବିଫଳ ହୋଇଥିବା ପାକିସ୍ତାନକୁ ପୁଣିଥରେ ଧୂସର ତାଲିକାରେ ସାମିଲ କରିବା ପାଇଁ ଭାରତ ଦାବି ଉପସ୍ଥାପନ କରିବ।

## ମଡେଲଙ୍କୁ ତଣ୍ଟିକାଟି ହତ୍ୟା; ପ୍ରେମିକ ଗିରଫ



ଚଣ୍ଡିଗଡ଼, ୧୬।୬ (ଏଜେନ୍ସି): ହରିୟାଣା ସୋନିପଥର ଖରଖୌଦା ଅନ୍ତର୍ଗତ ରିଲାଏନ୍ସ କେନାଲରୁ ସୋମବାର ଜଣେ ମଡେଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ତଣ୍ଟି କଟା ଯାଇ କେନାଲକୁ ଫୋପାଡ଼ି ଦିଆଯାଇଛି। ଏହାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି। ହାତ ଏବଂ ଛାତିରେ ଥିବା ଟାଟୁରୁ ତାଙ୍କୁ ଚିହ୍ନଟ କରାଯାଇଛି। ସେ ଲୋକପ୍ରିୟ ମଡେଲ ଶୀତଲ ଓରଫ ସିମି ଚୌଧୁରୀ ବୋଲି ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପାନିପଥ ସ୍ଥିତ ଘରୁ ଆଲ୍‌ବମ୍ ସୁଟିଂ ପାଇଁ ଯାଇ ଆଉ ଫେରି ନ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ତାଙ୍କ ପ୍ରେମିକ ସୁନୀଲକୁ ଗିରଫ କରିଛି। ଆଉ କିଛି ରିପୋର୍ଟରେ ସୁନୀଲଙ୍କୁ ସିମି ବାହା ହୋଇ ସାରିଥିଲେ ବୋଲି କୁହାଯାଇଛି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି ଯେ ସେ ଗତ ୧୪ ତାରିଖରେ ତାଙ୍କୁ ଭିଡିଓ କଲ୍ କରିଥିଲେ। ପ୍ରେମିକ ମାଡ଼ ମାରୁଥିବା କହିଥିଲେ। ସୁନୀଲ ତାଙ୍କୁ ଜୋର ଜବରଦସ୍ତି ନେଇଯିବାକୁ ପ୍ରୟାସ କରୁଛି। ଏହା ପରେ କଲ୍ କଟି ଯାଇଥିଲା। ଏବେ ତାଙ୍କ ମୃତଦେହ ମିଳିଛି। ଏହା ପୂର୍ବରୁ ପାନିପଥର ଦିଲ୍ଲୀ ପାରାଲାଲ କେନାଲ ନିକଟରେ ସୁନୀଲଙ୍କ କାର୍ ଥିବା ଦେଖିବାକୁ ମିଳିଥିଲା। ତେବେ ଶୀତଲ ସେହି କାର୍‌ରେ ନ ଥିଲେ। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୁଲିସ ସୁନୀଲକୁ ଗିରଫ କରିଛି। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ଶୀତଲ ତାଙ୍କ ଭଉଣୀ ନେହାଙ୍କ ସହ ପାନିପତରେ ରହୁଥିଲେ। ଗତ ୧୪ରେ ଆଲବମ୍ ସୁଟିଂ ପାଇଁ ନିଜ ଟିମ୍ ସହ ଅହର ଗାଁକୁ ଯାଇଥିଲେ। ଭିଡିଓ କଲ୍ କଟିଯିବା ପରେ ରାତି ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଏହା ପରେ ଆଉ ତାଙ୍କ ସହ କୌଣସି ପ୍ରକାରର ଯୋଗଯୋଗ ହୋଇ ପାରି ନ ପାରିବାରୁ ଭଉଣୀ ପୁରୁଣା ଶିଳ୍ପାଞ୍ଚଳ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। କେନାଲରୁ ମୃତଦେହ ମିଳିଥିଲା। ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୪ ମହିଳା ମୃତ

ଅମରୋହା, ୧୬।୬ (ଏଜେନ୍ସି):ଉତ୍ତର ପ୍ରଦେଶ ଅମରୋହାର ଅତାରସୀ ଗ୍ରାମର ଜଙ୍ଗଲରେ ଥିବା ଏକ ବାଣ କାରଖାନାରେ ସୋମବାର ଦ୍ୱିପହରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ କାରଖାନାରେ କାମ କରୁଥିବା ୪ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଆଜି ପ୍ରଥମ ଥର ପାଇଁ ଚାକିରିରେ ଯୋଗ ଦେଇଥିଲେ। ୯ ଜଣ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଜଣେ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖାଯାଉଛି। ତାଙ୍କ ମୁହଁ ଏବଂ ଶରୀର ଜଳି ଯାଇଛି।

ସୂଚନା ଅନୁଯାୟୀ ସକାଳେ ୨୫ ମହିଳା ଏବଂ ପୁରୁଷ କାରଖାନାରେ କାମ କରୁଥିଲେ। ଏହି ସମୟରେ ଜଣେ ଶ୍ରମିକଙ୍କ ଶିଶୁ ଝୁରୁଝୁରି ବାଣ ଲଗାଇ ଦେଇଥିଲେ। ଏହା ପରେ ମହଜୁଦ ଥିବା ବାଣ ଏବଂ ବାରୁଦରେ ନିଆଁ ଲାଗି ଯାଇଥିଲା। ୧୫ ମିନିଟ ଯାଏଁ ବିସ୍ଫୋରଣ ହେବାରେ ଲାଗିଥିଲା। ଏହା ଏତେ ଭୟଙ୍କର ଥିଲା ଯେ କାରଖାନାର କୋଠା ଏବଂ ଟିଣ ଆଜବେଷ୍ଟସ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ମହିଳାଙ୍କ ମୃତଦେହ ଏଭଳି ଭାବେ ଜଳି ଯାଇଛି ଯେ ଚିହ୍ନଟ କରିବା କଷ୍ଟସାଧ୍ୟ ହୋଇଯାଇଛି। ମୃତଦେହ ଏଣେତେଣେ ପଡ଼ି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି।

## ନେପାଳ ପଳାଇବାକୁ ଯୋଜନା କରିଥିଲେ ସୋନମ



**ହନିମୁନ୍ ମର୍ଡର**

ସିଲଂ, ୧୬।୬ (ଏଜେନ୍ସି): ମେଘାଳୟରେ ହନିମୁନ୍ ମନାଇବାକୁ ଯାଇ ହତ୍ୟାର ଶିକାର ହୋଇଥିବା ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ମାମଲାରେ ନୂଆ ପ୍ରମାଣ ମିଳିଛି। ପତ୍ନୀ ସୋନମ ଏବଂ ତାଙ୍କର ଶେଷ ଭିଡିଓ ସାମ୍ନାକୁ ଆସିଥିବାବେଳେ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଉଦ୍ଧାର କରାଯାଇଛି। ପୁଲିସ ଏହାର ଫଟୋ ଜାରି କରିଛି। ୫ ଜଣ ଅଭିଯୁକ୍ତ ଷଡ଼ଯନ୍ତ୍ର କରି ରାଜାଙ୍କୁ ହତ୍ୟା କରିଥିଲେ। ବିଶାଲ ଚୌହାନ ପ୍ରଥମେ ରାଜାଙ୍କ ଉପରେ ପ୍ରହାର କରିଥିଲା। କାତିରେ ବାରମ୍ବାର ଆକ୍ରମଣ କରାଯାଇଥିଲା। ଏହି ସମୟରେ ରାଜା ନିଜକୁ ବଞ୍ଚାଇବା ପାଇଁ ମଧ୍ୟ ପ୍ରୟାସ କରିଥିଲେ। ଏହି କାତିକୁ ଅଭିଯୁକ୍ତ ଗୌହାଟୀ ରେଳ ଷ୍ଟେସନରୁ କିଣିଥିଲେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ହତ୍ୟା ପରେ ପତ୍ନୀ ସୋନମ ନେପାଳ ପଳାଇବା ପାଇଁ ଯୋଜନା କରିସାରିଥିଲେ। ଟ୍ରେନ କିମ୍ବା ବସ୍‌ରେ ଯିବାକୁ ଚାହୁଁଥିଲେ। ଟ୍ରେନ୍ ନ ମିଳିବାରୁ ସେ ବସ୍‌ରେ ଉତ୍ତର ପ୍ରଦେଶ ପହଞ୍ଚି ଥିଲେ। ଏଠାରୁ ଗୋରଖପୁର ସୋନୌଲି ଦେଇ ନେପାଳ ଯାଇଥାନ୍ତେ। ଏଥିପାଇଁ ସେ ଗତ ୮ ତାରିଖ ରାତିରେ ବାରାଣସୀରୁ ଗୋରଖପୁର ଯିବାକୁ ଚାହୁଁଥିଲେ। ସୋନମଙ୍କ ସହ ବସ୍‌ରେ ଯାତ୍ରା କରିଥିବା ଗାଜିପୁରର ଉଜାଲା ଯାଦବ କହିଛନ୍ତି ଯେ ସେ ଟ୍ରେନରେ ନ ମିଳିବାରୁ ବସ୍‌ରେ ଚଢ଼ିଥିଲେ। ସୋନମ ବହୁତ ଚିନ୍ତିତ ଥିଲେ। ବାରମ୍ବାର ପ୍ରଶ୍ନ କରି ଚାଲିଥିଲେ। ଗୋରଖପୁର କେତେ ଦୂର? ବସ୍ କେତେ ଘଣ୍ଟା ଅଟକିବ? କେତେ ଘଣ୍ଟା ଲାଗିବ ବୋଲି ପଚାରି ଚାଲିଥିଲେ। ସୋନମ ମଧ୍ୟ ତାଙ୍କୁ ମୋବାଇଲ ମାଗିଥିଲେ। ଗୋଟିଏ ନମ୍ବର ଡାଏଲ କରି ପୁଣି ଡିଲିଟ କରିଦେଇଥିଲେ। ସୀମା ପାର କରିବାରେ ସାହାଯ୍ୟ କରୁଥିବା ଏଜେଣ୍ଟଙ୍କର ଏହି ନମ୍ବର ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏହା ମଧ୍ୟରେ ଆଜି ରାଜାଙ୍କ ତେର କାର୍ଯ୍ୟକ୍ରମ ଚାଲିଛି। ଏଥିରେ କେବଳ ପରିବାର ଲୋକ ଏବଂ ସମ୍ପର୍କୀୟ ସାମିଲ ହୋଇଛନ୍ତି। ସୋନମଙ୍କ ଭାଇ ଗୋବିନ୍ଦା ମଧ୍ୟ ସାମିଲ ହୋଇଛି। ଜେରା ପାଇଁ ତାଙ୍କୁ ସିଲଂ ପୁଲିସ ଡାକିଛି ବୋଲି କହିଛନ୍ତି। ଅନ୍ୟପଟେ ଦେବ ସିଂହ ନାମକ ଫଟୋଗ୍ରାଫର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ରାଜା ଏବଂ ସୋନମଙ୍କୁ ଦେଖିବାକୁ ମିଳୁଛି।

## ଭାଇ ପାଇଁ ଅଲଗା ହେଲେ ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି):ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଓ ଗୋଲ୍ଡୀ ବ୍ରାର ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ପାଇଁ ଦୁଇ ବନ୍ଧୁ ଏବେ ବଇରୀ ପାଲଟି ଯାଇଛନ୍ତି। କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଲରେନ୍ସ ବିଷ୍ଣୋଇ ଓ ବ୍ରାରର କିଛି ସହଯୋଗୀଙ୍କୁ ଜେରା କରିବା ପରେ ପୁଲିସକୁ ଏହି ବିବାଦ ସମ୍ପର୍କରେ ସୂଚନା ମିଳିଛି। ଲରେନ୍ସ ବିଷ୍ଣୋଇ ଏବେ ଅହମଦାବାର ସାବରମତି ଜେଲ୍‌ରେ ଥିବାବେଳେ ବ୍ରାର ପୁଲିସ୍‌ର ମୋଷ୍ଟୱାଣ୍ଟେଡ ତାଲିକାରେ ରହିଛି। ସେ ଆମେରିକାରେ ଲୁଚି ଆପରାଧିକ କାର୍ଯ୍ୟକଳାପରେ ସାମିଲ ରହିଛି। ଲରେନ୍ସ ମଧ୍ୟ ଜେଲ୍‌ରୁ ଅପରାଧ ଘଟାଉଛି। ସୂଚନା ଅନୁଯାୟୀ ଲରେନ୍ସ ବିଷ୍ଣୋଇ ଠାରୁ ଅଲଗା ହେବା ପରେ ବ୍ରାର ଅଜରବୈଜାନ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ସହ ହାତ ମିଳାଇଛି। ସେହିପରି ଲରେନ୍ସ କାନାଡାରୁ ରହି ଅପରାଧ ଘଟାଉଥିବା ନୋନି ରାଣା ଓରଫ ସୂର୍ଯ୍ୟ ପ୍ରତାପ ସହ ଚୁକ୍ତି କରିଛି। ଏହାକୁ ନେଇ ନିକଟରେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଦିଲ୍ଲୀ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ଜାତୀୟ ତଦନ୍ତକାରୀ ଏଜେନ୍ସି ସହ ବୈଠକ କରିଥିଲେ। ଗତବର୍ଷ ନଭେମ୍ବରରେ କାଲିଫର୍ଣ୍ଣିଆରେ ଅନମୋଲକୁ ଗିରଫ କରାଯିବା ପରେ ଦୁଇ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଅନମୋଲ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବାବେଳେ ଧରା ପଡ଼ିଥିଲା।

ଅନମୋଲ ନାଁରେ ଅନେକ ହତ୍ୟା ମାମଲା ରହିଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟା କାଣ୍ଡରେ ମଧ୍ୟ ସେ ସାମିଲ ଥିଲା। ଗିରଫ ହେବା ପରେ ତା'କୁ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ଯୋଜନା ମୁତାବକ କାମ ହେବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଯାନବାହନ ଚଳାଚଳ ସମୟରେ ସତର୍କ ରୁହନ୍ତୁ ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଐତିହ୍ୟ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ ।
- ୧୮୫୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା ।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୯୪- ସିକୋଗୋରେ ଫିଫା ବିଶ୍ୱକପ୍ ଫୁଟବଲ୍‌ର ଆରମ୍ଭ ।

## ଇନଷ୍ଟାଗ୍ରାମ୍ ଅନୁଗାମୀଙ୍କ ସଂଖ୍ୟା କମିବାରୁ...

ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତେ ସକ୍ରିୟ । ଆଜିକାଲି ଛୋଟ ପିଲା, ଯୁବପିଢ଼ି, ବୟସ୍କ, ପୁରୁଷ, ମହିଳା ସମସ୍ତେ ରିଲ୍‌ସ କରୁଛନ୍ତି । ତେବେ ଏ ରିଲ୍‌ସ କେବଳ ଲୋକଙ୍କୁ ଚର୍ଚ୍ଚିତ କରୁ ନାହିଁ, ବରଂ ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ଦେଖାଯାଇଛି । ଉତ୍ତର ପ୍ରଦେଶ ହାପୁରରେ ରିଲ୍‌ସକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି । ଏଠାରେ ରିଲ୍‌ସ ପାଇଁ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି । ତେବେ ସମ୍ପୃକ୍ତ ମହିଳାଙ୍କ ଇନଷ୍ଟାଗ୍ରାମ୍‌ରେ ଅନୁଗାମୀଙ୍କ ସଂଖ୍ୟା କମିବାରୁ ସେ ଥାନାରେ ପହଞ୍ଚିଛନ୍ତି । ଘରେ ବାସନ ମାଜିବାରୁ ତାଙ୍କର ଦୁଇ ଜଣ ଅନୁଗାମୀ କମିଯାଇଥିବା ସେ କହିଛନ୍ତି । ଏହି ଘଟଣାରେ ରାଗିକି ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ମହିଳାଙ୍କର ଇନଷ୍ଟାଗ୍ରାମ୍‌ରେ ୬୩୫ ଜଣ ଅନୁଗାମୀ ଅଛନ୍ତି । ସେ ବହୁତ ପରିଶ୍ରମ କରି ରିଲ୍‌ସଗୁଡ଼ିକ ତିଆରି କରୁଥିବା




କହିଛନ୍ତି । ହେଲେ ଘରେ ବାସନ ମାଜି ମାଜି ତାଙ୍କର ଦୁଇ ଜଣ ଅନୁଗାମୀ କମି ଯାଇଥିବା କଥା ସେ କହିଛନ୍ତି । ଯାହାକି ତାଙ୍କୁ ଭଲ ଲାଗିଲା ନାହିଁ । ସେହିପରି ମହିଳାଙ୍କ ସ୍ୱାମୀ କହିଛନ୍ତି, ଯେମିତି ତାଙ୍କ ଫଲୋର୍ସଙ୍କ ସଂଖ୍ୟା କମ୍ ହୁଏ, ସେ ଖାଇବାକୁ ଦେଇ ନ ଥାନ୍ତି । କେବଳ ସେତିକି ନୁହେଁ, ନୀଳ ଡ୍ରମରେ ଭୂତ ଭିଡିଓ କରି ଭୟଭୀତ କରାନ୍ତି । ମହିଳା ଜଣକ ପୂର୍ବରୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ମିଥ୍ୟା ଅଭିଯୋଗ ଆଣିଥିବା ତାଙ୍କ ସ୍ୱାମୀ କହିଛନ୍ତି । ଅନ୍ୟପଟେ ଏହି ମାମଲାକୁ ନେଇ ଥାନାଧିକାରୀ ଦୁଇଜଣଙ୍କୁ ୪ ଘଣ୍ଟା ପର୍ଯ୍ୟନ୍ତ କାଉନସିଲିଂ କରିଥିଲେ । ଏହା ପରେ ଦୁଇଜଣଙ୍କ ମଧ୍ୟରେ ବୁଝାମଣା ହୋଇଥିଲା । ତେବେ ମହିଳା ଜଣଙ୍କର ରିଲ୍‌ସ କରି ଫଲୋର୍ସ ବୃଦ୍ଧି କରିବା ହେଉଛି ଏକ ନିଶା । ସେହିପରି ବୁଝାମଣା ସମୟରେ ସେ ଦିନକୁ ଦୁଇଟି ରିଲ୍‌ସ କରିବା କଥା କହିଥିଲେ । ଏହି କଥାରେ ସ୍ୱାମୀ ସହମତି ପ୍ରକାଶ କରିବାରୁ ଆପୋଷ ବୁଝାମଣା ହୋଇଥିଲା ।

## ଦୀପିକାଙ୍କ ପରେ ଅଲ୍ଲୁ



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ସ୍ପିରିଟ୍'ରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଏବେ ସନ୍ଦୀପ ତାଙ୍କର ଅନ୍ୟ ଏକ ଚଳଚ୍ଚିତ୍ରରୁ ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କୁ ବାଦ୍ ଦେଇଥିବା ଜଣାପଡ଼ିଛି । ଏବେ ଅଲ୍ଲୁଙ୍କ ସ୍ଥାନ ନେବେ ଜୁନିୟର ଏନ୍‌ଟିଆର୍ । ତେବେ ଏନେଇ ଅଲ୍ଲୁ କି ସନ୍ଦୀପ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । କିଛି ଦିନ ପୂର୍ବରୁ ସନ୍ଦୀପ ପ୍ରଭାସଙ୍କ ମେଗା ବଜେଟ୍ ଫିଲ୍ମ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦେଇଥିଲେ । ତେବେ ଦୀପିକା ସେଟ୍‌ରେ ଆଠ ଘଣ୍ଟା କାମ କରିବା ସହ ଅଧିକ ପାରିଶ୍ରମିକ ଓ ଫିଲ୍ମର ଲାଭରୁ ସେୟାର୍ ମାଗିବାରୁ ତାଙ୍କୁ ସନ୍ଦୀପ ବାଦ୍ ଦେଇଥିବା ଚର୍ଚ୍ଚା ହେଉଛି । ଅପରପକ୍ଷରେ ସନ୍ଦୀପ ଦୀପିକାଙ୍କ ନାମ ନ ନେଇ ତାଙ୍କ କାହାଣୀ ଲିକ୍ କରି ଦେଇଥିବା ଟ୍ୱିଟର୍‌ରେ ଅଭିଯୋଗ ଆଣିଥିଲେ । ତେବେ ଏହି ବିବାଦ ସମୟରେ ଅଲ୍ଲୁ ଓ ଦୀପିକାଙ୍କ ଆଗାମୀ ଫିଲ୍ମର ଟିଜର୍ ଆସିଥିଲା । ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଏହି ଦୁଇ ତାରକାଙ୍କୁ ଦେଖିବାକୁ ମିଳିବ । ଏହାର ସୁଟିଂ ଚଳିତବର୍ଷ ହେବ । ତେବେ ସନ୍ଦୀପ ତାଙ୍କ ଫିଲ୍ମରୁ ଅଲ୍ଲୁଙ୍କୁ କାହିଁକି ବାଦ୍ ଦେଲେ ସେସମ୍ପର୍କରେ ସ୍ପଷ୍ଟ କିଛି ଜଣାପଡ଼ିନାହିଁ ।

## ଗାଁ'ର ଘରେ ଘରେ ଇଞ୍ଜିନିୟର



ପାଠପଢ଼ା ପରେ ଜୀବନରେ ସମସ୍ତେ କିଛି ନା କିଛି କରିବାକୁ ଲକ୍ଷ୍ୟ ରଖିଥାନ୍ତି । କିଏ ଡାକ୍ତର ତ ଆଉ କିଏ ଇଞ୍ଜିନିୟର ହେବାକୁ ପ୍ରସ୍ତୁତି କରିଥାନ୍ତି । ଏହି କ୍ରମରେ ଭାରତରେ ଏମିତି ଏକ ଗାଁ ରହିଛି ଯେଉଁଠି ଘରେ ଘରେ ଇଞ୍ଜିନିୟର । ଏଥିପାଇଁ ଏହି ଗାଁ'ଟି 'ଇଞ୍ଜିନିୟରଙ୍କ ଗାଁ' ଭାବେ ଜଣାଯାଏ । ତାମିଲନାଡୁର ପୋଚାକ୍କୁଡି ଗାଁ'ଟି ଏକ ସ୍ୱତନ୍ତ୍ର ପେସା ପାଇଁ ଚର୍ଚ୍ଚାରେ ରହିଛି । ଗାଁ' ରେ ୮୦୦ ବାସିନ୍ଦା ଅଛନ୍ତି । ତନ୍ମଧ୍ୟରୁ ୨୦୦ରୁ ଅଧିକ ଜଣ ଇଞ୍ଜିନିୟର ଅଛନ୍ତି । ଗାଁ'ର ଏହି ଯାତ୍ରା ଆରମ୍ଭ ହୋଇଥିଲା ଅଶୀ ଦଶକରେ । ସେତେବେଳେ ଜଣେ ସ୍କୁଲ ଶିକ୍ଷକ ଏହି ଗାଁ'ର ପିଲାମାନେ କିପରି ଉଚ୍ଚ ଶିକ୍ଷା ଗ୍ରହଣ କରି ସହରରେ ଚାକିରି କରିବେ, ଅଫିସର ହେବେ ସେ ନେଇ ସ୍ୱପ୍ନ ଦେଖିଥିଲେ । ଶିକ୍ଷକଙ୍କ ସ୍ୱପ୍ନ ପୂରା କରିବାକୁ ଗାଁ'ଯାକ ଲୋକେ ଚାଷକାମରେ ନିୟୋଜିତ ରହିଥିଲେ । ଚାଷକାର୍ଯ୍ୟରୁ ଯାହା ରୋଜଗାର ହୋଇଥିଲା ସେଥିରେ ସେ ପିଲାମାନଙ୍କୁ ପାଠ ପଢ଼ାଇଥିଲେ । ପିଲାମାନେ ମଧ୍ୟ ସାଇକଲ ଜରିଆରେ ବହୁ ଦୂର ଦୂରାନ୍ତକୁ ଯାଇ ସ୍କୁଲ କଲେଜରେ ପାଠ ପଢ଼ିଥିଲେ । ଧୀରେ ଧୀରେ ଗାଁ'ର ପିଲାମାନେ ଇଞ୍ଜିନିୟର ହେବାକୁ ଲାଗିଲେ । ବଡ଼ ହୋଇ ଇଞ୍ଜିନିୟର ହେବା ଏହି ଗାଁର ପିଲାମାନଙ୍କ ପାଇଁ ସତେ ଯେମିତି ଏକ ପରମ୍ପରା ପାଲଟିଗଲା । ତେଣୁ ପରବର୍ତ୍ତୀ ସମୟରେ ଏହି ଗାଁ'ର ପିଲାମାନଙ୍କୁ ସିଧାସଳଖ ସେ କେଉଁ ବ୍ରାଞ୍ଚ ନେଇ ଇଞ୍ଜିନିୟରିଂ ପଢ଼ିବେ ବୋଲି ପଚରାଗଲା । ଏହି ଗାଁ'ର କେବଳ ପୁରୁଷମାନେ ଯେ ଇଞ୍ଜିନିୟର ହୋଇଛନ୍ତି ତାହା ନୁହେଁ, ବରଂ ଝିଅମାନେ ମଧ୍ୟ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ କିମ୍ବା ସିଭିଲ ଇଞ୍ଜିନିୟରିଂରେ ବେଶ୍ ନାଁ କମାଇଛନ୍ତି । ବିଶେଷ କଥା ହେଉଛି, ଏହି ଗାଁ'ର ଏକ ନିଜସ୍ୱ କୋଚିଂ ସେଣ୍ଟର, ଇଣ୍ଟରନେଟ୍ ଲ୍ୟାବ୍ ଆଦି ରହିଛି । ଏଠାରେ ପିଲାମାନେ ଭବିଷ୍ୟତରେ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖନ୍ତି ।

## ସୁବର୍ଣ୍ଣା

## ଧାଡ଼ିରେ ବିହନ ବୁଣିବ ଡ୍ରମ୍ ସିଡର୍



ଅଧିକାଂଶ ଚାଷୀ ଧାନ ଚାଷକୁ ମୁଖ୍ୟ ଫସଲ ଭାବେ ଚାଷ କରନ୍ତି । ତେବେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ କରାଯାଉଥିବାରୁ ନର୍ସରୀ ପ୍ରସ୍ତୁତ କରିବାଠୁ ନେଇ ତଳି ରୁଆ ଆଦି କାମରେ ଅଧିକ ଶ୍ରମ ଓ ସମୟ ଲାଗିଥାଏ । ଏଥିପାଇଁ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି । ତେଣୁ ବର୍ତ୍ତମାନ ଚାଷୀମାନେ ଆଧୁନିକ କୃଷି ଯନ୍ତ୍ରପାତି ଉପଯୋଗ କରି ଏହି ସମସ୍ୟାକୁ ଦୂର କରିପାରୁଛନ୍ତି । ଏମିତି ଏକ କୃଷି ଉପକରଣ ହେଉଛି ଡ୍ରମ୍ ସିଡର୍ । ଚାଷୀଙ୍କ କାମକୁ ସହଜ କରିପାରୁଥିବା ଏହି ଯନ୍ତ୍ରପାତିଟି ଆୟ ବୃଦ୍ଧିରେ ସହାୟକ ହୋଇଥାଏ । ଧାନ ବିହନକୁ ସିଧା ବୁଣିବା ପାଇଁ ଏହି ଯନ୍ତ୍ରଟି ଅଧିକ ଲାଭପ୍ରଦ । ଡ୍ରମ୍ ସିଡର୍ ମନୁଷ୍ୟ ଚାଳିତ ଏକ ଯନ୍ତ୍ରପାତି । ଏହା ମାଧ୍ୟମରେ ଗଜା ଧାନକୁ ସିଧା ବୁଣାଯାଇଥାଏ । ତେଣୁ ଯେଉଁ ଅଞ୍ଚଳରେ ବର୍ଷା ହେଉଛି, ସେହି ସ୍ଥାନରେ ଚାଷୀମାନେ ଡ୍ରମ୍ ସିଡର ସାହାଯ୍ୟରେ ସହଜରେ ଧାନ ବୁଣାବୁଣି କାମ କରିପାରିବେ । ଏହି ଯନ୍ତ୍ରରେ ବୁଣାବୁଣି କାମ ସାରିବା ଦ୍ୱାରା ରୁଆରେ ହେଉଥିବା ଅତିରିକ୍ତ ଖର୍ଚ୍ଚରୁ ଆଶ୍ୱସ୍ତି ମିଳିଥାଏ । ଡ୍ରମ୍ ସିଡର୍ ୬ଟି ଶକ୍ତ ପ୍ଲାଷ୍ଟିକ୍ ଡବାରୁ ନିର୍ମିତ ଏକ ଉପଯୋଗୀ କୃଷି ଯନ୍ତ୍ର । ଏହାର ଲମ୍ବ ୨୫ ସେମି ଏବଂ ଚଉଡ଼ା ୧୮ ସେମି । ପ୍ରତ୍ୟେକ ଡବାରେ ପାଖାପାଖି ଦେଢ଼ରୁ ଦୁଇ କିଲୋ ଧାନ ବିହନ ଭରା ଯାଇପାରିବ । ଏହି ଯନ୍ତ୍ରର ମୋଟ୍ ଓଜନ ହେଉଛି ଛଅ କିଲୋ । ଏଥିରେ ଏକାଥରକରେ ୬ରୁ ୧୨ ଧାଡ଼ିରେ ଧାନ ବୁଣାଯାଇପାରିବ । ଏହି ଯନ୍ତ୍ର ସହାୟତାରେ ଦିନରେ ପାଖାପାଖି ୨.୫ ଏକର ବୁଣା କାମ ହୋଇଥାଏ । ଏଥିପାଇଁ ପ୍ରଥମେ ଧାନ ବିହନକୁ ୧୨ ଘଣ୍ଟା ପାଇଁ ପାଣିରେ ଭିଜାଇ ପରେ ଏହାକୁ ଝୋଟ ଅଖାରେ ୨୪ ଘଣ୍ଟା ଢାଙ୍କି ରଖାଯାଏ । ଏହା ଦ୍ୱାରା ଭଲ ଗଜା ହୋଇଥାଏ । ମେସିନ୍‌ରେ ବିହନ ପକାଇବା ପୂର୍ବରୁ ଏହାକୁ ଅଧଘଣ୍ଟା ଶୁଖାଇବା ଆବଶ୍ୟକ । ବଜାରରେ ବିଭିନ୍ନ କମ୍ପାନୀର ଡ୍ରମ୍ ସିଡର୍ ଉପଲବ୍ଧ ରହିଛି । ଏହି ମେସିନ୍ ଉପରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ରିହାତି ଦିଆଯାଉଛି ।

## ଧାନ ବିହନ ଚୟନ ଓ ବିଶୋଧନ


ବର୍ତ୍ତମାନ ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ବର୍ଷା ଜଳକୁ ବିନିଯୋଗ କରି ଚାଷୀମାନେ ଖରିଫ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି । ତେଣୁ ଧାନରେ ଖରୁଡ଼ି ବୁଣାକାର୍ଯ୍ୟ ଶେଷ କରିବାକୁ ଏହା ଉପଯୁକ୍ତ ସମୟ । ଏଥିପାଇଁ ଚାଷୀମାନେ ଜମିର କିସମ ଅନୁସାରେ ଧାନ ବିହନ କିସମ ଚୟନ କରିବା ଉଚିତ । ଅଧିକ ଅମଳକ୍ଷମ/ ସଙ୍କର କିସମ ଧାନ ବିହନ ନିର୍ଭରଯୋଗ୍ୟ ସଂସ୍ଥାଠାରୁ ସଂଗ୍ରହ କରିବା ଜରୁରି । ସେହିପରି ଧାନ ବିହନ ୧୦୦ଟି ଗଣି ଗଜା କରି ଚାଷ କରିବା ଆବଶ୍ୟକ । ଏଥିପାଇଁ ଚାଷୀମାନେ ୫ମ, ଷଷ୍ଠ ଓ ୭ମ ଦିନ ଗଜାଧାନ ଗଣି ୮୫%ରୁ ଅଧିକ ଅଙ୍କୁରୋଦଗମକ୍ଷମ ବିହନକୁ ଚୟନ କରନ୍ତୁ । ଧାନ ଖରୁଡ଼ି ବୁଣା/ ବତୁରୁ ବୁଣା/ ଧାନ ତଳି ପାଇଁ ଧାନକୁ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ରୋଗପୋକରୁ ଫସଲକୁ ସୁରକ୍ଷା ମିଳିଥାଏ । ତେଣୁ ବିହନକୁ ଖରାରେ ଶୁଖାଇ ଭୌତିକ ଭାବରେ ବିହନ ବିଶୋଧନ କରିପାରିବେ । ବିହନ ବିଶୋଧନ ଜୈବିକ ବା ରାସାୟନିକ ଉପାୟରେ କରାଯାଇଥାଏ । ପ୍ରାକୃତିକ କୃଷି କରୁଥିଲେ ବିହନକୁ ବୀଜାମୃତ, ଜୈବିକ ଉପାୟରେ ଜୈବ ଫିମ୍ପିନାଶକ ଟ୍ରାଇକୋଗାମାଭିରିଡି ୫ଗ୍ରାମ/ପ୍ରତି କିଗ୍ରା ବିହନରେ ମିଶାଇ ବିଶୋଧନ କରାଯାଇଥାଏ । ରାସାୟନିକ ଉପାୟରେ କ୍ୟାପଟାନ ବା ଥିରମ, କାର୍ବେଣ୍ଡାଜିମ୍ ଆଦି ଅନୁମୋଦିତ ପରିମାଣରେ ପ୍ରୟୋଗ କରି ବିହନ ବିଶୋଧନ କରାଯାଇପାରେ ।



## ସଫଳ ଚାଷୀ

## ଆପ୍‌ରୁ ଫସଲର ଦେଖାରଖା

**ସମ୍ପ୍ରତି ଜମି ପ୍ରସ୍ତୁତିଠୁ ନେଇ ବିହନ ବୁଣିବା, କୀଟନାଶକ ସିଞ୍ଚନ, ଫସଲ କଟା, ରୋଗପୋକ ଚିହ୍ନଟ ସହ ଔଷଧ ସିଞ୍ଚନ ଆଦି ସ୍ମାର୍ଟ ତରିକାରେ ହୋଇପାରୁଛି । ଏହା ଦ୍ୱାରା କେବଳ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ହେଉଛି ତାହା ନୁହେଁ, ଅଧିକ ଉତ୍ପାଦନ ହୋଇପାରୁଛି । ତେବେ ସ୍ମାର୍ଟ ତରିକା ଆପଣାଇ ଚାଷରୁ ଲାଭ ପାଉଥିବା ଜଣେ ଚାଷୀ ହେଉଛନ୍ତି ମହାରାଷ୍ଟ୍ର, ଅମରାବତୀ ଜିଲ୍ଲାର ଖରପୀ ଗାଁ'ର ଗୌରବ ବିଜୱେ ।**



ଗୌରବ ୧,୨୦୦ରୁ ଊର୍ଦ୍ଧ୍ୱ କମଳା ଗଛକୁ ନେଇ ବଗିଚାଟେ କରିଛନ୍ତି । ଏହି ବଗିଚାକୁ ସ୍ମାର୍ଟ ଫାର୍ମର ପରିଣତ କରିବାକୁ ବିଜୟ ମହାଭିସ୍ତାରା-ଏଆଇ ଏବଂ ସୌରଚାଳିତ ସେନ୍ସର ଉପଯୋଗ କରିଛନ୍ତି । ଜମିରେ ଲଗାଇଥିବା ସୌରଚାଳିତ ସେନ୍‌ସର ମାଟିର ଆର୍ଦ୍ରତା, ତାପମାତ୍ରା, ପୋଷକତତ୍ତ୍ୱ ସୂଚନା ବିଷୟରେ ସାଟେଲାଇଟ୍ ଜରିଆରେ ସିଧା ମୋବାଇଲ୍ ଆପ୍‌କୁ ପଠାଇଥାଏ । ଯାହା ଫଳରେ ଗୌରବ ପ୍ରତିଦିନ ସକାଳୁ ମୋବାଇଲ୍ ସାହାଯ୍ୟରେ ତାଙ୍କ ବଗିଚାରେ ଥିବା କମଳା ଗଛକୁ ପାଣି, ଖତ କିମ୍ବା କୀଟନାଶକ ଆବଶ୍ୟକ କି ନାହିଁ ତାହାର ସୂଚନା



ପାଇପାରୁଛନ୍ତି । ସ୍ମାର୍ଟ ପ୍ରଣାଳୀ ପାଇଁ ସେ ପାଖାପାଖି ୬୦,୦୦୦ଟଙ୍କା ନିବେଶ କରିଛନ୍ତି । ଏହା ଯୋଗୁଁ ଜଳ ଅପଚୟ୫୦% ହ୍ରାସ ହୋଇଥିବାବେଳେ କୀଟନାଶକ ଖୁବ୍ କମ୍ ଉପଯୋଗ ହେଉଛି । ତେଣୁ ସ୍ମାର୍ଟ ତରିକାରେ ଚାଷ କରିବା ଦ୍ୱାରା ବର୍ତ୍ତମାନ ପ୍ରତି ଗଛରୁ ୧,୦୦୦ରୁ ୧,୫୦୦ କମଳା ଫଳ ଅମଳ ହେଉଛି । ମୋବାଇଲ୍ ଆପ୍ ସାହାଯ୍ୟରେ ଫସଲର ଦେଖାରଖା ସହଜ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଗୌରବଙ୍କ ପରି ସ୍ମାର୍ଟ ଚାଷ କରିବାକୁ ଆଗଭର ହୋଇଛନ୍ତି । କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ମଧ୍ୟ ଗୌରବଙ୍କ ଚାଷକୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି । ଅଧୁନା ଅଧିକାଂଶ ଯୁବକ ଚାକିରି ଅନ୍ୱେଷଣରେ ବିଦେଶକୁ ଯାଉଥିବାବେଳେ ଗୌରବ ଗାଁ'ରେ ରହି ଚାଷ କାର୍ଯ୍ୟରେ ଭାଗ୍ୟ ବଦଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ


- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି ।
- କାଳବୈଶାଖୀ ବର୍ଷା ହେତୁ ଲତା ଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ରଞ୍ଜା ମଜବୁତ କରି ଦିଅନ୍ତୁ ।
- ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ ।
- ଭେଣ୍ଡି ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୭୦ କିଗ୍ରା ଡିଏପି ୧୧ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସହିତ ୧୨ କିଗ୍ରା ୟୁରିଆ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ିକୁ ୪୫ ସେମି ଏବଂ ଗଛକୁ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ ।
- ଗାଈଗୋରୁମାନଙ୍କୁ ସଫା ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ଘାସ ଚରିବା ପାଇଁ ପଶୁମାନଙ୍କୁ ଶୃଙ୍ଖଳା ପାଗରେ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡ଼ନ୍ତୁ ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୫ରେ

ଦୁବାଇ,୧୬।୬ (ଏଜେନ୍ସି):

ଭାରତ ଓ ଶ୍ରୀଲଙ୍କା କଲମ୍ବୋଠାରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ କିଏ କାହା ସହ ଖେଳିବ ସେ ସମ୍ପର୍କରେ କାର୍ଯ୍ୟସୂଚୀ ଆଜି ଘୋଷଣା କରାଯାଇଛି। ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଭାରତର ୨ଟି ହାଇଲେଭଲ ମୁକାବିଲା ମଧ୍ୟରୁ ପାକିସ୍ତାନ ସହ ମୁକାବିଲା ଶ୍ରୀଲଙ୍କାର କଲମ୍ବୋଠାରେ ଅକ୍ଟୋବର ୫ରେ ଓ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଲଢ଼େଇ ଭାଇଜାଗ୍‌ରେ ଅକ୍ଟୋବର ୧୨ରେ ଖେଳାଯିବ। ବେଙ୍ଗାଲୁରୁରେ ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥିରେ ଭାରତ ସହ ଶ୍ରୀଲଙ୍କା ଖେଳିବ। ଅକ୍ଟୋବର ୧ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଟି-୨୦ ଚାମ୍ପିଅନ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ନଂ-୧ ଟିମ୍ ସହ ନଂ-୪ ଓ ନଂ-୨ ଟିମ୍ ସହ ନଂ-୩ ଟିମ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଅକ୍ଟୋବର ୨୯ ଓ ୩୦ରେ ଖେଳାଯିବ। ପ୍ରଥମ ସେମିଫାଇନାଲ ଖେଳିବାକୁ ପାକିସ୍ତାନ ଯୋଗ୍ୟତା ଅର୍ଜନ କଲେ ସେହି ମ୍ୟାଚଟି ଶ୍ରୀଲଙ୍କାର କଲମ୍ବୋରେ ଏବଂ ପାକିସ୍ତାନ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ତାହା ମଧ୍ୟ କଲମ୍ବୋରେ ଖେଳାଯିବ।




### ବେଙ୍ଗାଲୁରୁରେ ଉଦ୍‌ଘାଟନୀ ମୁକାବିଲା

ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲା ବେଙ୍ଗାଲୁରୁରେ ଖେଳାଯିବ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ପରେ ଭାରତର ପରବର୍ତ୍ତୀ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଅକ୍ଟୋବର ୫ରେ ଖେଳାଯିବ। ଭାରତ ତାହାର ଅନ୍ୟ ମ୍ୟାଚ ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୯ରେ, ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୨ରେ, ଇଂଲଣ୍ଡ ସହ ଅକ୍ଟୋବର ୧୯ରେ, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୨୩ରେ ଓ ବାଂଲାଦେଶ ସହ ଶେଷ ଲିଗ୍ ମ୍ୟାଚ୍ ଅକ୍ଟୋବର ୨୬ରେ ଖେଳିବ। ପାକିସ୍ତାନ ସହ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ଭାରତ ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳିବ।

### କଲମ୍ବୋରେ ଖେଳାଯିବ ୧୧ ମ୍ୟାଚ୍

ଏସୀୟ କ୍ରିକେଟ କାଉନ୍ସିଲ ଦ୍ୱାରା ବୁଝାମଣା ଅନୁଯାୟୀ ଭାରତ ଓ ପାକିସ୍ତାନ ଆୟୋଜନ କରୁଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦେଶ ଅନ୍ୟ ଦେଶରେ ଖେଳିବ ନାହିଁ। ଏହା ଫଳରେ ଆଇସିସି ମହିଳା ବିଶ୍ୱକପ୍ ଭାରତ ଆୟୋଜନ କରୁଥିବାରୁ ପାକିସ୍ତାନ ଭାରତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏଣୁ ନିରପେକ୍ଷ ଭେନ୍ୟୁ ଭାବେ ଶ୍ରୀଲଙ୍କାର କଲମ୍ବୋକୁ ଚିହ୍ନଟ କରାଯାଇଛି। ଏଠାରେ ପାକିସ୍ତାନ ତାହାର ସମସ୍ତ ୭ଟି ଯାକ ଲିଗ୍ ମ୍ୟାଚ୍ ଖେଳିବ। ଏହା ଛଡ଼ା ଶ୍ରୀଲଙ୍କାର ୪ଟି ଲିଗ୍ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡ଼ିକ ଭାରତୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଶ୍ରୀଲଙ୍କା ଏଠାରେ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୪, ନ୍ୟୁଜିଲାଣ୍ଡ ସହ ଅକ୍ଟୋବର ୧୪, ଦକ୍ଷିଣ ଆଫ୍ରିକା ସହ ଅକ୍ଟୋବର ୧୭ ଓ ବାଂଲାଦେଶ ସହ ଅକ୍ଟୋବର ୨୦ରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ କଲମ୍ବୋରେ ଦଳ ଦୁଇଟିଯାକ ମ୍ୟାଚ୍ ଖେଳିବ। ନଚେତ ଏହା ବେଙ୍ଗାଲୁରୁରେ ଖେଳାଯିବ।

### ଦିନିକିଆ ମହିଳା ବିଶ୍ୱକପ୍ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୩୦।୯ | ଭାରତ-ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧।୧୦ | ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ | ଇନ୍ଦୋର |
| ୨।୧୦ | ପାକିସ୍ତାନ-ବାଂଲାଦେଶ | କଲମ୍ବୋ |
| ୩।୧୦ | ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ବେଙ୍ଗାଲୁରୁ |
| ୪।୧୦ | ଶ୍ରୀଲଙ୍କା-ଅଷ୍ଟ୍ରେଲିଆ | କଲମ୍ବୋ |
| ୫।୧୦ | ଭାରତ-ପାକିସ୍ତାନ | କଲମ୍ବୋ |
| ୬।୧୦ | ନ୍ୟୁଜିଲାଣ୍ଡ-ଦକ୍ଷିଣ ଆଫ୍ରିକା | ଇନ୍ଦୋର |
| ୭।୧୦ | ଇଂଲଣ୍ଡ-ବାଂଲାଦେଶ | ଗୌହାଟୀ |
| ୮।୧୦ | ପାକିସ୍ତାନ-ଅଷ୍ଟ୍ରେଲିଆ | କଲମ୍ବୋ |
| ୯।୧୦ | ଭାରତ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୦।୧୦ | ନ୍ୟୁଜିଲାଣ୍ଡ-ବାଂଲାଦେଶ | ଭାଇଜାଗ୍ |
| ୧୧।୧୦ | ଇଂଲଣ୍ଡ-ଶ୍ରୀଲଙ୍କା | ଗୌହାଟୀ |
| ୧୨।୧୦ | ଭାରତ-ଅଷ୍ଟ୍ରେଲିଆ | ଭାଇଜାଗ୍ |
| ୧୩।୧୦ | ବାଂଲାଦେଶ-ଦକ୍ଷିଣ ଆଫ୍ରିକା | ଭାଇଜାଗ୍ |
| ୧୪।୧୦ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୫।୧୦ | ପାକିସ୍ତାନ-ଇଂଲଣ୍ଡ | କଲମ୍ବୋ |
| ୧୬।୧୦ | ଅଷ୍ଟ୍ରେଲିଆ-ବାଂଲାଦେଶ | ଭାଇଜାଗ୍ |
| ୧୭।୧୦ | ଶ୍ରୀଲଙ୍କା-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୧୮।୧୦ | ପାକିସ୍ତାନ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୧୯।୧୦ | ଭାରତ-ଇଂଲଣ୍ଡ | ଇନ୍ଦୋର |
| ୨୦।୧୦ | ଶ୍ରୀଲଙ୍କା-ବାଂଲାଦେଶ | କଲମ୍ବୋ |
| ୨୧।୧୦ | ପାକିସ୍ତାନ-ଦକ୍ଷିଣ ଆଫ୍ରିକା | କଲମ୍ବୋ |
| ୨୨।୧୦ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ଇନ୍ଦୋର |
| ୨୩।୧୦ | ଭାରତ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୪।୧୦ | ପାକିସ୍ତାନ-ଶ୍ରୀଲଙ୍କା | କଲମ୍ବୋ |
| ୨୫।୧୦ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ଇନ୍ଦୋର |
| ୨୬।୧୦ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଗୌହାଟୀ |
| ୨୬।୧୦ | ଭାରତ-ବାଂଲାଦେଶ | ବେଙ୍ଗାଲୁରୁ |
| ୨୯।୧୦ | ପ୍ରଥମ ସେମିଫାଇନାଲ | ଗୌହାଟୀ/କଲମ୍ବୋ |
| ୩୦।୧୦ | ଦ୍ୱିତୀୟ ସେମିଫାଇନାଲ | ବେଙ୍ଗାଲୁରୁ |
| ୨।୧୧ | ଫାଇନାଲ | କଲମ୍ବୋ/ବେଙ୍ଗାଲୁରୁ |

### ଏଏଫ୍‌ସି ମହିଳା ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତୀୟ ଦଳରେ ପ୍ୟାରୀ, ମନୀଷା

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆଗାମୀ ଏଏଫ୍‌ସି ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ସୋମବାର ୨୪ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ମୁଖ୍ୟ ପ୍ରଶିକ୍ଷକ କ୍ରିସ୍‌ପନ୍ ଛେତ୍ରୀ ଘୋଷଣା କରିଥିବା ଦଳରେ ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ ଖେଳାଳି ରହିଛନ୍ତି। ସେମାନେ ହେଲେ ଦୁଇ ଅଭିଜ୍ଞ ଫରୱାର୍ଡ ପ୍ୟାରୀ ଖାଖା ଓ ମନୀଷା ନାୟକ। ମହିଳା ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଭାରତ ବ୍ୟତୀତ ଆୟୋଜକ ଥାଇଲାଣ୍ଡ, ଇରାକ, ମଙ୍ଗୋଲିଆ ଓ ତିମୋର ଲିଷ୍ଟ ରହିଛି। ଭାରତ ଜୁନ ୨୩ରେ ମଙ୍ଗୋଲିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ତିମୋର ଲିଷ୍ଟ, ଜୁଲାଇ ୨ରେ ଇରାକ ଓ ଜୁଲାଇ ୫ରେ ଥାଇଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଗ୍ରୁପ୍‌ର ବିଜେତା ୨୦୨୬ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏସିଆନ୍ କପ୍‌ର ମୁଖ୍ୟ ଟୁର୍ଣ୍ଣାମେଣ୍ଟକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।




## 'ପଟୌଦୀ' ଐତିହ୍ୟ ଅକ୍ଷୁଣ୍ଣ ରଖାଯାଉ: ସଚିନ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): କ୍ରିକେଟ୍‌ର ଭଗବନା ଭାବେ ବିବେଚିତ ହେଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ଏକ ଅନୁରୋଧ କରିଛନ୍ତି। ଯେଉଁଥିରେ ସେ କହିଛନ୍ତି, ଇଂଲଣ୍ଡ ମାଟିରେ ଭାରତୀୟ ଦଳ ଯେଉଁ ଟେଷ୍ଟ ସିରିଜ ଖେଳୁଛି ତାହାର ନାମକୁ ପଟୌଦୀ ଐତିହ୍ୟ ସହ ଅକ୍ଷୁଣ୍ଣ ରଖାଯାଉ। ପୂର୍ବରୁ ଉଭୟ ବିସିସିଆଇ ଓ ଇସିବି ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ନାମକୁ 'ଆଣ୍ଡରସନ-ତେନ୍ଦୁଲକର' ଟ୍ରଫି ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏମ୍‌ଏକେ ପଟୌଦୀଙ୍କ ନାମରେ ପୂର୍ବରୁ ପ୍ରଦାନ କରାଯାଉଥିବା 'ପଟୌଦୀ ଟ୍ରଫି'କୁ ଅବସର ଦିଆଯାଇଥିଲା। ଏବେ କିନ୍ତୁ ସଚିନଙ୍କ ଅନୁରୋଧ ପରେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଆଗାମୀ ଟେଷ୍ଟ ସିରିଜର ବିଜୟୀ ଅଧିନାୟକ କିମ୍ବା ଶ୍ରେଷ୍ଠ ଖେଳାଳିଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛି।

■ ଜାତୀୟ ବଡିବିଲ୍ଡିଂ

## ପିଙ୍କି ଚାମ୍ପିଅନ; ଜିତେନ୍ଦ୍ରଙ୍କୁ ୨ ରୌପ୍ୟ

ଭୁବନେଶ୍ୱର, ୧୬।୬ (ସମିସ): ଉତ୍ତର ପ୍ରଦେଶର ଗାଜିଆବାଦ୍‌ଠାରେ ଦ୍ୱିତୀୟ ମିଷ୍ଟର ଇଣ୍ଡିଆ ବଡିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସିନିଅର ବଡିବିଲ୍ଡିଂ ଓ ଫିଜିକ୍ସ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପିଙ୍କି ବେହେରା ଓ ଜିତେନ୍ଦ୍ର ବାରିକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମହିଳା ବଡିବିଲ୍ଡିଂରେ ପିଙ୍କି ଚାମ୍ପିଅନ ହୋଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ଜିତେନ୍ଦ୍ର ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ପୁରୁଷ ଫିଜିକ୍ସ ୬୫ କିଗ୍ରା ଓ ୭୫ କିଗ୍ରାରେ ଏହି ସଫଳତା ପାଇଛନ୍ତି।

## ଯମଜ ପୁତ୍ର ସନ୍ତାନର ପିତା ହେଲେ ନୀତୀଶ

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ନୀତୀଶ ରାଣାଙ୍କ ଲାଗି ଖୁସି ଖବର। ପ୍ରଥମଥର ଲାଗି ପିତୃତ୍ୱ ଲାଭ କରିଛନ୍ତି ଏହି ବାମହାତୀ ବ୍ୟାଟର୍। ନୀତୀଶଙ୍କ ପତ୍ନୀ ସାଚି ମାରୱାହ ଯମଜ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ସୋମବାର ନୀତୀଶ ଏହି ଖୁସି ଖବରକୁ ତାଙ୍କ ପ୍ରଶଂସକଙ୍କୁ ଶେୟାର କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ପାଇଁ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନୀତୀଶ ଗତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୯ରେ ସେ ଇଣ୍ଟେରିୟର ଡିଜାଇନର ସାଚିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସାଚି ମାତୃତ୍ୱ ଲାଭ କରିବାକୁ ଯାଉଥିବା ସୂଚନା ନୀତୀଶ ଗତ ମାର୍ଚ୍ଚରେ ପ୍ରଶଂସକଙ୍କୁ ଜଣାଇଥିଲେ।



### ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟୁର୍

## ଦଳ ସହ ଆଜି ଯୋଗଦେବେ ଗମ୍ଭୀର

ଲଣ୍ଡନ,୧୬।୬ (ଏଜେନ୍ସି): ବ୍ୟକ୍ତିଗତ କାରଣ ଲାଗି ସ୍ୱଦେଶ ଫେରିଥିବା ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଆସନ୍ତାକାଲି ବା ମଙ୍ଗଳବାର ଲଣ୍ଡନରେ ଦଳ ସହ ଯୋଗଦେବେ। ଗମ୍ଭୀର ମା' ମେଡିକାଲରେ ଭର୍ତ୍ତି ହେବାରୁ ସ୍ୱଦେଶ ଫେରି ଆସିଥିଲେ। ଏବେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହେବାରୁ ସେ ଲଣ୍ଡନ ଆସିଛନ୍ତି। କେଣ୍ଟରେ ଭାରତ-ଏ' ସହ ସିନିୟର ଦଳ ଖେଳିଥିବା ଅଭ୍ୟାସ ମ୍ୟାଚ୍ ଆଜି ଶେଷ ହୋଇଛି। କିନ୍ତୁ ଏହାର ଫଳାଫଳ ସମ୍ପର୍କରେ କୌଣସି ତଥ୍ୟ ଅବଗତ କରାଯାଇନାହିଁ। କିନ୍ତୁ ଏହି ମ୍ୟାଚ୍ ଖେଳାଳିଙ୍କ ଲାଗି ବେଶ ଲାଭଜନକ ହୋଇଛି ବୋଲି ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ ମ୍ୟାଚ୍‌ରେ ଦାୟିତ୍ୱ ତୁଲାଇଥିଲେ। ଟେଷ୍ଟ କ୍ରିକେଟ୍‌ରୁ ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଅବସର ନେବା ପରେ ତାଙ୍କ ଶୂନ୍ୟସ୍ଥାନ ପୂରଣ ଲାଗି ପ୍ରଚେଷ୍ଟା ଚାଲିଛି। ଭାରତୀୟ ଦଳକୁ ଫେରିଥିବା କରୁଣ ନାୟାର ଓ ଆଦୌ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ସାଇ ସୁଦର୍ଶନ ଏହି ସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରି ନାୟାର ତାଙ୍କ ଦାବି ଉପସ୍ଥାପନ କରିଛନ୍ତି। ଅଭିମନ୍ୟୁ ଈଶ୍ୱରନ ଓ ଧ୍ରୁବ ଜୁରେଲ ମଧ୍ୟ ଭଲ ସ୍କୋର କରିଛନ୍ତି।

ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲିଡ୍ସରେ ଜୁନ୍ ୨୦ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଉଭୟ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ଖେଳାଇବା ଲାଗି ହରଜଭନ ସିଂହ ପରାମର୍ଶ ଦେଇଛନ୍ତି।

## ଅଶ୍ୱିନଙ୍କ ନାମରେ ବଲ୍ ଟାମ୍ପରିଂ ଅଭିଯୋଗ

ଚେନ୍ନଇ, ୧୬।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ତାମିଲନାଡୁ ପ୍ରିମିଅର ଲିଗ୍ (ଟିଏନ୍‌ପିଏଲ)ର ଚଳିତ ୯ମ ସଂସ୍କରଣରେ ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି। ସଦ୍ୟ ଏକ ରିପୋର୍ଟ ଅନୁଯାୟୀ, ଅଶ୍ୱିନଙ୍କ ନାମରେ ଗୁରୁତର ବଲ୍ ଟ୍ୟାମ୍ପରିଂ ଭଳି ଅଭିଯୋଗ ଆସିଛି। ସିଏଚେମ୍ ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏହି ଅଭିଯୋଗ ଟିଏନ୍‌ପିଏଲ୍ ନିକଟରେ ଲିଖିତ ଭାବେ କରାଯାଇଛି। ଅଶ୍ୱିନ ଡିଣ୍ଡିଗଲ୍ ଡ୍ରାଗନ୍ସ ଦଳର ନେତୃତ୍ୱ ନେଉଥିବାବେଳେ ଗତ ରବିବାର ମଦୁରାଇ ପାନ୍ଥର୍ସ ବିପକ୍ଷ ମ୍ୟାଚରେ ସେ ବଲ୍ ଟ୍ୟାମ୍ପରିଂ କରିଥିବା ଏହି ଅଭିଯୋଗରେ କୁହାଯାଇଛି। ଏହି ମ୍ୟାଚରେ ଫିଲ୍ଡିଂ ସମୟରେ ଡ୍ରାଗନ୍ସ ଅଧିନାୟକ ଅଶ୍ୱିନ ଯେଉଁ ଟାୱେଲରେ ବଲ୍‌କୁ ପୋଛୁଥିଲେ ସେଥିରେ କେମିକାଲ ବୋଳାଯାଇଥିଲା। ଯାହା ବଲ୍‌ର ସ୍ଥିତିକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା। ଟିଏନ୍‌ପିଏଲ୍ ପକ୍ଷରୁ ସିଇଓ ପ୍ରସନ୍ନା କନନ୍ ଏଭଳି ବଲ୍ ଟ୍ୟାମ୍ପରିଂ ଅଭିଯୋଗକୁ ଖଣ୍ଡନ କରିବା ସହ ମଦୁରାଇ ପାନ୍ଥର୍ସକୁ ପ୍ରମାଣ ମାଗିଛନ୍ତି।

### ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୬।୬ (ସମିସ): ଓଡ଼ିଶା ପାରାବ୍ୟାଡ୍‌ମିଣ୍ଟନ କ୍ରୀଡ଼ା ଲାଗି ଗର୍ବର ସମୟ। ଥାଇଲାଣ୍ଡରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ଏସିଆନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପରଞ୍ଜନ ବିଶୋଇ, ଜି ଦିଲାଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହାସନ ଖାନ୍। ଏମାନେ ଏସିଆ ମହାଦେଶର ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ମୁକାବିଲା କରିବେ। ଭାରତୀୟ ଦଳରେ ୪ଜଣ ଖେଳାଳି ସାମିଲ ହେବା ଅର୍ଥ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଦେଶ ତଥା ଦେଶ ବାହାରେ ଏକ ଶକ୍ତିହେବାକୁ ଯାଉଛି। ସରକାରୀ ସହାୟତା ଓ ପାରା କ୍ରୀଡ଼ା ସଂଗଠନର ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଥାଇଲାଣ୍ଡରେ ଗତକାଲି ଶେଷ ହୋଇଥିବା ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଦିଲାଶ୍ୱର ରାଓ ପୁରୁଷ ଯୁଗଳ ବିଭାଗରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେ ଏସ୍‌ଏଲ୩-୪ କାଟେଗୋରୀରେ ଦିନେଶ ରାଜେୟାଙ୍କ ସହ ମିଶି ଏହି ସଫଳତା ପାଇଥିଲେ। କାଂସ୍ୟ ପଦକ ମୁକାବିଲାରେ ନେପାଳର ଅଧିକାରୀ ପ୍ରକାଶ ଓ ଭୂଟାନର ଚେୟାଙ୍କ କୁଏନ୍‌ଚାପଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା।



## ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସ୍‌ଙ୍କ ଦ୍ୱାଦଶ ବିଶ୍ୱରେକର୍ଡ

ଷ୍ଟକହୋଲମ, ୧୬।୬ (ଏଜେନ୍ସି): ସ୍ୱିଡେନର ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୋଲ୍ ଭଲ୍ଟରେ ପୁଣିଥରେ ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଘରୋଇ ମାଟିରେ ରବିବାର ଅନୁଷ୍ଠିତ ଷ୍ଟକହୋଲମ୍ ଡାଏମଣ୍ଡ ଲିଗ୍‌ରେ ୨୫ ବର୍ଷୀୟ ଅର୍ମାଣ୍ଡ ୬.୨୮ ମିଟର ଉଚ୍ଚକୁ ଡେଇଁଥିଲେ। ଯାହାକି ପୁରୁଷ ପୋଲ୍ ଭଲ୍ଟରେ ନୂଆ ବିଶ୍ୱରେକର୍ଡ ହୋଇଛି। ଆମେରିକା ଜନ୍ମିତ ଡବଲ୍ ଅଲିମ୍ପିକ ଚାମ୍ପିଅନ ଡୁପ୍ଲାଣ୍ଟିସ ଏଥିସହ ୧୨ଥର ଲାଗି ନିଜ ନାମରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଫେବୃଆରୀ ୨୮ରେ ଫ୍ରାନ୍ସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ସେ ୬.୨୭ ମିଟର ଡେଇଁ ନୂଆ ରେକର୍ଡର ଅଧିକାରୀ ରହିଥିଲେ। ୨୦୨୦ ମସିହାରେ ଡୁପ୍ଲାଣ୍ଟିସ ୬.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମଥର ଲାଗି ବିଶ୍ୱରେକର୍ଡ କରିଥିଲେ।

### ଖଣ୍ଡିତର ସର୍ବଭାରତୀୟ କବାଡ଼ିରେ ବର୍ଷା ପ୍ରତିବନ୍ଧକ

# ମହିଳା ଫାଇନାଲରେ କୋଲକାତାର ପୂର୍ବ ରେଳବାଇ

ରସୁଲପୁର,୧୬।୬ (ସମିସ):

ଓଡ଼ିଶାରେ ସବୁଠାରୁ ସମ୍ମାନଜନକ ଓ ବୃହତ୍ କବାଡ଼ି ଟୁର୍ଣ୍ଣାମେଣ୍ଟ ହେଉଛି ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ୭୭ ବର୍ଷ ଧରି ଖଣ୍ଡିତରଠାରେ ଆୟୋଜିତ ହୋଇଆସୁଥିବା ସର୍ବଭାରତୀୟ ପ୍ରତିଯୋଗିତା। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଏହି ପ୍ରତିଯୋଗିତା ଧୂମଧାମ୍‌ରେ ଆରମ୍ଭ ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବା ପୂର୍ବରୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପର୍ବ ଶେଷ ରଜରେ ଏହି ପ୍ରତିଯୋଗିତା ହୋଇଥାନ୍ତା ଉଦ୍‌ଯାପିତ। କିନ୍ତୁ ବର୍ଷା ସାଜିଲା ପ୍ରତିବନ୍ଧକ। ସୋମବାର ସକାଳେ ମହିଳା ବିଭାଗରେ ଗୋଟିଏ ସେମିଫାଇନାଲ ଓ ପୁରୁଷ ବିଭାଗରେ ବାକିଥିବା ୨ଟି କ୍ୱାର୍ଟର ଫାଇନାଲ ଶେଷ ହୋଇଥିଲା। ଅପରାହ୍ଣରେ ଖେଳାଯିବାକୁ ଥିବା ନକ୍‌ଆଉଟ ମ୍ୟାଚ୍ ଆରମ୍ଭ ପୂର୍ବରୁ ହୋଇଥିଲା ପ୍ରବଳ ବର୍ଷା ଓ ପବନ। ଆୟୋଜକ ଯାଜପୁର କବାଡି ସଂଘର ସମସ୍ତ ଚେଷ୍ଟା ସତ୍ତ୍ୱେ ମ୍ୟାଚ୍ ଉପରେ ମ୍ୟାଚ୍ ଆୟୋଜନ କରିବା ସମ୍ଭବ ହୋଇପାରି ନଥିଲା। ଶେଷରେ ମ୍ୟାଚକୁ ବାହାର କରାଯାଇ ଖାଲି ମାଟିରେ ବାକିଥିବା ମ୍ୟାଚ୍‌କୁ ଶେଷ କରାଯିବା ଲାଗି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରିପୋର୍ଟ ଲେଖା ହେଲା ବେଳକୁ ମ୍ୟାଚ୍ ଆରମ୍ଭ ହୋଇ ପାରି ନ ଥିଲା।

ସୋମବାର ସକାଳେ ଭୁବନେଶ୍ୱରର କିଟ୍-କିସ୍‌କୁ ୩୪-୧୦ ପଏଣ୍ଟରେ ପରାସ୍ତ କରି ପୂର୍ବ ରେଳବାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ବିଭାଗରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଦକ୍ଷିଣ ପୂର୍ବ ରେଳବାଇ ଓ ପଶ୍ଚିମବଙ୍ଗର ଅଶୋକ ସଂଘ ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ପୁରୁଷ ବିଭାଗରେ ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ ବିଳାସପୁର ୫୯-୩୨ ପଏଣ୍ଟରେ ଭଞ୍ଜନଗରକୁ ଓ ଦିଲ୍ଲୀ ୩୮-୧୭ରେ କଟକ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଭୋପାଳ ଟିମ୍ ସହ ବିଳାସପୁରର ଓ ଦିଲ୍ଲୀ ସହ ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଟିମ୍‌ର ମୁକାବିଲା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୧.୫ ଲକ୍ଷ, ରନର୍ସ ଅପ୍ ଦଳକୁ ୧ ଲକ୍ଷ, ତୃତୀୟ ସ୍ଥାନିତ ଦଳକୁ ୬୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ମହିଳା ବିଭାଗରେ ଚାମ୍ପିଅନ ଦଳକୁ ୫୦,୦୦୦, ରନର୍ସ ଅପ ଦଳକୁ ୩୦,୦୦୦, ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ୧୦,୦୦୦ ଟଙ୍କା ଲେଖାଏଁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏହାଛଡ଼ା ବଡ଼ ବଡ଼ ଟ୍ରଫି ସହ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନାକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS